- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


◆VOLUME- 42 ◆ISSUE-169 ◆BHUBANESWAR ◆SUNDAY ◆15 DECEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୬୯ ◆ଭୁବନେଶ୍ୱର ◆ରବିବାର ◆୧୫ ଡିସେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦ (ସିନ୍ଦୁରା ସହ)


# ଆଜି ଦୌଡ଼ିବ ଓଡ଼ିଶା

■ **ଭୁବନେଶ୍ୱର, ୧୪ ।୧୨ (ସମିସ):** ପାଦରେ ମିଶିବ ପାଦ; ଏକାସାଥୀରେ ଦୌଡ଼ିବ ଓଡ଼ିଶା । ଦୈନିକ ଓଡ଼ିଆ 'ସକାଳ'ର ଚତୁର୍ଥ ସ୍ୱନକ୍ଷତ୍ର ଉପଲକ୍ଷେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ରବିବାର ରାଜ୍ୟସ୍ତରୀୟ 'ମିନି ମାରାଥନ୍' ଆୟୋଜିତ ହେଉଛି । ଭୁବନେଶ୍ୱର ସମେତ କଟକ, ପୁରୀ, ରାଉରକେଲା, ବାଲେଶ୍ୱର, ଅନୁଗୋଳ, ଜୟପୁର ଏବଂ ବ୍ରହ୍ମପୁରରେ ସକାଳ ୬ଟାରୁ ଏହି ଗଣଦୌଡ଼ ଏକାସାଙ୍ଗରେ ଆୟୋଜନ ହେବ । ଏହାର ୧ ଘଣ୍ଟା ପୂର୍ବରୁ, ଭୋର୍ ୫ଟାରେ ପ୍ରତିଯୋଗୀମାନେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ନିଜ ନାମ ପଞ୍ଜୀକରଣ କରାଇନେବାକୁ ଅନୁରୋଧ କରାଯାଇଛି ।

ସେହିପରି ପୂର୍ବରୁ ଆୟୋଜିତ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ନେଇ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ସକାଳ ୯ଟାରୁ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ଅନୁଷ୍ଠିତ ହେବ ।




'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ 'ମିନି ମାରାଥନ୍' ଓ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା

# ବିକଶିତ ଭାରତ ଲାଗି ୧୧ଟି ସଂକଳ୍ପ

## ସମ୍ବିଧାନରେ ୭୫ ଥର ସଂଶୋଧନ କରିଛି କଂଗ୍ରେସ: ମୋଦୀ



■ **ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି):** ଲୋକସଭାରେ ସମ୍ବିଧାନ ଉପରେ ଚାଲିଥିବା ଚର୍ଚ୍ଚାର ଦ୍ୱିତୀୟ ତଥା ଅନ୍ତିମ ଦିନରେ ଶାସକ ଏବଂ ବିରୋଧୀ ଗୋଷ୍ଠୀଙ୍କ ମଧ୍ୟରେ ଆଜି ପୁଣି ବାକ୍ୟୁଦ୍ଧ ଲାଗିଛି । ପରସ୍ପର ଉପରେ ଦୋଷ ଲଦାଲଦି ହୋଇଛନ୍ତି । ଏହାକୁ ନେଇ ଲୋକସଭାରେ ସରଗରମ ପରିସ୍ଥିତ ସୃଷ୍ଟି ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଉତ୍ତରରେ ଶ୍ରେଷ୍ଠ ଭାରତ ଓ ବିକଶିତ ଭାରତ ଲାଗି ୧୧ ସୂତ୍ରୀ ସଂକଳ୍ପ ଆଣିଛନ୍ତି । ଏହାଦ୍ୱାରା ଭାରତର ବିକାଶ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ଆଗତ କରିଥିବା ୧୧ ସୂତ୍ରୀ ସଂକଳ୍ପ ହେଲା: ଦେଶର ପ୍ରତ୍ୟେକ ନାଗରିକ ଓ ସରକାର ସେମାନଙ୍କ କର୍ତ୍ତବ୍ୟର ପାଳନ କରିବା ଉଚିତ । ସବ୍‌କା ସାଥ୍ ସବ୍‌କା ବିକାଶ, ଦୁର୍ନୀତି ପ୍ରତି ଶୂନ ସହନଶୀଳତା, ଆଇନ କାନୁନ ପ୍ରତି ସମ୍ମାନ, ଦାସ ମାନସିକତାରୁ ମୁକ୍ତି, ପରିବାରବାଦ ରାଜନୀତିର ଅବସାନ, ସମ୍ବିଧାନ ପ୍ରତି ସମ୍ମାନ, ଧର୍ମ ଭିତ୍ତିକ କୋଟାକୁ ପ୍ରତ୍ୟାଖ୍ୟାନ କରି ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥାକୁ ସୁରକ୍ଷା, ନାରୀଙ୍କ ନେତୃତ୍ୱରେ ▶ପୃଷ୍ଠା-୯

**ଲୋକସଭାରେ 'ସମ୍ବିଧାନ' ବିତର୍କ**

## ସରକାର ଯୁବପିଢ଼ିଙ୍କ ଆଙ୍ଗୁଳି କାଟୁଛନ୍ତି: ରାହୁଲ୍



■ **ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି):** ଲୋକସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଆଜି ପ୍ରଥମେ ସମ୍ବିଧାନ ଉପରେ ଆଲୋଚନା କରିଥିଲେ । ଏହାପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପାଳି ପଡ଼ିଥିଲା ବେଳେ ସେ ସମ୍ବିଧାନ ଏବଂ ମନୁସ୍ମୃତିକୁ ନେଇ ବିଜେପିକୁ ନିଶାଣ କରିଥିଲେ । ସମ୍ବିଧାନ ଏବଂ ପ୍ରାଚୀନ ହିନ୍ଦୁ ଧର୍ମୀୟ ଗ୍ରନ୍ଥ ମନୁସ୍ମୃତିକୁ ନେଇ ଭି ଡି ସାବରକର କହିଥିବା କିଛି କଥାକୁ ରାହୁଲ ଉଲ୍ଲେଖ କରି ବିଜେପି ଉପରେ ବର୍ଷିଥିଲେ । 'ସମ୍ବିଧାନରେ ଭାରତୀୟତାକୁ ନେଇ କିଛି ସ୍ଥାନ ଦିଆଯାଇ ନାହିଁ । ହିନ୍ଦୁ ସମାଜରେ ବେଦ ଉପନିଷଦ ପରେ ଯଦି କୌଣସି ଧର୍ମୀୟ ଗ୍ରନ୍ଥ ଅଧିକ ଗୁରୁତ୍ୱ ବହନ କରୁଥାଏ ତେବେ ତାହା ହେଉଛି ମନୁସ୍ମୃତି । ଏହି ଗ୍ରନ୍ଥକୁ ଆଧାର କରି ▶ପୃଷ୍ଠା-୯

**୯ ମାସ ପରେ ମିଳିଲେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ**

# ନ୍ୟାୟ ଅପେକ୍ଷାରେ ଓଡ଼ିଶା

■ **ଭୁବନେଶ୍ୱର, ୧୪।୧୨ (ସମିସ):** ଗତ ମାର୍ଚ୍ଚ ୮ ତାରିଖରେ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ ଏ.ଏମ. ଖାନୱାଲିକର ଇସ୍ତଫା ଦେବା ପରେ ଶୁକ୍ରବାର ଜଷ୍ଟିସ ବେଲା ଏମ୍ ତ୍ରିବେଦୀଙ୍କୁ ମହାନଦୀ ଟ୍ରିବ୍ୟୁନାଲର ନୂଆ ଅଧ୍ୟକ୍ଷ ରୂପେ ନିଯୁକ୍ତି ଦିଆଯାଇଛି । ୯ ମାସ ପରେ ଟ୍ରିବ୍ୟୁନାଲ ପୁନଃ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ବେଳେ ପୁଣିଥରେ ରାଜ୍ୟରେ ମହାନଦୀ ଚର୍ଚ୍ଚାକୁ ଫେରିଛି । ତେବେ ୨୦୧୮ ମସିହାରେ ଟ୍ରିବ୍ୟୁନାଲ ଗଠନ ହେବା ପରେ ମହାନଦୀ ମାମଲା ଯେପରି ଲମ୍ବିଲମ୍ବି ଚାଲିଛି; ତାକୁ ନେଇ ବିଶେଷଜ୍ଞ ଏବଂ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି । ପ୍ରତିବର୍ଷ ମହାନଦୀରୁ ଓଡ଼ିଶାକୁ ଇନ୍‌ଫ୍ଲୋ କମୁଥିବା ବେଳେ ଛତିଶଗଡ଼ ଉପରମୁଣ୍ଡରେ ବେଧଡ଼କ ଭାବେ ନିର୍ମାଣ କାର୍ଯ୍ୟ ଜାରି ରଖିଛି । ଅନ୍ୟପକ୍ଷରେ ୩୬ ଶୁଣାଣି ସରିବା ପରେ ମଧ୍ୟ ଏହି ସମସ୍ୟାର ସମାଧାନ ସୂତ୍ର ବାହାରି ପାରିନାହିଁ । ଆଉ ଟ୍ରିବ୍ୟୁନାଲ ଯେପରି ମାମଲାକୁ ବିଳମ୍ବିତ କରି ଚାଲିଛି, ସେହିଧାରା ବଜାୟ ରହିଲେ ମହାନଦୀ ମରୁଭୂମି ପାଲଟିଯିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି ।

ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଛନ୍ତି ଯେ ମହାନଦୀକୁ ଜଳ ପ୍ରବାହ ବର୍ଷକୁ ବର୍ଷ କମୁଛି । ଉପରମୁଣ୍ଡରେ ଛତିଶଗଡ଼ ପ୍ରକଳ୍ପ ପରେ ପ୍ରକଳ୍ପ କରି ଚାଲିଛି । ▶ପୃଷ୍ଠା-୯


**ମହାନଦୀ ଜଳବିବାଦ**

**ବିଚାର ପ୍ରକ୍ରିୟା ବିଳମ୍ବିତ ହେଲେ ମରୁଭୂମି ପାଲଟିବ ମହାନଦୀ: ବିଜେଡି**

**ରାଜ୍ୟରେ ପାଣି ସମସ୍ୟା ଭୟଙ୍କର ରୂପ ନେବାକୁ ଯାଉଛି: କଂଗ୍ରେସ**

**ଟ୍ରିବ୍ୟୁନାଲ ତୁରନ୍ତ ଅନ୍ତରୀଣ ରାୟ ପ୍ରଦାନ କରିବା ଆବଶ୍ୟକ: ବିଶେଷଜ୍ଞ**

# ଆଡ଼ଭାନୀ ଅସୁସ୍ଥ; ହସ୍ପିଟାଲରେ ଭର୍ତ୍ତି



■ **ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି):** ବର୍ଷୀୟାନ ବିଜେପି ନେତା ତଥା ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡ଼ଭାନୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାର ତାଙ୍କୁ ଆପୋଲୋ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି । ୯୭ ବର୍ଷୀୟ ଆଡ଼ଭାନୀଙ୍କୁ ଦୁଇ ଦିନ ତଳେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ହସ୍ପିଟାଲ ଅଣାଯାଇଥିଲା । କିନ୍ତୁ ଗତକାଲି ରାତିରେ ତାଙ୍କର ଅସୁସ୍ଥତାକୁ ନେଇ ପୁଣି ହସ୍ପିଟାଲରେ ▶ପୃଷ୍ଠା-୯


**ସିବିଆଇ ଦ୍ୱାରା ୧୦ ଲକ୍ଷ ଟଙ୍କା ଜବତ ମାମଲା**

# ଆଇଏଏସ୍ ବିଷ୍ଣୁପଦଙ୍କୁ ହାଜିରା ନୋଟିସ

**ବିଷ୍ଣୁପଦ ସେଠୀଙ୍କ ୨ ଡ୍ରାଇଭରଙ୍କୁ ସିବିଆଇର ପଚରାଉଚରା**

**ଘର ଓ ଅଫିସ ଭିନ୍ନ ବିଷ୍ଣୁପଦ କୁଆଡ଼େ ଯାଉଥିଲେ ବୋଲି ପଚାରିଲେ**

■ **ଭୁବନେଶ୍ୱର, ୧୪ ।୧୨ (ସମିସ):** ରାଜଧାନୀର ଏକ ନାମୀ ହୋଟେଲ ସମ୍ମୁଖରେ ଏକ ଦାମୀ ଗାଡ଼ିରୁ ୧୦ ଲକ୍ଷ ଟଙ୍କା ଓ ବିପୁଳ ସୁନା ଅଳଙ୍କାର ଜବତ ଘଟଣା ଦିନକୁ ଦିନ ରୋଚକ ମୋଡ଼ ନେଉଛି । ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ୩ ଜଣଙ୍କ ସହ ଅନ୍ୟ କେଉଁମାନେ ସମ୍ପୃକ୍ତ, ସେ ସମ୍ପର୍କରେ ସିବିଆଇ ତଦନ୍ତ ଚଳାଇଛି । ଜବତ ହୋଇଥିବା ଏହି ୧୦ ଲକ୍ଷ ଟଙ୍କା ଟେଣ୍ଡର ଫିକ୍ସିଂ ସହ ଜଡ଼ିତ ଥିବା ସନ୍ଦେହରେ ଚାଲିଥିବା ତଦନ୍ତରେ ସହଯୋଗ କରିବାକୁ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କୁ ସମନ ଜାରି କରିଛି ସିବିଆଇ । ସେହିପରି ଶ୍ରୀ ସେଠୀ ବ୍ୟବହାର କରୁଥିବା ସରକାରୀ ଗାଡ଼ିଗୁଡ଼ିକର ଡ୍ରାଇଭରମାନଙ୍କ ନାମ ଓ ଠିକଣା ଗତକାଲି ରାଜ୍ୟ ସରକାରଙ୍କଠାରୁ ସିବିଆଇ ଲୋଡ଼ିଥିବାବେଳେ ଆଜି ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଜେରା କରିଛି । ଘର ଓ ଅଫିସ ଭିନ୍ନ ▶ପୃଷ୍ଠା-୯




# ସେନା ଶାସନ ଲଗାଇ କ୍ଷମତା ହରାଇଲେ



**ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ପାରିତ**

**ରାଷ୍ଟ୍ରପତି ୟୁନ ସୁକ୍ ଏବେ କ୍ଷମତା ଶୂନ୍ୟ**

**ପ୍ରଧାନମନ୍ତ୍ରୀଙ୍କ ହାତରେ ଅନ୍ତରୀଣ ଦାୟିତ୍ୱ**

ସିଓଲ,୧୪।୧୨(ଏଜେନ୍ସି): ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟୋଲଙ୍କ ବିରୋଧରେ ଆସିଥିବା ମହାଭିଯୋଗ ପ୍ରସ୍ତାବ ଶନିବାର ସଂସଦରେ ପାରିତ ହୋଇଛି। ଏହାପୂର୍ବରୁ ଏହି ପ୍ରସ୍ତାବ ସଂସଦରେ ଅଣାଯାଇଥିଲେ ମଧ୍ୟ ଆବଶ୍ୟକ ସମର୍ଥନ ଅଭାବରୁ ଏହା ପାରିତ ହୋଇପାରି ନଥିଲା। ତେବେ ଶନିବାର ସଂସଦର ସ୍ୱତନ୍ତ୍ର ଅଧିବେଶନରେ ୩୦୦ ସାଂସଦଙ୍କ ମଧ୍ୟରୁ ୨୦୪ ସାଂସଦ ଏହି ପ୍ରସ୍ତାବକୁ ସମର୍ଥନ ଜଣାଇଥିବାରୁ ଏହା ପାରିତ ହୋଇଛି। କେବଳ ୮୫ ସାଂସଦ ମହାଭିଯୋଗ ପ୍ରସ୍ତାବ ବିରୋଧରେ ଭୋଟ୍ ଦେଇଥିଲେ। ଏହି ପ୍ରସ୍ତାବ ପାରିତ ହେବା ପରେ ୟୁନଙ୍କ ନିକଟରୁ ସବୁ ଦାୟିତ୍ୱ କାଢି ନିଆଯାଇଛି। ସେ ଏବେ କ୍ଷମତାଶୂନ୍ୟ ହୋଇପଡ଼ିଛନ୍ତି। ତାଙ୍କ ସ୍ଥାନରେ ପ୍ରଧାନମନ୍ତ୍ରୀ ହାନ୍ ଡକ୍-ସୁଙ୍କୁ ଦାୟିତ୍ୱ ଦିଆଯାଇଥିଲା ବେଳେ ସେ ହିଁ ଅନ୍ତରୀଣ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିବେ। ଏହାପରେ ମହାଭିଯୋଗ ପ୍ରସ୍ତାବକୁ ନେଇ ସାମ୍ବିଧାନିକ ଅଦାଲତ ୟୁନ୍‌ଙ୍କ ବିରୋଧରେ ଯେଉଁ ନିଷ୍ପତ୍ତି ଦେବେ ତାହାକୁ ନେଇ ତାଙ୍କୁ ରାଷ୍ଟ୍ରପତି ପଦବୀରୁ ହଟାଯିବ କି ନା ତାହା ନିଷ୍ପତ୍ତି ହେବ। ଉଲ୍ଲେଖଯୋଗ୍ୟ ଯେ ଗତ ସପ୍ତାହରେ ଦେଶରେ ସାମରିକ ଶାସନ ଲାଗୁ କରିବାକୁ ଘୋଷଣା କରିଥିଲେ ୟୁନ୍। ବିରୋଧୀଙ୍କ ଉପରେ ଦୋଷ ଲଦି ସେ ଅଚାନକ ଭାବେ ଏଭଳି ଘୋଷଣା କରିଥିଲେ ହେଁ ଏହାର ମାତ୍ର କିଛି ଘଣ୍ଟା ମଧ୍ୟରେ ସାରା ଦେଶରେ ୟୁନଙ୍କ ବିରୋଧରେ ବିଦ୍ରୋହ ଦେଖାଯାଇଥିଲା। ଫଳରେ ମାତ୍ର କିଛି ଘଣ୍ଟାର ବ୍ୟବଧାନରେ ୟୁନ ନିଜର ଘୋଷଣା ପ୍ରତ୍ୟାହାର କରିନେଇଥିଲେ। ହେଲେ ଏହି ଘଟଣାକୁ ନେଇ ତାଙ୍କ ବିରୋଧରେ ସଂସଦରେ ବିରୋଧୀଙ୍କ ସମେତ କିଛି ଶାସକ ଦଳର ସଦସ୍ୟ ମହାଭିଯୋଗ ପ୍ରସ୍ତାବ ଆଗତ କରିଥିଲେ।

# ଶିକ୍ଷକଙ୍କୁ ଅପହରଣ, ବନ୍ଧୁକ ଦେଖାଇ ଜୋରଜବରଦସ୍ତ ବିବାହ

ପାଟନା,୧୪।୧୨(ଏଜେନ୍ସି): ବିହାରରେ ଜଣେ ଶିକ୍ଷକ ସ୍କୁଲ ଯାଉଥିଲା ବେଳେ ତାଙ୍କୁ ପ୍ରଥମେ ଅପହରଣ ଏବଂ ପରେ ପରେ ବନ୍ଧୁକ ମୁନରେ ଜଣେ ଯୁବତୀଙ୍କ ସହ ବିବାହ କରାଯିବା ଘଟଣା ପୁଣି ସାମ୍ନାକୁ ଆସିଛି। ଅବନୀଶ କୁମାର ନାମକ ଯୁବକ ନିକଟରେ ବିହାର ଲୋକସେବା ଆୟୋଗ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ସରକାରୀ ସ୍କୁଲରେ ଶିକ୍ଷକ ଭାବେ ନିଯୁକ୍ତ ହୋଇଥିଲେ। ଗତକାଲି ସେ ସ୍କୁଲ ଯାଉଥିଲା ବେଳେ ବାଟରେ ତାଙ୍କ ଗାଡି ଅଟକାଇ ଅବନୀଶଙ୍କୁ ଅପହରଣ କରିନିଆଯାଇଥିଲା। ଦୁଇଟି ସ୍କର୍ପିଓରେ ଆସିଥିବା ୧୨ ଜଣ ଯୁବକ ଅବନୀଶଙ୍କୁ ଟେକି ନେଇଯିବା ସହିତ ତାଙ୍କୁ ମାଡ଼ ମାରିଥିଲେ। ପରେ ପରେ ଗୁଞ୍ଜନ ନାମ୍ନୀ ଜଣେ ଯୁବତୀଙ୍କୁ ସହିତ ବନ୍ଧୁକ ଦେଖାଇ ବିବାହ କରାଯାଇଥିଲା ବୋଲି ଜଣାପଡ଼ିଛି। ତେବେ ଅବନୀଶ ଶିକ୍ଷକ ଭାବେ ନିଯୁକ୍ତି ପାଇବା ପୂର୍ବରୁ ଗୁଞ୍ଜନଙ୍କ ସହ ତାଙ୍କୁ ସମ୍ପର୍କ ଥିଲା ବୋଲି କୁହାଯାଉଛି। ଗୁଞ୍ଜନଙ୍କ ଘର ଲକିସରାଇ ଜିଲ୍ଲାରେ ହୋଇଥିଲା ବେଳେ ଅବନୀଶଙ୍କ ଘର ବେଗୁସରାଇ ଜିଲ୍ଲାରେ। କିନ୍ତୁ ଅବନୀଶଙ୍କ ସହ ବିଗତ ୪ ବର୍ଷ ଧରି ସମ୍ପର୍କ ରହିଥିଲା ଏବଂ ଏହି ସମୟରେ ସେମାନେ ବହୁବାର ହୋଟେଲରେ ରହିବା ସହିତ ଅବନୀଶଙ୍କ ଘରକୁ ମଧ୍ୟ ଯାଇଛନ୍ତି ବୋଲି ଗୁଞ୍ଜନ ଅଭିଯୋଗ କରିବା ପରେ ତାଙ୍କ ପରିବାର ଲୋକେ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ଏପରିକି ଚାକିରି ମିଳିବା ପରେ ଅବନୀଶ ଗୁଞ୍ଜନଙ୍କୁ ବିବାହ କରି ସଂସାର ଗଢିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରେ ପରେ ଆଉ ଧରାଛୁଆଁ ଦେଇ ନଥିଲେ। ଏପରିକି ଗୁଞ୍ଜନଙ୍କ ସହ ତାଙ୍କର ବିବାହ ସମ୍ଭବ ନୁହେଁ ବୋଲି ଅବନୀଶ କହିଥିଲେ।

# ସନ୍ଦୀପଙ୍କୁ ଜାମିନ ମିଳିବା ପରେ ପୁଣି ବିକ୍ଷୋଭ

କୋଲକାତା,୧୪।୧୨(ଏଜେନ୍ସି): କୋଲକାତା ଆରଜିକେ ହସ୍ପିଟାଲ ଡାକ୍ତର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଗତକାଲି ଏହି ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷ ଏବଂ ତଲା ଥାନା ଭାରପ୍ରାପ୍ତ ପୁଲିସ ଅଧିକାରୀ ଅଭିଜିତ ମଣ୍ଡଳଙ୍କୁ ସ୍ଥାନୀୟ ସିଆଲଦା କୋର୍ଟ ଜାମିନ ଦେଇଥିଲେ। ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ଘଟଣାକୁ ଇତିମଧ୍ୟରେ ୪ ମାସ ପୂରିଥିଲେ ମଧ୍ୟ ଘଟଣାର ଯାଞ୍ଚ ଦାୟିତ୍ୱ ନେଇଥିବା ସିବିଆଇ ଅଭିଯୁକ୍ତମାନଙ୍କ ବିରୋଧରେ ଚୂଡାନ୍ତ ଚାର୍ଜସିଟ୍ ଦେବାକୁ ସମର୍ଥ ହୋଇ ନଥିବାରୁ ଅଦାଲତ ଏହି ଦୁଇ ଜଣଙ୍କ ଜାମିନ ମଞ୍ଜୁର କରିଥିବା କୁହାଯାଇଥିଲା। ସିବିଆଇ ପ୍ରାଥମିକ ଚାର୍ଜସିଟ୍‌ରେ ସଞ୍ଜୟ ରୟଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇଥିଲା ବେଳେ ଏହି ଘଟଣାରେ ସନ୍ଦୀପ ଏବଂ ଅଭିଜିତଙ୍କ ଭୂମିକା ରହିଥିବା ଦର୍ଶାଇ ସେମାନଙ୍କୁ ମଧ୍ୟ ଗିରଫ କରିଥିଲା। ଏହାବ୍ୟତୀତ ଡାକ୍ତର ହତ୍ୟା ଘଟଣାକୁ ଚପାଇ ଦେବା ଏବଂ ପ୍ରମାଣ ଆଦି ନଷ୍ଟ କରିବାରେ ସନ୍ଦୀପ ଓ ଅଭିଜିତଙ୍କ ଭୂମିକା ରହିଥିବା ସିବିଆଇ ସେତେବେଳେ କହିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଅତିରିକ୍ତ ଚାର୍ଜସିଟ୍ ଦାଖଲ କରି ନଥିଲା। ଏଭଳି ସ୍ଥିତିରେ ଅଦାଲତ ଏହି ଦୁଇ ଜଣଙ୍କ ଜାମିନ ମଞ୍ଜୁର କରିଥିଲେ। ଏହାବ୍ୟତୀତ ପୀଡ଼ିତା ଡାକ୍ତରଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ବ୍ରିନ୍ଦା ଗ୍ରୋଭର ମଧ୍ୟ ଏହି ମାମଲା ଆଉ ଲଢିବେ ନାହିଁ ବୋଲି ମନା କରିଦେଇଥିଲେ। ଏଭଳି ସ୍ଥିତିରେ ମୃତ ଡାକ୍ତରଙ୍କ ପରିବାରକୁ ନ୍ୟାୟ ମିଳିପାରିବ ନାହିଁ ବୋଲି ଅଭିଯୋଗ କରି କୋଲକାତା ରାସ୍ତାରେ ପୁଣି ଆନ୍ଦୋଳନ ମୁଣ୍ଡ ଟେକିଛି। ଜୁନିୟର ଡାକ୍ତର ସଂଘ ପକ୍ଷରୁ ଶହ ଶହ ଡାକ୍ତର ଶନିବାର ସିଜିଓ କମ୍ପ୍ଲେକ୍ସସ୍ଥିତ ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି।

## ଜେଲରୁ ବାହାରିଲେ ଅଲ୍ଲୁ ଅର୍ଜୁନ

ହାଇଦରାବାଦ,୧୪।୧୨(ଏଜେନ୍ସି): ଗତକାଲି ହାଇକୋର୍ଟରୁ ଜାମିନ ପାଇବା ପରେ ଶନିବାର ଚଞ୍ଚଲଗୁଡା ଜେଲରୁ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ବାହାରିଛନ୍ତି। ଗତକାଲି ତାଙ୍କୁ ଜାମିନ ମିଳିଥିଲେ ବି ସେ ଜେଲରେ ରାତି କାଟିଥିଲେ।



କିନ୍ତୁ ଜାମିନ ମିଳିବା ସତ୍ତ୍ୱେ ଗତକାଲି କାହିଁକି ତାଙ୍କୁ ଜେଲ୍‌ରୁ ମୁକ୍ତ କରାଯାଇ ନଥିଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଜେଲ୍ କର୍ତ୍ତୃପକ୍ଷ ହାଇକୋର୍ଟଙ୍କ ଅର୍ଡର କପି ପାଇଥିଲେ ହେଁ ତାଙ୍କୁ ମୁକ୍ତ କରାଯାଇ ନ ଥିଲା। ତାଙ୍କୁ ଏମିତି ଅଟକ ରଖାଯିବା ବେଆଇନ ବୋଲି ଅଲ୍ଲୁ ଅର୍ଜୁନଙ୍କ ଓକିଲ କହିଛନ୍ତି । ଏହା ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ଓକିଲ କହିଛନ୍ତି। ତେବେ ଜେଲ୍‌ରୁ ମୁକୁଳିବା ପରେ ତାଙ୍କ ପ୍ରତି ସବୁ ମହଲରୁ ଯେଭଳି ସମର୍ଥନ ମିଳିଛି ସେଥିପାଇଁ ଅଲ୍ଲୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ସହିତ ସେ ପୁଣି ଥରେ ମୃତ ମହିଳାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସେ କହିଛନ୍ତି, ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ଥିଲା। ଯାହା ଘଟିଲା ସେଥିପାଇଁ ଆମେ ଦୁଃଖିତ। ତେବେ ପୀଡ଼ିତାଙ୍କ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇବାକୁ ସେ ପ୍ରସ୍ତୁତ ବୋଲି କହିଛନ୍ତି।

## ହଟ୍ ସ୍ପଟ୍

### ତୁଣ୍ଡରେ ଲଗାମ ରହୁନି

ଏମିତି ନେତା ବି ଅଛନ୍ତି, ଯେଉଁମାନେ କହିଲା ବେଳକୁ ଆଗପଛ କିଛି ଭାବୁ ନାହାନ୍ତି। ଯାହା ମନକୁ ଆସିଲା, କହିପକାଉଛନ୍ତି। କିଏ କଣ ଭାବୁଛି, ଭାବୁ। ସେମାନଙ୍କର କିଛି ଯାଏଆସ ନାହିଁ। ତୁଣ୍ଡରେ ଲଗାମ ରହୁନି। କିଛି ଦିନ ତଳେ ଲାଲୁ ପ୍ରସାଦ ଯାଦବ ବିହାର ମୁଖ୍ୟମନ୍ତ୍ରୀ ନୀତୀଶଙ୍କ ସଂପର୍କରେ ଯେଭଳି ମନ୍ତବ୍ୟ ଦେଲେ, ତାହା କେବଳ ବିରୋଧୀଙ୍କୁ ନୁହେଁ, ତାଙ୍କ ନିଜ ଦଳର ନେତାମାନଙ୍କୁ ମଧ୍ୟ ଖରାପ ଲାଗିଛି। ରାଜ୍ୟରେ ମହିଳାମାନଙ୍କ ଭୋଟ୍ ହାତେଇବା ପାଇଁ ଉଦ୍ଦେଶ୍ୟରେ ନୀତୀଶ 'ମହିଳା ସମ୍ବାଦ ଯାତ୍ରା'ର ଆୟୋଜନ କରିବାକୁ ଯାଉଛନ୍ତି। କିଛି ସାମ୍ବାଦିକ ଏସଂପର୍କରେ ଲାଲୁଙ୍କର ପ୍ରତିକ୍ରିୟା ଜାଣିବାକୁ ଚାହିଁଥିଲେ। ଲାଲୁଙ୍କ ମୁହଁରୁ ବାହାରି ପଡ଼ିଲା, 'ଓ ନୈନ ସେକ୍‌ନେ ଜା ରହେ ହେଁ'। ବାସ ଏହାକୁ ନେଇ ବିହାର ରାଜନୀତିରେ ଝଡ଼। ବିରୋଧୀ ଦଳମାନେ ଲାଲୁଙ୍କ ଉପରେ ଧୁମ୍ ବର୍ଷିଛନ୍ତି। କିନ୍ତୁ ଲାଲୁ ଓ ନୀତୀଶଙ୍କ ଭିତରେ ଏମିତି ନୋକ୍‌ଝୋକ୍ ନୂଆଁ କଥା ନୁହେଁ। ଲାଲୁ କାହିଁକି ଏତେ ପିଲା ଜନ୍ମ କଲେ ବୋଲି ପ୍ରଶ୍ନ ଉଠାଇ ଥରେ ନୀତୀଶ କହିଥିଲେ ଯେ ବୋଧହୁଏ ଝିଅମାନଙ୍କ ଉପରେ ଭରସା ନଥିଲା। ପୁଅ ପାଇଁ ୯ଟା ଛୁଆ ଜନ୍ମ କରିଦେଲେ? ଏହାର ଉତ୍ତର ଦେଇଥିଲେ ଲାଲୁଙ୍କ ପୁଅ ତେଜସ୍ୱୀ। ନୀତୀଶଙ୍କୁ ପଚାରିଲେ, 'ଚାଚା କଣ ଝିଅମାନଙ୍କ ଉପରେ ଭରସା ହେଲାନି, ଗୋଟିଏ ପୁଅରେ ଅଟକିଗଲ?' ଏଥିରେ ଭୀଷଣ କ୍ଷୁବ୍ଧ ହୋଇପଡ଼ିଥିଲେ ନୀତୀଶ। ସତ କହିବାକୁ ଗଲେ ଏ ନେତାମାନଙ୍କୁ ଲାଜଫାଜ ନାହିଁ, ଯାହା ତୁଣ୍ଡରେ ଆସିଲା କହିପକାଇଲା। ରାଜନୀତିରେ ବିରୋଧୀଙ୍କୁ ଟାର୍ଗେଟ କରିବା ଲାଗି ସେମାନେ ବ୍ୟକ୍ତିଗତ ଭାବେ ଏତେ ନିମ୍ନ ସ୍ତରକୁ ଖସିଯାଉଛନ୍ତି। ଶୁଣିବାକୁ ବି ଲାଜ ଲଗୁଛି।

### ପାଦ ତଳୁ ମାଟି ଖସୁଛି

୪ ଜୁନ୍ ୨୦୨୪ର ଚମକ ଫିକା ପଡ଼ିବାରେ ଲାଗିଛି। ଫାଟ ସୃଷ୍ଟି ହେଲାଣି। ଆଉ ତାଙ୍କୁ ନେତା ଭାବେ ଗ୍ରହଣ କରିବାକୁ ଇଚ୍ଛା ହେଉନି। ନିକଟରେ ହରିଆଣା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ ଇଣ୍ଡିଆ ମେଣ୍ଟରେ ଏଭଳି ସ୍ଥିତି ଦେଖିବାକୁ ମିଳିଲାଣି। କଂଗ୍ରେସ ନେତା ରାହୁଲଙ୍କ ପ୍ରତି ଅଂଶୀଦାର ଦଳଙ୍କର ଏମିତି ବିତୃଷ୍ଣାଭାବ ଆସିଲାଣି। ସମସ୍ତେ ଏବେ ପଶ୍ଚିମ ବଙ୍ଗ ମୁହାଁ ହେଲେଣି। ଦିଦିଙ୍କୁ ମେଣ୍ଟର କମାଣ୍ଡାଣ୍ଟ କରିବା ଲାଗି ଅଭିଯାନ ଆରମ୍ଭ କରିଦେଲେଣି। ଦିଦି ବି ଖୁସି। କିନ୍ତୁ ୬ ମାସ ଭିତରେ ଏମିତି କଣ ହେଲା ଯେ ସହଯୋଗୀ ଦଳର ନେତାମାନେ ଏମିତି ପଲଟି ମାରୁଛନ୍ତି। ଜଣେ ନେତା କହିଲେ ଯେ ରାହୁଲ ଭଲ ଭଲ ପ୍ରସଙ୍ଗ ଉଠାଉଛନ୍ତି। ହେ।ଲେ ତାଙ୍କ ରଙ୍ଗଢଙ୍ଗ ଓ ଷ୍ଟାଇଲ୍ ସବୁ ବିଗାଡ଼ି ଦେଇଛି। ସେ ସହଯୋଗୀଙ୍କ କଥା ଶୁଣୁ ନାହାନ୍ତି। ଖାଲି ନିଜ କଥା ଅନ୍ୟମାନଙ୍କ ଉପରେ ଥୋପୁଛନ୍ତି। ସହଯୋଗୀ ଦଳର ମୁଖିଆମାନେ ଏହାକୁ ହଜମ କରିବା ସ୍ଥିତିରେ ନାହାନ୍ତି। ଜୁନ ୪ରେ ଲୋକସଭା ନିର୍ବାଚନ ପରେ ସେମାନେ ଭାବିଥିଲେ ରାହୁଲ ହିଁ ମୋଦୀଙ୍କୁ ଟକ୍କର ଦେଇପାରିବେ। କିନ୍ତୁ ହରିଆଣା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ସେମାନଙ୍କୁ ନିରାଶ କରିଛି। ଏଥିପାଇଁ ସେମାନେ ରାହୁଲଙ୍କୁ ହିଁ ଦାୟୀ କରୁଛନ୍ତି। ମମତା, ଅଖିଳେଶ, ପାୱାର ଏବଂ ଉଦ୍ଧବଙ୍କ ଲୋକେ ଏବେ ଖୋଲାଖୋଲି ଦିଦିଙ୍କ ଆଡ଼କୁ ଢଳିବାକୁ ଲାଗିଲେଣି।

### ଦୋଷ ମାନିଲେ ବିହାରୀ ବାବୁ

ମୁଁ ଜୀବନରେ ବହୁତ ବଡ଼ ଭୁଲ କରିଛି। ମୁଁ ମୋ ସ୍ତ୍ରୀକୁ ଠକିଛି। ଏହାକୁ ସ୍ୱୀକାର କରିବାରେ ମୋର କୌଣସି କୁଣ୍ଠା ନାହିଁ। ନିକଟରେ ଏକ ସାକ୍ଷାତକାର ବେଳେ ଜୀବନର ସତ୍ୟକୁ ଏଭଳି ଢଙ୍ଗରେ ଉଗାରିଛନ୍ତି ଅଭିନେତା ତଥା ସାଂସଦ ଶତ୍ରୁଘ୍ନ ସିହ୍ନା। ଏକ ସମୟରେ ଦୁଇ ଜଣ ମହିଳାଙ୍କ ସହିତ ସଂପର୍କ ରଖିଥିଲେ। ଅଭିନେତ୍ରୀ ରିନା ରାୟଙ୍କ ସଂପର୍କକୁ ନେଇ ସେ ତାଙ୍କ ପତ୍ନୀ ପୁନମଙ୍କୁ ଅନ୍ଧାରରେ ରଖିଥିଲେ। ଏହା ତାଙ୍କ ଜୀବନର ସବୁଠୁ ବଡ଼ ଭୁଲ ଥିଲା। ମୁଁ କାହାର ନାମ ନେଉନି। କିନ୍ତୁ ଯେଉଁ ମହିଳା ମୋ ଜୀବନର ଅଙ୍ଗ ଥିଲେ ସେମାନଙ୍କ ନିକଟରେ ମୁଁ କୃତଜ୍ଞ। ମୋତେ ଜଣେ ଭଲ ମଣିଷ କରିବା।ରେ ସେମାନଙ୍କ ଅବଦାନ ଭୁଲି ପାରିବି ନାହିଁ। କଣ କରିବି ଭୁଲ ତ କରିଛି। ପାଟନାରୁ ଆସି ବଲିଉଡ୍‌ର ଝଲମଲ ଦୁନିଆରେ ମୁଁ ହଜିଯାଇଥିଲି। ମୋତେ ଗାଇଡ୍ କରିବାକୁ କେହି ନଥିଲେ। ବିହାରୀ ବାବୁଙ୍କ ଏହି ସାକ୍ଷାତକାର ଏବେ ଚର୍ଚ୍ଚାର ବିଷୟ ହୋଇଛି। ପଶ୍ଚିମ ବଙ୍ଗରୁ ଦିଦିଙ୍କ ଦଳ ପକ୍ଷରୁ ସାଂସଦ ହୋଇଥିବା ବିହାରୀ ବାବୁଙ୍କୁ ଏବେ ରାଜନୀତିରେ କମ୍, ଗଣମାଧ୍ୟମ କାର୍ଯ୍ୟକ୍ରମରେ ବେଶି ଦେଖିବାକୁ ମିଳୁଛି।




## ମାଲକାନଗିରିକୁ ବୁଡ଼ାଇବ ପୋଲାଭରମ୍

# ଦୁର୍ବାର ଲଢ଼େଇ ଲାଗି ବିଜେଡିର ସଙ୍କଳ୍ପ

**ଭୁବନେଶ୍ୱର,୧୪।୧୨(ସମିସ):** ବିଜୁ ଜନତାଦଳ ପାଇଁ ଓଡିଶାର ସ୍ୱାର୍ଥ ସବୁଠୁ ଉପରେ। ଓଡିଶାକୁ ବିପଦ ମୁହଁକୁ ଠେଲି ଦେଉଥିବା ପୋଲାଭରମ୍ ପ୍ରସଙ୍ଗରେ ବିଜୁ ଜନତା ଦଳ ଲଢ଼େଇ କରିଛି ଆଉ ଆଗକୁ ମଧ ଲଢ଼ିବ। ମାଲକାନଗିରି ଜିଲ୍ଲା ପାଇଁ ସ୍ୱର ଶାଣିତ କରିବ ବିଜେଡି। ପୋଲାଭରମ ପ୍ରକଳ୍ପ ପ୍ରସଙ୍ଗରେ ଦିଲ୍ଲୀ ଗସ୍ତରୁ ଫେରିଥିବା ବିଜୁ ଜନତା ଦଳର ପ୍ରତିନିଧି ମଣ୍ଡଳୀଠାରୁ ବିସ୍ତୃତ ତଥ୍ୟ ନେବା ପରେ ଏହା କହିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ପୋଲାଭରମ ପ୍ରକଳ୍ପ ଦ୍ୱାରା ମାଲକାନଗିରି ଜିଲ୍ଲାର ଶତାଧିକ ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହେବ ବୋଲି ଆକଳନ କରାଯାଉଛି। ତେଣୁ ବିଜୁ ଜନତା ଦଳ ମାଲକାନଗିରି ଜିଲ୍ଲାର ସ୍ୱାର୍ଥରକ୍ଷା ପାଇଁ ସମସ୍ତ ଉଦ୍ୟମ କରିବ ଓ ପ୍ରତିନିଧି ମଣ୍ଡଳୀ ଦିଲ୍ଲୀରେ ଭେଟିଥିବା ଅଧିକାରୀମାନଙ୍କ ଠାରୁ ଉତ୍ତର ଆସିବା ପରେ ବିଜେଡି ତାର ପରବର୍ତ୍ତୀ କାର୍ଯ୍ୟକ୍ରମ ସ୍ଥିର କରିବ ବୋଲି ନବୀନ କହିଛନ୍ତି।

ପୋଲାଭରମ୍ ପ୍ରସଙ୍ଗରେ ବିଜେଡି ପ୍ରତିନିଧି ଦଳ ନୂଆଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ, ସଚିବ, ଆୟୋଗଙ୍କ ନିକଟରେ ଦାବି ଉଠାଇବା ପରେ ଓଡ଼ିଶା ଫେରିଛି। ନୂଆଦିଲ୍ଲୀରେ ଦଳୀୟ ପ୍ରତିନିଧିମାନେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର ପାଟିଲ, କେନ୍ଦ୍ର ଜଳ



- ରାଜ୍ୟ ପାଇଁ ବିପଦ ଆଣିବ ଏକତରଫା ନିଷ୍ପତ୍ତି
- ଦିଲ୍ଲୀ ଦରବାର ଉତ୍ତରକୁ ଅପେକ୍ଷା କରାଯାଇଛି

କମିଶନ, ଆଦିବାସୀ ବ୍ୟାପାର ବିଭାଗ ସଚିବ, ଜଙ୍ଗଲ ଓ ପରିବେଶ ସଚିବ, ଜାତୀୟ ଜନଜାତି କମିଶନଙ୍କୁ ଭେଟି ପୋଲାଭରମ ପ୍ରକଳ୍ପ ଯୋଗୁଁ ଓଡ଼ିଶାର ସମ୍ଭାବ୍ୟ କ୍ଷୟକ୍ଷତିର ବିସ୍ତୃତ ରିପୋର୍ଟ ପ୍ରଦାନ କରିଛନ୍ତି । ପ୍ରକଳ୍ପ ଯୋଗୁଁ ଓଡ଼ିଶାର ମାଲକାନଗିରି ଜିଲ୍ଲାର ପ୍ରାୟ ଶତାଧିକ ଗ୍ରାମ ଜଳମଗ୍ନ ହେବ ବୋଲି ଉଲ୍ଲେଖ କରିବା ସହିତ ଏହି ପ୍ରକଳ୍ପର କ୍ଷମତା ୩୬ ଲକ୍ଷ କ୍ୟୁସେକ ଜଳରୁ ଏକତରଫା ଭାବେ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରାଯାଇ ଥିବାରୁ ଓଡିଶା ପାଇଁ ଘୋର ବିପଦ ସୃଷ୍ଟି ହୋଇଛି । ଏହି କାରଣରୁ, ଓଡିଶା ବାରମ୍ବାର ସ୍ୱର ଉତ୍ତୋଳନ କରି ଆସୁଥିଲେ ହେଁ ପ୍ରକଳ୍ପର ପଛୁଆ ପାଣି କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହେବେ ବୋଲି ସର୍ଭେ କରାଯାଉ ନାହିଁ। ଜାତୀୟ ଜନଜାତି କମିସନ ଏହି ପ୍ରସଙ୍ଗକୁ ଗୁରୁତର ସହିତ ନେଇ ସେ ଅତିଶୀଘ୍ର ପ୍ରଭାବିତ ହେବାକୁ ଥିବା ମାଲକାନଗିରି ଜିଲ୍ଲା ଗସ୍ତ କରି ସ୍ଥିତିର ଆକଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଅନ୍ୟ ଅଧିକାରୀ ମାନେ ଓଡ଼ିଶାର ଆଶଙ୍କା ପ୍ରତି ବିଚାର କରାଯିବ ବୋଲି କହିଛନ୍ତି ।

ପ୍ରତିନିଧିମଣ୍ଡଳୀଠାରୁ ବିସ୍ତୃତ ତଥ୍ୟ ନେବା ପରେ ନବୀନ କହିଛନ୍ତି ଯେ ମାଲକାନଗିରି ଜିଲ୍ଲାର ସ୍ୱାର୍ଥ ରକ୍ଷା ପାଇଁ ବିଜୁ ଜନତା ଦଳ ସମସ୍ତ ଆବଶ୍ୟକ ପଦକ୍ଷେପ ନେବ। ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ସବୁବେଳେ ସ୍ୱର ଉତ୍ତୋଳନ କରି ଆସିଛି। ବିଜେଡି ପ୍ରତିନିଧି ମଣ୍ଡଳୀ ଭେଟିଥିବା ଅଧିକାରୀ ମାନଙ୍କଠାରୁ ଉଠାଯାଇଥିବା ପ୍ରସଙ୍ଗ ଉପରେ ଉତ୍ତର ଆସିବା ପରେ ବିଜେଡି ତାର କାର୍ଯ୍ୟକ୍ରମ ସ୍ଥିର କରିବ ବୋଲି ନବୀନ କହିଛନ୍ତି । ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଆଜି ନବୀନଙ୍କୁ ଭେଟିଥିବା ପ୍ରତିନିଧି ମଣ୍ଡଳୀରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ନିରଞ୍ଜନ ବିଶି, ସୁଭାଶିଷ ଖୁଣ୍ଟିଆ, ମିଡ଼ିଆ ସଂଯୋଜକ ଡ଼ଃ ପ୍ରିୟବ୍ରତ ମାଝୀ, ବିଧାୟକ ମନୋହର ରନ୍ଧାରୀ, ରମେଶ ମାଝୀ, ପ୍ରଦୀପ ମାଝି, ମାନସ ମାଡକାମୀ, ଭୃଗୁ ବକ୍ସିପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଭାବିତ ହେବ ଆଗାମୀ ବଜେଟ, ମନ୍ଥର ହେଲାଣି ବିକାଶମୂଳକ କାମ

# ୨୩ରୁ ଚାଲିବ ବିଭାଗୱାରୀ ମାନସମନ୍ଥନ

**ଭୁବନେଶ୍ୱର,୧୪।୧୨(ସମିସ):** ବଡ଼ ବଜେଟ ହେଉଛି; କିନ୍ତୁ କାମରେ ବିନିଯୋଗ ହେବା ବେଳକୁ ଛୋଟ। ଏବର୍ଷର ଅର୍ଥ କିପରି ଖର୍ଚ୍ଚ କରିବେ ଆଉ ଆଗାମୀ ବର୍ଷ ପାଇଁ ବଜେଟ କିପରି ହେବ, ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ସରକାର। ଚଳିତ ବର୍ଷ ବଜେଟ ବ୍ୟୟ ନିରୁତ୍ସାହଜନକ ଥିବା ବେଳେ ଆସନ୍ତା ଆର୍ଥିକ ବର୍ଷ ବଜେଟ ପ୍ରଭାବିତ ହେବା ଆଶଙ୍କା ଦେଖା ଦେଲାଣି। ଏପରିସ୍ଥିତିରେ ବିଭାଗୱାରୀ ସମୀକ୍ଷା କରିବାକୁ ସରକାର ଯୋଜନା କରୁଛନ୍ତି। ଚଳିତ ମାସ ୨୩ ତାରିଖରୁ ଜାନୁଆରୀ ୯ ତାରିଖ ଯାଏଁ ଚାଲିବ ମାନସମନ୍ଥନ। ଓଡ଼ିଶାର ଅର୍ଥନୈତିକ ସ୍ଥିତି ବର୍ତ୍ତମାନ ମଜବୁତ୍ ସତ୍ତ୍ୱେ ଏହାକୁ ବଳବତ୍ତର ରଖିବା ରାଜ୍ୟ ସରକାରଙ୍କ ପାଇଁ କାଠିକର ପାଠ ହେଲାଣି।

ନୂଆ ସରକାର ୬ ମାସ ପୂରଣ କରିଥିବା ବେଳେ ପ୍ରଥମ ବଜେଟ ଖର୍ଚ୍ଚ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଅନେକ ବିଭାଗ ମିଳିଥିବା ପାଣ୍ଠିରେ ଏପର୍ଯ୍ୟନ୍ତ ହାତ ମାରି ନାହାନ୍ତି। ପ୍ରମୁଖ ବିଭାଗଗୁଡିକରେ ବଜେଟ ବ୍ୟୟ ୩୦%ରୁ ୪୦% ମଧ୍ୟରେ ଅଛି। ଗୋଟେ ପଟେ ଟଙ୍କା ଖର୍ଚ୍ଚ ହୋଇପାରୁ ନାହିଁ; ଅନ୍ୟପଟେ ବାହାଦୁରି ନେବା ପାଇଁ ସରକାର ୧୨ ହଜାର କୋଟିର ଅତିରିକ୍ତ ବଜେଟ କାହା ପାଇଁ ଆଣୁଛନ୍ତି ବୋଲି ବିଧାନସଭାର ଶୀତ ଅଧିବେଶନରେ ବିରୋଧୀ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଅନ୍ୟପଟେ ବିଜେପି ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପାଳନ ପାଇଁ ୧୦ଟି ପ୍ରମୁଖ ମାନଦଣ୍ଡ ଆଧାରରେ ଟଙ୍କା ଖର୍ଚ୍ଚ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହାତରେ ଆଉ ମାତ୍ର ୩ ମାସ ସମୟ ବାକି ଥିବା ବେଳେ ଟଙ୍କା ଖର୍ଚ୍ଚ ହୋଇ ନ ପାରିଲେ ଫେରାଇବାକୁ ପଡ଼ିବ। ଏପରି ଅଡୁଆକୁ ନେଇ ଚିନ୍ତାରେ ଅର୍ଥ ବିଭାଗ। ମିଳିଥିବା ସୂଚନା ଅନୁସାରେ, ଚଳିତ ଅର୍ଥିକ ବର୍ଷରେ କମ୍ ଖର୍ଚ୍ଚ ହୋଇଥିବାରୁ ଗତ ମାସରେ ଅର୍ଥ ବିଭାଗ ସବୁ ବିଭାଗ ପାଇଁ ସଂଶୋଧିତ ବଜେଟ ପ୍ରଦାନ କରିଥିଲା। ତା' ସହିତ ୨୦୨୪-୨୫ ବଜେଟ ପାଇଁ ମଧ ବିଭାଗଗୁଡିକୁ ସର୍କୁଲାର ଜାରି କରାଯାଇଛି। ସେହି ଆଧାରରେ ସଂଶୋଧିତ ବଜେଟ ପ୍ରସ୍ତାବ ଚଳିତ ମାସ ୨୦ ତାରିଖ ସୁଦ୍ଧା ଯୋଜନା ଓ ସଂଯୋଜନ ବିଭାଗ ନିକଟରେ ଦାଖଲ କରିବା ପାଇଁ ଅର୍ଥ ବିଭାଗ ପକ୍ଷରୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ପ୍ରସ୍ତାବ ଆଧାରରେ ଅର୍ଥ ବିଭାଗ ପରବର୍ତ୍ତି ବଜେଟ ପାଇଁ ରଣନୀତି ପ୍ରସ୍ତୁତ କରିବ। ତା ପରେ ଚଳିତ ମାସ ୨୩ ତାରିଖରୁ ଜାନୁଆରୀ ୯ ତାରିଖ ମଧ୍ୟରେ ସବୁ ବିଭାଗର ପ୍ରସ୍ତାବ ପର୍ଯ୍ୟାୟକ୍ରମେ ସମୀକ୍ଷା କରାଯିବ।

ଅର୍ଥନୀତି ବିଶେଷଜ୍ଞଙ୍କ କହିବା ଅନୁସାରେ ନିର୍ବାଚନ ଥିଲେ ବଜେଟ ବ୍ୟୟରେ ବିଳମ୍ବ ଏକ ସାଧାରଣ କଥା। କିନ୍ତୁ ପୁରୁଣା ସରକାର ବଦଳରେ ନୂଆ ସରକାର ଆସିଥିବାରୁ ବଜେଟ ବ୍ୟୟ ଆହୁରି ପ୍ରଭାବିତ ହୋଇଛି। ସରକାରଙ୍କ ପାଇଁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିବ। କାରଣ ଯଦି ଏଥର ଅନୁଦାନ ଅର୍ଥ ଠିକ୍ ଭାବେ ଖର୍ଚ୍ଚ ନ ହେବ ତା ହେଲେ ଆଗାମୀ ବଜେଟ ପ୍ରଭାବିତ ହେବ। ବିଶେଷକରି ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ତେଣୁ ଚଳିତ ବଜେଟ ଅପେକ୍ଷା ଆଗାମୀ ବଜେଟ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି କୁହାଯାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭାର ଶୀତକାଳୀନ ଅଧିବେସନରେ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନାରେ ବଜେଟ ବ୍ୟୟରେ ମନ୍ଥରତାକୁ ନେଇ ବିଜେଡି ଓ କଂଗ୍ରେସ୍ ସରକାରଙ୍କୁ ଅଡୁଆରେ ପକାଇ ଥିଲେ। ସରକାର ଆଣିଥିବା ପୂର୍ଣ୍ଣାଙ୍ଗ ବଜେଟରୁ ୮୦ ରୁ ୯୦ ହଜାର କୋଟି ବଜେଟ ଟଙ୍କା ଖର୍ଚ୍ଚ ହୋଇପାରିବ ନାହିଁ। ୧୭ ବିଭାଗର ଖର୍ଚ୍ଚ ଆଶାତୀତ କମ୍ ବୋଲି କହି ବିରୋଧୀ ସମାଲୋଚନା କରିଥିଲେ। ସେହିପରି ଡବଲ ଇଞ୍ଜିନ୍ ସରକାର କେନ୍ଦ୍ରରୁ ଅର୍ଥ ଆଣିବାରେ ପଛରେ ପଡିଛି ବୋଲି କହି ସରାକରଙ୍କୁ ଘେରିଥିଲେ। ସବୁଠୁ ଅଧିକ ବ୍ୟୟ କରୁଥିବା ୧୭ଟି ବିଭାଗର ଖର୍ଚ୍ଚ ନୈରାଶ୍ୟଜନକ ଅଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ବଜେଟ ଖର୍ଚ୍ଚରେ ସବୁଠାରୁ ପଛରେ ପଡ଼ିଛି।

# ଜାଡ଼ରେ ଥରୁଛି ଓଡ଼ିଶା

**ଭୁବନେଶ୍ୱର,୧୪।୧୨(ସମିସ):** ରାଜ୍ୟରେ ଗତ୩-୪ ଦିନ ଧରି ରାତିରେ ସର୍ବନିମ୍ନ ତାପମାତ୍ରା ଅପେକ୍ଷାକୃତ ହ୍ରାସ ପାଇଛି। ଶୀତର ପ୍ରକୋପରେ ସାରା ଓଡ଼ିଶା ଥରୁଥିବା ବେଳେ ଆଗାମୀ ୨-୩ ଦିନ ଏପରି ସ୍ଥିତି ଲାଗି ରହିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ରାଜ୍ୟରେ ଆସନ୍ତା ୪୮ ଘଣ୍ଟା ଯାଏଁ ଶୀତ ଲହରୀ ଅନୁଭୂତ ହେବ। ଆସନ୍ତା ୨୪ ଘଣ୍ଟା ଅର୍ଥାତ୍ ୧୫ ତାରିଖ ରାତିରୁ ୧୬ ତାରିଖ ସକାଳ ଯାଏଁ ଝାରସୁଗୁଡ଼ା ଓ ସୁନ୍ଦରଗଡ଼କୁ ଶୀତ ଲବରୀ ଅନୁଭୂତ ହୋଇପାରେ। ଏଥିପାଇଁ ଉପରୋକ୍ତ ୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।


**ଆଜି ଝାରସୁଗଡ଼ା, ସୁନ୍ଦରଗଡ଼ରେ ଶୀତ ଲହରୀ ସମ୍ଭାବନା**

ସେହିପରି ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨୪ ଘଣ୍ଟାରେ କଳାହାଣ୍ଡି ଓ କନ୍ଧମାଳରେ ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର କୁହୁଡ଼ି ହେବାର ସମ୍ଭାବନା ରହିଛି। ଆଗାମୀ ୩ ଦିନ ପାଇଁ ସର୍ବନିମ୍ନ ତାପମାତ୍ରାରେ ପରିବର୍ତ୍ତନ ହେବାର ନାହିଁ। ପରେ ୨ରୁ ୫ ଡିଗ୍ରି ତାପମାତ୍ରା ବୃଦ୍ଧି ହେବାର ଅଛି। ଗତ ୨୪ ଘଣ୍ଟାରେ କିଛିକିଛି ସ୍ଥାନରେ ଘନକୁହୁଡ଼ି ଦୃଶ୍ୟମାନ ସହ ଶୀତର ପ୍ରକୋପ ଅନୁଭୂତ ହେଉଥିବା ବେଳେ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୭.୨ ଡିଗ୍ରି ରେକର୍ଡ ହୋଇଛି। ସେହିପରି ପାହାଡ଼ିଆ ଅଞ୍ଚଳ ଜି. ଉଦୟଗିରିରେ ୫.୨ ଡିଗ୍ରି ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଛି। ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୪ ଓ କଟକରେ ୧୨ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି। ଅପରପକ୍ଷେ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆଗାମୀ ୩ ଦିନ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ସମ୍ଭାବନା ନାହିଁ। ଏହା ପରଦିନ ରାଜ୍ୟବ୍ୟାପୀ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ।

# ୨୪ ଘଣ୍ଟା ହେଲା ଗୋଟିଏ ଜାଗାରେ 'ଜିନତ୍'

**ବାରିପଦା,୧୪।୧୨(ସମିସ):** ଶିମିଳିପାଳରୁ ଫେରାର୍ ବାଘୁଣୀ 'ଜିନତ୍' ଗତ ୨୪ ଘଣ୍ଟା ହେଲା ଗୋଟିଏ ଜାଗାରେ ରହିଛି। ସେଠାରୁ ଆଉ ଆଗକୁ ଯାଉନି କି ପଛକୁ ଫେରୁନି। ଓଡ଼ିଶା ସୀମାଠାରୁ ୫୦ କିମି ଦୂର ମଚାପଡ଼ିଆ ଓ ରାଜାବାସା ଜଙ୍ଗଲର ଗୋଟିଏ ସ୍ଥାନରେ ଡେରା ପକାଇ ରହିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ଡଃ ପ୍ରକାଶଚାନ୍ଦ ଗୋଗିନାନୀ ଏହି ସୂଚନା ଦେଇଛନ୍ତି। ଉଭୟ ରାଜ୍ୟର ବନ ବିଭାଗ ଟିମ୍ ତା'ର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। କିନ୍ତୁ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଘଞ୍ଚ ଜଙ୍ଗଲରେ ଜିନତ୍ ଥିବାରୁ ତାକୁ ଟ୍ରାକ୍ କରିହେଉନି। ଏହାକୁ ନେଇ ଉଭୟ ରାଜ୍ୟର ବନ ବିଭାଗ ଓ ଏସଟିଆର ଅଧିକାରୀଙ୍କ ଚିନ୍ତା ବଢ଼ିଛି। ଏହାସାଙ୍ଗକୁ ଗତ ୬ ଦିନ ହେଲା ସେ ଭୋକିଲା ଥିବାରୁ କୌଣସି ବଡ଼ଧରଣର ଅଘଟଣର ଆଶଙ୍କା ରହିଥିବା କୁହାଯାଉଛି।

**ବନବିଭାଗ ଓ ଏସ୍‌ଟିଆର ଅଧିକାରୀଙ୍କ ଚିନ୍ତା ବଢ଼ିଲା**








ଶନିବାର ସୂର୍ଯ୍ୟାସ୍ତ ସମୟରେ ଶ୍ରୀମନ୍ଦିର ଆକାଶର ରକ୍ତିମବର୍ଣ୍ଣ (ଫଟୋ: ଅନିଲ)

### କଟକ ଲିଙ୍କ୍ ରୋଡ୍‌ରେ ଅଘଟଣ

# ରାସ୍ତା ମଝିରେ ଜଳିଗଲା ମୋ ବସ୍'

**କଟକ, ୧୪।୧୨(ସମିସ):** ମଧୁପାଟଣା ଥାନା ଅନ୍ତର୍ଗତ ଲିଙ୍କ୍‌ରୋଡ୍‌ରେ ଆଜି ରାତିରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗି ଗୋଟିଏ ମୋ ବସ୍' ସମ୍ପୂର୍ଣ୍ଣ ଜଳିଯାଇଛି। ଖବର ପାଇ ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ବସ୍‌ଟିରେ କୌଣସି ଯାତ୍ରୀ ନଥିବାରୁ କେହି ମୃତାହତ ହୋଇନାହାନ୍ତି। ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀ ତୁରନ୍ତ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତ୍ୱରିତ ପଦକ୍ଷେପ ଯୋଗୁଁ ନିଆଁ ଅନ୍ୟ କୁଆଡ଼େ ବ୍ୟାପି ନଥିଲା।

ମିଳିଥିବା ସୂଚନାନୁଯାୟୀ, ରାତି ପ୍ରାୟ ୮ଟା ୪୦ରେ ଖପୁରିଆ ମାଛ ଗୋଦାମରୁ ମଧୁପାଟଣା ଛକ ଯିବା ରାସ୍ତାରେ ଏକ ଖାଲି ମୋ' ବସ୍ (ଓଡି-୩୩-ୟୁ-୭୧୧୧) ଛିଡ଼ା ହୋଇଥିଲା। ଡ୍ରାଇଭର୍ ଗାଡ଼ିରେ କିଛି ମରାମତି କାର୍ଯ୍ୟ କରୁଥିଲେ। ଏତିକିବେଳେ ଇଞ୍ଜିନ୍‌ରୁ ପ୍ରବଳ ଧୂଆଁ ବାହାରିଥିଲା। ଚାହୁଁ ଚାହୁଁ ଇଞ୍ଜିନ୍‌ଟି ଜଳି ଉଠିଥିଲା। ଏହାଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇ ଧାଁଦୌଡ଼ କରିଥିଲେ। ରାଜପଥ ପାର୍ଶ୍ୱ ମୁଖ୍ୟ ରାସ୍ତାରେ ଜଳନ୍ତା ବସ୍ ଯୋଗୁଁ ଯାତାୟାତ ପ୍ରଭାବିତ ହୋଇଥିଲା। କିଛି ସମୟ ଧରି ମୁଖ୍ୟ ରାସ୍ତା ସହ ମଧୁପାଟଣା ଫ୍ଲାଏଓଭର୍ ଦେଇ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଖବର ପାଇ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରରୁ ଗୋଟିଏ ଟିମ୍ ଆସି ଘଟଣାସ୍ଥଳରେ ପହଞ୍ଚିଥିଲା। ମାତ୍ର ସେତେବେଳକୁ ନିଆଁ ସମ୍ପୂର୍ଣ୍ଣ ବସ୍‌କୁ କବଳିତ



କରିସାରିଥିଲା। ଏପରିକି, ବସ୍‌ର ତେଲଟାଙ୍କି ଯାଏ ନିଆଁ ବ୍ୟାପିଯାଇଥିଲା। କୌଣସି ମୁହୂର୍ତ୍ତରେ ତେଲ ଟାଙ୍କି ଫାଟିବାର ଆଶଙ୍କା ସୃଷ୍ଟି ହୋଇଥିଲା। ଏଭଳି ସ୍ଥିତିରେ ଷ୍ଟେସନ୍ ଅଫିସର୍ ବିକାଶ ସାହୁଙ୍କ ନେତୃତ୍ୱରେ ୭ଜଣ କର୍ମଚାରୀ ଦୁଇ ଭାଗରେ ବିଭକ୍ତ ହୋଇ ନିଆଁ ଲିଭାଇଥିଲେ। ଗୋଟିଏ ଟିମ୍ ତେଲଟାଙ୍କି ପାର୍ଶ୍ୱକୁ ଫୋମ୍ ଲିକ୍ୟୁଇଡ ସ୍ପ୍ରେ' କରିଥିଲା ବେଳେ ଅନ୍ୟ ଟିମ୍ ଇଞ୍ଜିନ୍ ନିଆଁ ଉପରକୁ ପାଣି ମାଡ଼ କରିଥିଲେ। ଅଧ ଘଣ୍ଟା ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିଲା। ଅଗ୍ନିକାଣ୍ଡରେ ବସ୍‌ଟି ପୂରା ଜଳି ନଷ୍ଟ ହୋଇଯାଇଛି। ବସ୍‌ର ସମସ୍ତ ସିଟ୍, ଚକା ସହ କେତେକ ଲୁହା ସରଞ୍ଜାମ ବି ଜଳି ତରଳି ଯାଇଛି।

କିଛି ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ଉକ୍ତ ବସ୍‌ଟି ଅପରାହ୍ଣରୁ ସେହି ସ୍ଥାନରେ ଛିଡ଼ା ହୋଇଥିଲା। ଯାତ୍ରୀଙ୍କୁ ଧରି ଭୁବନେଶ୍ୱରରୁ ଫେରୁଥିଲା ବେଳେ ବସ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ସେହି ସ୍ଥାନରେ ଷ୍ଟାର୍ଟ ବନ୍ଦ ହୋଇଯିବାରୁ ଯାତ୍ରୀମାନେ ଗାଡ଼ିରୁ ଓହ୍ଲାଇ ଅନ୍ୟତ୍ର ବ୍ୟବସ୍ଥା କରିଥିଲେ। ସେଠାରେ ଚାଳକଜଣକ ଗାଡ଼ିର ମରାମତି କରୁଥିଲା ବେଳେ ଅଗ୍ନିକାଣ୍ଡ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଘଟଣା ପରଠୁ ଚାଳକ ସମେତ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ତେବେ ସର୍ଟ୍‌ସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଏସ୍‌ଓ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

### ବିଭାଗ ହାତରେ ଟଙ୍କା ନାହିଁ

# ସମସ୍ତଙ୍କୁ ମିଳିବନି ମୋଟରଚାଳିତ ତିନି ଚକିଆ ସାଇକଲ

**ଭୁବନେଶ୍ୱର,୧୪।୧୨(ସମିସ):** ଚଳିତ ବର୍ଷ ରାଜ୍ୟ ସରକାର ପୂର୍ବାପେକ୍ଷା ଅଧିକ ବଜେଟ ଆବଣ୍ଟନ କରିଛନ୍ତି। କିନ୍ତୁ ଗୋଟିଏ ପଟେ ଟଙ୍କା ଖର୍ଚ୍ଚ ହୋଇପାରୁ ନଥିବା ବେଳେ ଟଙ୍କା ନଥିବାରୁ ସହାୟତା କାର୍ଯ୍ୟକ୍ରମରେ କାଣ୍ଟଛାଣ୍ଟ କରାଯାଉଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗରେ ଏପରି ବିଚିତ୍ର ସ୍ଥିତି ଦେଖିବାକୁ ମିଳିଛି। ଏଥର ଦିବ୍ୟାଙ୍ଗମାନଙ୍କୁ ସରକାର ପ୍ରଦାନ କରୁଥିବା ମୋଟର ଚାଳିତ ତିନି ଚକିଆ ସାଇକଲ ବଣ୍ଟନ ପ୍ରଭାବିତ ହେବ। ଚଳିତ ଥର ଅତିକମ୍‌ରେ ୩୬୦୦ ମୋଟର ଚାଳିତ ତିନି ଚକିଆ ସାଇକଲ କ୍ରୟ ପାଇଁ ଲକ୍ଷ୍ୟ ରହିଥିଲା। କିନ୍ତୁ ଟଙ୍କା ନଥିବାରୁ କେବଳ ପୂର୍ବରୁ ହିତାଧିକାରୀ ଦାଖଲ କରିଥିବା ଆବେଦନ ଅନୁସାରେ ଏହା କ୍ରୟ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ପ୍ରତି ବର୍ଷ ଦୃଷ୍ଟିହୀନ ମେଧାବୀ ଛାତ୍ରଛାତ୍ରୀଙ୍କୁ ବିଭାଗ ଲ୍ୟାପଟପ୍ ବଣ୍ଟନ କରିଥାଏ। କିନ୍ତୁ ଅଦ୍ୟାବଧି ଲ୍ୟାପଟପ୍ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇନଥିବା ବେଳେ ଏବେ ମୋଟର ଚାଳିତ ତିନି ଚକିଆ ସାଇକଲ ବଣ୍ଟନରେ ବାଧା ସୃଷ୍ଟି ହେଲାଣି। ପ୍ରସ୍ତାବ ଅନୁସାରେ ପ୍ରତି ଜିଲ୍ଲାକୁ ଅନ୍ୟୁନ ୧୨୦ଟି ମୋଟର ଚାଳିତ ତିନି ଚକିଆ ସାଇକଲ ହିସାବରେ ୩୬୦୦ ୟୁନିଟ୍ କ୍ରୟ ପାଇଁ ପ୍ରସ୍ତାବ ରହିଥିଲା। ପ୍ରତି ସାଇକଲର ମୂଲ୍ୟ ୬୦ ହଜାର ଟଙ୍କା ମଧ୍ୟରେ ରହିବ ବୋଲି ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବଜେଟରେ ଟଙ୍କା ନଥିବାରୁ ଏତେ ସଂଖ୍ୟକ ମୋଟର ଚାଳିତ ତିନି ଚକିଆ

**୩୬୦୦ ୟୁନିଟ୍ ବଦଳରେ ଆବେଦନ ଅନୁସାରେ କ୍ରୟ ହେବ**

ସାଇକଲ କିଣିବା ସମ୍ଭବ ହେଉ ନାହିଁ। ଏପରିସ୍ଥଳେ କେବଳ ଭୀମ ଭୋଇ ସାମର୍ଥ୍ୟ ଶିବିରରେ ଯେତିକି ସଂଖ୍ୟକ ଆବେଦନ ଆସିଛି ସେହି ଅନୁସାରେ ସାଇକଲ କ୍ରୟ କରିବା ପାଇଁ କୁହାଯାଇଛି। ଯେଉଁ ହିତାଧିକାରୀ ୮୦%ରୁ ଅଧିକ ଅକ୍ଷମ ଥିବେ ସେମାନଙ୍କୁ ଭାରତ ସରକାରଙ୍କ ଏଆଇଡିପି ଯୋଜନା ଏବଂ ଯେଉଁମାନେ ଧାର୍ଯ୍ୟ ଅକ୍ଷମତା ବର୍ଗରେ ଆସୁଥିବେ ସେମାନଙ୍କୁ ବିବିଏସ୍‌ଏ ଯୋଜନାରେ ସାଇକଲ ପ୍ରଦାନ କରିବା ପାଇଁ କୁହାଯାଇଛି। ଅପରପକ୍ଷେ ରାଜ୍ୟର ପ୍ରମୁଖ ମେଡିକାଲ କଲେଜ ଓ ପିଜି ଅନୁଷ୍ଠାନରେ ପ୍ରଧାନମନ୍ତ୍ରୀ ଦିବ୍ୟାସା କେନ୍ଦ୍ର (ପିଏମ୍‌ଡିକେ) ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ଏହି କେନ୍ଦ୍ରରେ ଭାରତ ସରକାରଙ୍କ ଯୋଜନା ଅଧିନରେ ଦିବ୍ୟାଙ୍ଗ ତଥା ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ଉପକରଣ ଜରିଆ ଯୋଗାଇ ଦିଆଯିବ। ଏସ୍‌ସିବି, ଏମ୍‌କେସିଜି, ବୁର୍ଲା ମେଡିକାଲ ସମେତ ଭୁବନେଶ୍ୱର ଏମ୍ସ, କ୍ୟାପିଟାଲ ହସ୍ପିଟାଲ, ବାରିପଦା ଓ ପୁରୀ ମେଡିକାଲ କଲେଜରେ ପିଏମ୍‌ଡିକେ ସ୍ଥାପନ କରାଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ ବିବିଏସ୍‌ଏ ଶିବିରରେ ଅନେକ ଦିବ୍ୟାଙ୍ଗ ମୋଟର ଚାଳିତ ତିନି ଚକିଆ ସାଇକଲ ଏବଂ ଅନ୍ୟ ଉପକରଣ ପାଇଁ ଲମ୍ବା ଧାଡ଼ିରେ ଛିଡ଼ା ହେଉଛନ୍ତି। କିନ୍ତୁ ମାସ ମାସ ପରେ ବି ସମସ୍ତ ଆବେଦକଙ୍କୁ ମିଳିପାରୁ ନାହିଁ। ବାଧ୍ୟ ହୋଇ କିଏ ବିଧାୟକଙ୍କ ପାଖକୁ ଧାଉଁଛନ୍ତି ତ ଆଉ କିଏ ମନ୍ତ୍ରୀଙ୍କ ଦୁଆରେ ଗୁହାରି କରୁଛନ୍ତି। ଏପରିସ୍ଥଳେ ଟଙ୍କା ଅଭାବ ପାଇଁ ସାଇକଲ କ୍ରୟରେ କାଣ୍ଟଛାଣ୍ଟ କରିବା ଚକିତ କରୁଛି।

# ସାପ ଧରି ଡାକ୍ତରଖାନାରେ ପହଞ୍ଚିଲେ ଯୁବକ

**ସୋର,୧୪।୧୨(ସମିସ):** ବିଲରେ କାମ କରୁଥିବା ବେଳେ ସାପ କାମୁଡ଼ି ଦେବାରୁ ସାପକୁ ଧରି ଡାକ୍ତରଖାନାରେ ପହଞ୍ଚିଗଲେ ଯୁବକ। ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍‌ରେ ଘଟିଥିବା ଏପରି ଏକ ଘଟଣା ଆଜି ଚର୍ଚ୍ଚାର ବିଷୟ ହୋଇଛି। ଯୁବକଜଣଙ୍କ ହେଲେ, ପାଖର ପଞ୍ଚାୟତ ସାନ ବିରିପଡ଼ା ଗ୍ରାମର ଭରତ ବେହେରା। ଆଜି ମଧ୍ୟାହ୍ନରେ ଭରତ ବିଲରେ କାମ କରୁଥିଲେ। ଥକା ମେଣ୍ଟାଇବା ପାଇଁ ସେ ହିଡ଼ରେ ବସିଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଯୁବକମାନେ ସେଠାରେ ପହଞ୍ଚି ସାପଟିକୁ ମାରିଦେଇଥିଲେ। ପରେ ଭରତ ଉକ୍ତ ସାପଟିକୁ ଏକ ବ୍ୟାଗ୍‌ରେ ନେଇ ସୋର ଡାକ୍ତରଖାନାରେ ପହଞ୍ଚିଥିଲେ। ତେବେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



# କଣାସରେ ଜାପାନୀ ଜ୍ୱର

**କଣାସ,୧୪।୧୨(ସମିସ):** କଣାସ ବ୍ଲକ୍ ଗଡ଼ସାନପୁଟ ପଞ୍ଚାୟତର ଝାରକଟା ଗ୍ରାମରେ ଜାପାନୀ ଜ୍ୱରରେ ଜଣେ ୭୫ବର୍ଷୀୟ ବୃଦ୍ଧ ଆକ୍ରାନ୍ତ ହେବା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ଖେଳି ଯାଇଛି। ବୃଦ୍ଧଜଣଙ୍କ ବର୍ତ୍ତମାନ ରୋଗମୁକ୍ତ ହୋଇସାରିଥିଲେ ହେଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗତକାଲି ଗାଁରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିନୋଦ ବିହାରୀ ରଥ ଉକ୍ତ ବ୍ୟକ୍ତିଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରିବା

**ରୋଗୀଙ୍କୁ ଭେଟି ଗାଁରେ ସ୍ଥିତି ଅନୁଧ୍ୟାନ କଲେ ସ୍ୱାସ୍ଥ୍ୟ ଅଧିକାରୀ**

ସହ ଗ୍ରାମରେ ଆଉ କେଉଁମାନଙ୍କୁ ଜ୍ୱର ହୋଇଛି କି ନାହିଁ, ସେ ସଂପର୍କରେ ପଚାରି ବୁଝିଥିଲେ। ଡାକ୍ତର ରଥଙ୍କ ସହ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା, ସ୍ୱର୍ଣ୍ଣଲତା ରଥ ଓ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବୃଦ୍ଧଜଣକ ଜାପାନୀ ଜ୍ୱରରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇ ଫେରିଥିଲେ। କିନ୍ତୁ ପୁଣି ତାଙ୍କ ଦେହରେ ପୂର୍ବଭଳି ଲକ୍ଷଣ ଦେଖାଦେବାରୁ ପରିବାରଲୋକ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ।

### ମୃତ ମହିଳା ନର୍ଲା ତହସିଲଦାରଙ୍କ ଭଉଣୀ

# ଲୁଟ୍ ପାଇଁ ହତ୍ୟା!

**ନୟାଗଡ଼/ଦଶପଲ୍ଲା,୧୪।୧୨(ସମିସ):** ନୟାଗଡ଼ ଜିଲ୍ଲା ବାଣୀଗୋଚ୍ଛା ଥାନା କୁଜାମେଣ୍ଡି ପଞ୍ଚାୟତ ଗଙ୍ଗାଡିହ ଗାଁ ପାର୍ଶ୍ୱ ଜଙ୍ଗଲୀ ରାସ୍ତାରୁ ଗତକାଲି ଉଦ୍ଧାର ହୋଇଥିବା ମୃତ ମହିଳାଙ୍କ ପରିଚୟ ମିଳିଛି। ସେ ହେଲେ, କଳାହାଣ୍ଡି ଜିଲ୍ଲା ନର୍ଲା ତହସିଲଦାର ବଳଦେବ ବେହେରାଙ୍କ ଭଉଣୀ ସୁକାନ୍ତୀ ବେହେରା। ତାଙ୍କ ଘର କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଅନ୍ତର୍ଗତ ଡଟାଗୁଡ଼ା ଗାଁରେ। ୭ ବର୍ଷ ତଳେ ତାଙ୍କ ମା'ଙ୍କ ମୃତ୍ୟୁ ଘଟିଥିବା ବେଳେ ବାପା ଶିକ୍ଷକ ଅଭିମନ୍ୟୁ ବେହେରାଙ୍କ କିଛି ଦିନ ତଳେ ଦେହାନ୍ତ ହୋଇଛି। ଲୁଟ୍ ଉଦ୍ଦେଶ୍ୟରେ ତାଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏ ସଂପର୍କରେ ତହସିଲଦାର ଶ୍ରୀ ବେହେରାଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ରାସ୍ତାରେ ଥିବା ଏବଂ ମାନସିକ ଚାପଗ୍ରସ୍ତ ରହିଥିବାରୁ କୌଣସି ମତାମତ ଦେବାକୁ ମନା କରିଥିଲେ।



ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି ଯେ ସୁକାନ୍ତୀ ସୁଧ ବ୍ୟବସାୟ କରନ୍ତି। ଗତ ବୁଧବାର ମଧ୍ୟାହ୍ନରେ ସେ ଚକାପାଦ ହାଟକୁ ଆସିଥିଲେ। ତାଙ୍କ ବେକରେ ଏକ ଦାମୀ ସୁନାହାର ରହିଥିଲା। ଆସୁଥିବା ବେଳେ ସେ ଭଞ୍ଜନଗରରେ ରହୁଥିବା ଶିକ୍ଷୟିତ୍ରୀ ଭଉଣୀଙ୍କ ସେ ଫୋନ୍ କରି ଏ ସଂପର୍କରେ ସୂଚନା ଦେଇଥିଲେ। କିନ୍ତୁ କିଛି ସମୟ ପରେ ତାଙ୍କ ସହ ଆଉ

**ମୋବାଇଲ୍ ଓ ବେକରୁ ସୁନାଚେନ୍ ଗାଏବ୍**

ଯୋଗଯୋଗ ହୋଇପାରିନଥିଲା। ତାଙ୍କ ଫୋନ୍ ବନ୍ଦ ହୋଇଯାଇଥିଲା। ଗୁରୁବାର ସକାଳୁ ବୃଉଙ୍ଗ ପୋଲ ସନ୍ନିକଟ କାଙ୍କାଳି ପାହାଡ଼ ତଳି ଜଙ୍ଗଲ ରାସ୍ତାରୁ ଉଦ୍ଧାର କରାଯାଇଥିଲା। ତାଙ୍କ ଗଳା କଟା ଯାଇଥିବା ବେଳେ ପେଟ ଓ ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ଚିହ୍ନ ରହିଛି। ତେଣୁ ଲୁଟ୍ ଉଦ୍ଦେଶ୍ୟରେ ଦୁର୍ବୃତ୍ତମାନେ ତାଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ମୃତ୍ୟୁ ପରେ ସୁକାନ୍ତୀଙ୍କ ବେକରେ ସୁନାହାର କିମ୍ବା ତାଙ୍କ ମୋବାଇଲ ନଥିବାରୁ ଏପରି ସନ୍ଦେହ ଦୃଢ଼ୀଭୂତ ହୋଇଛି। ଏହାସହ ପୁଲିସ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ସୁଧ ବେପାରକୁ ନେଇ ତାଙ୍କ ସହ କାହାରି ଶତ୍ରୁତା ଥିଲା କି ନାହିଁ, ସେନେଇ ମଧ୍ୟ ତନାଘନା ଚଳାଇଛି।

ଏ ସଂପର୍କରେ ବାଣୀଗୋଚ୍ଛା ଥାନା ଭାରପ୍ରାପ୍ତ ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କ କହିଛନ୍ତି, ହତ୍ୟା ମାମଲା ରୁଜୁ କରାଯାଇଛି। ତଦନ୍ତ ପରେ ହତ୍ୟାକାରୀ ଓ କାରଣ ସଂପର୍କରେ ଜଣାପଡ଼ିବ ବୋଲି ସେ କହିଛନ୍ତି। ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ମହିଳାଜଣଙ୍କ ଜଣେ ଯୁବକଙ୍କ ବାଇକ୍‌ରେ ଆସିଥିବା ସୂଚନା ମିଳିଛି। ସେନେଇ ଖୋଳତାଡ଼ ଚାଲିଛି। ସେହିପରି ମହିଳାଙ୍କ ହତ୍ୟାକାଣ୍ଡ ସ୍ଥଳଠାରୁ ଅନତି ଦୂର ଜଙ୍ଗଲରେ ଦୁଇଜଣ ବସିବା ଭଳି ପତ୍ର ବିଛା ଯାଇଥିବାରୁ ସନ୍ଦେହ ବଢ଼ିଛି।

### ଆରାଇଜ୍ ସ୍କୁଲ ଶିକ୍ଷା ସମ୍ମିଳନୀ - ୨୦୨୪

# ଭାରତରେ ଜ୍ଞାନଦାନର ପରମ୍ପରା ସମୃଦ୍ଧ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୪।୧୨(ସମିସ):** ଭାରତରେ ଜ୍ଞାନର ବ୍ୟବସାୟ ନୁହେଁ ବରଂ ଜ୍ଞାନଦାନର ସମୃଦ୍ଧ ପରମ୍ପରା ରହିଛି। ବିଦ୍ୟାଳୟ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଦିଗରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସର୍ବଶିକ୍ଷା ଅଭିଯାନ ଦ୍ୱାରା ସ୍ଥାପିତ ସାମାଜିକ ପରିବର୍ତ୍ତନର ପରମ୍ପରାକୁ ଆଗକୁ ବଢ଼ାଇବା ଆମର ଦାୟିତ୍ୱ। ଶନିବାର "ଆରାଇଜ୍ ସ୍କୁଲ ଶିକ୍ଷା ସମ୍ମିଳନୀ – ୨୦୨୪"ର ଉଦଘାଟନୀ ଅଧିବେଶନରେ ବିଦ୍ୟାଳୟର ଶିକ୍ଷାବିତ୍ ସମୂହ ଓ ବୁଦ୍ଧିଜୀବୀ ମାନଙ୍କ ସହ ଆଲୋଚନା କରିବା ଅବସରରେ ଉପରୋକ୍ତ ମତ ରଖିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



ଶ୍ରୀ ପ୍ରଧାନ କହିଛନ୍ତି ଯେ ଘରୋଇ ବିଦ୍ୟାଳୟ ଓ କୋଚିଂ ଅପେକ୍ଷା ସରକାରୀ ବିଦ୍ୟାଳୟ ଶିକ୍ଷା ଉପରେ ପିଲା ଓ ଅଭିଭାବକଙ୍କ ଅଧିକ ବିଶ୍ୱାସ ରହିବା ଉଚିତ। ଏହି ସମସ୍ୟାର ସମାଧାନ ଅନ୍ୱେଷଣ କରିବାରେ ଆରାଇଜ୍ ଭଳି ଏକ ଫୋରମ୍ ଏକ ବଡ଼ ଭୂମିକା ଗ୍ରହଣ କରିପାରିବ। ଏଥିସହିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆମ ସ୍କୁଲର ବଳିଷ୍ଠ ଉଦ୍ୟମକୁ ବଢ଼ାଇବାରେ ଆରାଇଜ୍ ଏକ ଉତ୍ପ୍ରେରକ ହୋଇପାରିବ ବୋଲି ଉଲ୍ଲେଖ କରି ଦେଶର କୋଣ ଅନୁକୋଣରୁ ଡମି ସ୍କୁଲ ବନ୍ଦ କରିବା ପାଇଁ ସ୍କୁଲ ଶିକ୍ଷା ପରିବାର ସମୂହକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। ଜାତୀୟ ଶିକ୍ଷା ନୀତିର କାର୍ଯ୍ୟାନ୍ୱୟନରେ ନୂତନ ବେଞ୍ଚମାର୍କ ସ୍ଥାପିତ କରିବା, ଶିକ୍ଷକଙ୍କର କ୍ଷମତା ବିକାଶ କରିବା, ନୂତନ ଶିକ୍ଷାଗତ ପଦ୍ଧତି ଆଭିମୁଖ୍ୟ ତିଆରି କରିବା, ବଡ଼ ଆକାରରେ ନବୋନ୍ମେଷକୁ ପ୍ରୋତ୍ସାହିତ କରିବା, ପାଠ୍ୟପୁସ୍ତକ ଏବଂ ଶିକ୍ଷଣ ସାମଗ୍ରୀ ତିଆରି କରିବା ଏବଂ ଭାରତୀୟ ଭାଷାରେ ପଢ଼ାଇବା ପାଇଁ ଆମର ସ୍କୁଲ୍ ଶିକ୍ଷା ପ୍ରଣାଳୀକୁ ଅଗ୍ରଣୀ ଭୂମିକା ନିର୍ବାହ କରିବାକୁ ହେବ ବୋଲି ସେ କହିଛନ୍ତି ।

### ■ ୩୦ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧ ଲକ୍ଷ ୯୩ହଜାର ମାମଲା ଫଇସଲା

**କଟକ, ୧୪।୧୨(ସମିସ):** ଜାତୀୟ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟବ୍ୟାପୀ ୩୦ଗୋଟି ଜିଲ୍ଲା ଅଦାଲତ, ବିଭିନ୍ନ ଟ୍ରିବ୍ୟୁନାଲ, ତାଲୁକ ସ୍ତର ଅଦାଲତରେ ଆଜି ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧,୯୩,୪୬୩ଟି ମାମଲା ଫଏସଲା ହୋଇଛି ଓ ମୋଟ ୧୬୫ କୋଟି ୪୭ଲକ୍ଷ ୩୩ହଜାର୨୧୭ଟଙ୍କା କ୍ଷତିପୂରଣ ରାଶି ସ୍ଥିରୀକୃତ ହୋଇଛି। ପ୍ରାକ୍ ମକଦ୍ଦମା ସ୍ତରୀୟ ୫୯୨୩ଟି ମାମଲା ଓ ବିଚାରାଧୀନ ଅଦାଲତ ମାମଲା ୧୬୮୩୩ଟି ଓ ୧, ୭୦, ୭୦୭ଟି ରାଜସ୍ୱ ମାମଲା ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫଏସଲା କରାଯାଇଛି। ଫଏସଲା ହୋଇଥିବା ବିଚାରାଧୀନ ମାମଲାଗୁଡ଼ିକ ମଧ୍ୟରେ ୨୫୫ଟି ଫୌଜଦାରୀ (କ୍ରିମିନାଲ କମ୍ପାଉଣ୍ଡେବଲ), ଏନଆଇ ଆକ୍ଟ ମାମଲା ୧୪୪୩ଟି, ଋଣ ଅସୁଲି ମାମଲା ୭୫୫ଟି, ୬୨୦ଟି ବ୍ୟାଙ୍କ ଋଣ, ୧୦୪୬ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲା, ୫୧୪ଟି ପାରିବାରିକ ଓ ବୈବାହିକ ବିବାଦ(ବିବାହ ବିଚ୍ଛେଦ ବ୍ୟତୀତ), ୨୨ଟି ଜମି ଅଧିଗ୍ରହଣ ବିବାଦ, ୧୦୯୭୭ଟି ଅନ୍ୟାନ୍ୟ ଅପରାଧିକ ମାମଲା, ରାଜ୍ୟ ଶିକ୍ଷା ଟ୍ରିବ୍ୟୁନାଲ ମାମଲା ୧୦ଟି ଅନ୍ତର୍ଭୁକ୍ତ ବୋଲି ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ୍ ଅରିନ୍ଦମ ସିହ୍ନାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ରାଜ୍ୟର ବିଭିନ୍ନ ଜିଲ୍ଲା, ତାଲୁକ ଓ ଟ୍ରିବୁନାଲ ସ୍ତରରେ ଅନୁଷ୍ଠିତ ହୋଇଥିଲା।







■ ନିର୍ମାଲ୍ୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ

## ତିନି ଗୁରୁଙ୍କୁ ନିର୍ମାଲ୍ୟ ସମ୍ମାନ ପ୍ରଦାନ

ପୁରୀ,୧୪।୧୨(ସମିସ): ଭୁବନେଶ୍ୱରର ଶିକ୍ଷା, ଗବେଷଣା ଓ ଜ୍ଞାନ କେନ୍ଦ୍ର ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ନିର୍ମାଲ୍ୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଏବଂ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଭିନେତ୍ରୀ ଗୁନଗୁନ୍ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଗଙ୍ଗାମାତା ମଠ ମହନ୍ତ ବଳରାମ ଦାସ ଗୋସ୍ୱାମୀ, ଶ୍ରୀମନ୍ଦିର ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ସେବକ ଗୌରୀଶଙ୍କର ସିଂହାରୀ, ପରିଚୟ ଫାଉଣ୍ଡେସନର ସଭାପତି ଡ. ରୋଜାଲିନ ପାଟ୍ଟଶାଣୀ ମିଶ୍ର, ସଙ୍ଗୀତକାର ବିବୁ ଦାସ ଏବଂ ସମାଜସେବୀ ଜିନେସ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉତ୍ସବର ସଫଳତା ପାଇଁ ଆୟୋଜକମାନଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ବର୍ଷିୟାନ୍ ଓଡ଼ିଶୀ ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ, ସଙ୍ଗୀତ ଗୁରୁ ଗୌରାଙ୍ଗ ଚରଣ ଖୁଣ୍ଟିଆ, ନୃତ୍ୟଗୁରୁ ଅଶୋକ କୁମାର ଦାସଙ୍କୁ 'ନିର୍ମାଲ୍ୟ ସମ୍ମାନ' ଏବଂ ଅଭିନେତା ଶ୍ରୀତମ ଦାସଙ୍କୁ 'ଜ୍ଞାନ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

ସମ୍ପାଦିକା ରୀନା ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ନିର୍ମାଲ୍ୟ କୁମାର ଅତିଥି ପରିଚୟ ଏବଂ ସୁଧାଂଶୁ ଭୂଷଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ଅର୍ଘ୍ୟରେ ଅଭିନେତ୍ରୀ ଗୁନଗୁନ୍ ଏବଂ ତାଙ୍କ ସାଥୀଙ୍କ ଦ୍ୱାରା ମାହାରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁ ଗୌରାଙ୍ଗ ଚରଣ ଖୁଣ୍ଟିଆ ଓଡ଼ିଶୀ ସଙ୍ଗୀତରେ 'ନବ ନବିନା ଶ୍ୟାମ ଝୁରେ ତୋ' ବିନା' ସୁକାମିନୀ ନନ୍ଦଙ୍କ ରଚନାରୁ ପରିବେଷଣ କରିଥିଲେ। ପରେ ନୃତ୍ୟଗୁରୁ ବବିତା ଦାସ ଓ ସାଥୀଙ୍କ ଦ୍ୱାରା ନୃତ୍ୟାଭିନୟ 'ପୁତନା' ପରିବେଷଣ କରାଯାଇ ଉପସ୍ଥିତ କଳାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସେହିପରି ନବପ୍ରତିଭା ଅନୁଷ୍ଠାନ ପକ୍ଷରୁ ରାଧାରାଣୀ ସଙ୍ଗେ ନାଚେ ମୁରଲୀ ପାଣି, କଳା ମଣିମାହେ ଫୁଲ ଆଣିଛି ଏବଂ ଦେବୀ ବନ୍ଦନା ଉପରେ ଆଧାରିତ ନୃତ୍ୟ ପରିବେଷିତ ହୋଇଥିଲା। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସାଂସ୍କୃତିକ ସଙ୍ଗଠକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ।

## ପ୍ରକୃତି ବନ୍ଧୁଙ୍କୁ ମିଳିଲା 'କଳିଙ୍ଗ ସାଗର ସମ୍ମାନ'



ପୁରୀ,୧୪।୧୨(ସମିସ): ସେଭ୍ କୋଷ୍ଟାଲ ଲାଇଫ୍‌ର ମୁଖ୍ୟ ପ୍ରକୃତିବନ୍ଧୁ ସରୋଜ କୁମାର ଜେନାଙ୍କୁ ମିଳିଛି କଳିଙ୍ଗ ସାଗର ସମ୍ମାନ। ତିନିଦିନ ଧରି ପୁରୀ ବେଳାଭୂମିରେ ବେଲ୍ ପକ୍ଷରୁ ଆୟୋଜିତ ହୋଇଥିଲା ମହୋଦଧି ଦିବସ। ଏହି ଅବସରରେ ବିଚ୍ ଆଣ୍ଡ ଓସନ କାର୍ଣ୍ଣିଭାଲ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶ ବିଦେଶରୁ ୩୮୦ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଖେଳାଳିମାନେ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରିଥିଲେ। ବିଶେଷକରି ସମୁଦ୍ର ମଧ୍ୟରେ ହେଉଥିବା କ୍ରୀଡ଼ା ପ୍ରତିଯୋଗିତା ଅଧିକ ଆକର୍ଷଣୀୟ ହୋଇଥିଲା। ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ତେବେ ଗତ ଗୁରୁବାର ଉଦ୍‌ଯାପନୀ ଉତ୍ସବରେ ପ୍ରକୃତି ବନ୍ଧୁ ଶ୍ରୀ ଜେନାଙ୍କୁ ଅନୁଷ୍ଠାନ ପକ୍ଷରୁ ମିଳିଥିଲା 'କଳିଙ୍ଗ ସାଗର ସମ୍ମାନ'। ଶ୍ରୀ ଜେନା ସେଭ୍ କୋଷ୍ଟାଲ ଲାଇଫ୍ ସଙ୍ଗଠନ ପ୍ରତିଷ୍ଠା କରି ବେଳାଭୂମି, ଅଲିଭରିଡ୍‌ଲେଙ୍କ ସୁରକ୍ଷା ପାଇଁ କାମ କରୁଛନ୍ତି। ସେହିପରି ବିଭିନ୍ନ ସମୟରେ ବେଳାଭୂମି ସଫା କରୁଥିବା ବେଳେ ତଣ୍ଡାହାରରେ ନିଜେ ଝାଉଁ ଜଙ୍ଗଲ ତିଆରି କରିଛନ୍ତି। ଏହାବ୍ୟତୀତ ଶ୍ରୀ ଜେନା ବିଭିନ୍ନ ପ୍ରକାର ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିବା ବେଳେ ଆୟୋଜକ ଦି ବେଲ୍ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

## ଭୁଜାଲିରେ ଆକ୍ରମଣ ଅଭିଯୋଗ; ଜଣେ ଗିରଫ

ପୁରୀ,୧୪।୧୨(ସମିସ): ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଟାଉନ ଥାନା ପୁଲିସ। ସେ ହେଲା, ଜଗନ୍ନାଥ ବସ୍ତିରେ ରହୁଥିବା ମାର୍କଣ୍ଡେଶ୍ୱର ସାହିର ଶଙ୍କର ଓରଫ ବୁଲୁ ସାହୁ (୨୮)। ତା' ନିକଟରୁ ଗୋଟିଏ ଭୁଜାଲି ଜବତ କରିଛି ପୁଲିସ। ସୂଚନା ଅନୁଯାୟୀ, ଆଜି ସକାଳେ ମଣିମହାସୁଆର ବଗିଚା ନିକଟର ଅନିରୁଦ୍ଧ ସାମନ୍ତରାୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ ସେ ଲୋକନାଥ ରୋଡ୍‌ରେ ଯିବାବେଳେ ଗତକାଲି ସକାଳେ ଅଭିଯୁକ୍ତ ଭୁଜାଲି ଧରି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଏଥିରେ ସେ ଆହତ ହୋଇଥିଲେ। ଏନେଇ ଟାଉନ ଥାନାରେ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତକୁ ଗିରଫ ପରେ ଆଜି କୋର୍ଟ ଚାଲାଣ କରିଛି।

ଲାଭ ଖାଇ ହୋଟେଲ ମାଲିକ ଚୁପ୍

# ବାଜିରେ ଲାଗୁଛି ପର୍ଯ୍ୟଟକଙ୍କ ଜୀବନ

ପୁରୀ,୧୪।୧୨(ସମିସ)



### ସମୁଦ୍ର ସ୍ନାନବେଳେ ହେଉଛନ୍ତି ମୃତାହତ

### 'ନିଜସ୍ୱ ଲାଇଫ୍‌ଗାର୍ଡ ରଖନ୍ତୁ ହୋଟେଲ କର୍ତ୍ତୃପକ୍ଷ'

ବର୍ଷତମାମ ପୁରୀକୁ ଭକ୍ତ, ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀ ଆତଯାତ କରିଥାନ୍ତି। କାରଣ ପୁରୀ ହେଉଛି ଅନ୍ତର୍ଜାତୀୟ ପର୍ଯ୍ୟଟନ ଏବଂ ଆଧ୍ୟାତ୍ମିକ ସହର। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁରୀକୁ ଆସୁଥିବା ପର୍ଯ୍ୟଟକମାନଙ୍କ ସୁରକ୍ଷା ପାଇଁ ଯେଉଁଭଳି ପଦକ୍ଷେପ ନିଆଯିବା କଥା ତାହାକୁ ଅଣଦେଖା କରାଯାଉଛି। ବିଶେଷକରି ହୋଟେଲରେ ରହୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ଦିଗରେ ବେଫିକର ସାଜିଛନ୍ତି ହୋଟେଲ ମାଲିକ। ଗୋଟିଏ ପଟେ ମୋଟା ଅଙ୍କର ଲାଭ ନେଇ ନୀରବ ରହୁଥିବା ବେଳେ ଅନ୍ୟପଟେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ବାଜିରେ ଲଗାଉଛନ୍ତି। ଏଠି ହୋଟେଲରେ ରହି ସମୁଦ୍ର ସ୍ନାନ କରିବାକୁ ଯାଉଥିବା ପର୍ଯ୍ୟଟକଙ୍କ କଥା କହୁଛୁ। ସେମାନେ ନିକଟସ୍ଥ ସମୁଦ୍ରକୁ ଗାଧୋଇବାକୁ ଯାଉଥିବା ବେଳେ ତାଙ୍କ ସାଙ୍ଗରେ କୌଣସି ଲାଇଫ୍‌ଗାର୍ଡ ରହୁନାହାନ୍ତି। ଏଠି ପ୍ରଶ୍ନଉଠୁଛି ଯଦି ପର୍ଯ୍ୟଟକଙ୍କଠାରୁ ହୋଟେଲ ମାଲିକ ଲାଭ ଖାଉଛନ୍ତି ତେବେ ସେମାନଙ୍କୁ କାହିଁକି ସର୍ବନିମ୍ନ ସୁରକ୍ଷା ଦେଉନାହାନ୍ତି ? ଯାହାଫଳରେ ଅନେକ ସମୟରେ ସମୁଦ୍ରରେ ଯାଉଛି ନୀରିହ ଜୀବନ।

ପୁରୀକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ପର୍ଯ୍ୟଟକ ଆସୁଛନ୍ତି। ଛୁଟି ଦିନମାନଙ୍କରେ ବଡ଼ଦାଣ୍ଡରୁ ବେଳାଭୂମି ଭିଡ଼ ଅସମ୍ଭାଳ ହୋଇପଡୁଛି। ବିଶେଷକରି ବାହାରୁ ଆସୁଥିବା ପର୍ଯ୍ୟଟକମାନେ ପୁରୀର ବିଭିନ୍ନ ହୋଟେଲରେ ରହି ପୁରୀ ସମେତ ଏହାର ଆଖାପାଖ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଯେପରି କି କୋଣାର୍କ, ସାତପଡ଼ା, ଚିଲିକା, ମା' ମଙ୍ଗଳା ମନ୍ଦିର ପ୍ରଭୃତି ବିଭିନ୍ନ ସ୍ଥାନକୁ ବୁଲିବାକୁ ଯାଇଥାନ୍ତି। ଶ୍ରଦ୍ଧାଳୁମାନେ ମଧ୍ୟ ମହାପ୍ରଭୁଙ୍କ ଦର୍ଶନ ପରେ ପୁରୀ ବେଳାଭୂମିକୁ ଆସିଥାନ୍ତି। ତେଣୁ ଭକ୍ତ, ପର୍ଯ୍ୟଟକ ଯେପରି ଭଲ ଅନୁଭୂତି ନେଇ ଫେରିବେ ତା' ଉପରେ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଇଆସୁଛନ୍ତି। କିନ୍ତୁ ଅନେକ ସମୟରେ ସମୁଦ୍ର ସ୍ନାନବେଳେ ବିପଦରେ ପଡ଼ିଥାନ୍ତି ପର୍ଯ୍ୟଟକ। ଏପରିକି ପ୍ରତିବର୍ଷ ୧୫ରୁ ୨୦ ପର୍ଯ୍ୟଟକଙ୍କ ଜୀବନ ସମୁଦ୍ରରେ ହିଁ ଚାଲିଯାଏ। ତେବେ ଏଠାରେ ପ୍ରଶ୍ନଉଠୁଛି ପର୍ଯ୍ୟଟକଙ୍କ ଏଭଳି ଅକାଳ ବିୟୋଗ ପାଇଁ ଦାୟୀ କିଏ?

ଗତ ବୁଧବାର ସମୁଦ୍ରରେ ଜଣେ ୧୯ ବର୍ଷୀୟ ଯୁବକଙ୍କ ଜୀବନ ଯାଇଛି। ମୃତକ ହେଉଛନ୍ତି ମଧ୍ୟପ୍ରଦେଶ ଧର ଜିଲ୍ଲା ଅନ୍ତର୍ଗତ ପିତାମପୁର ଥାନା ଅଧୀନ ହାଉସିଂବୋର୍ଡ କଲୋନୀର ପ୍ରଫୁଲ୍ଲ ମହେଲ। ସାଙ୍ଗମାନଙ୍କ ସହ ପ୍ରଫୁଲ୍ଲ ପୁରୀ ଆସିଥିଲେ। ଚକ୍ରତୀର୍ଥ ରୋଡ୍‌ର ଏକ ହୋଟେଲରେ ସେମାନେ ରହିଥିଲେ। ଗତ ୧୧ ତାରିଖ ପୂର୍ବାହ୍ନରେ ସେହି ହୋଟଲ ନିକଟ ସମୁଦ୍ରରେ ଗାଧୋଉଥିଲେ। ହେଲେ ପ୍ରଫୁଲ୍ଲ ଏକ ବଡ଼ ଲହଡିରେ ପଡି ଭିତରକୁ ଟାଣି ହୋଇଯାଇଥିଲେ। ସାଙ୍ଗମାନେ ଉଦ୍ଧାର ପାଇଁ ଡାକ ପକାଇଥିଲେ। ଖବର ପାଇ ସମୁଦ୍ରକୂଳ ଥାନା ପୁଲିସ, ଅଗ୍ନିଶମ କର୍ମଚାରୀ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ସେହିଦିନ ଅପରାହ୍ନ ପ୍ରାୟ ୩ଟା ସମୟରେ ବାଙ୍କୀମୁହାଣ ନିକଟରେ ତାଙ୍କ ମୃତଦେହ ମିଳିଥିଲା। ଏହି ଗୋଟିଏ ନୁହେଁ ଏମିତି ଏକାଧିକଙ୍କର ଜୀବନ ଯାଉଛି ସମୁଦ୍ରରେ, ଯେଉଁମାନେ ରହୁଥିବା ହୋଟେଲ ନିକଟରେ ସ୍ନାନ କରୁଛନ୍ତି। ଏମିତି ପୂର୍ବରୁ ଏକାଧିକ ନଜିର ରହିଛି।

ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନେକ ପର୍ଯ୍ୟଟକ ସପରିବାର କିମ୍ବା ଅନ୍ୟ ସମ୍ପର୍କୀୟଙ୍କ ସହ ହୋଟେଲରେ ରହୁଛନ୍ତି। ଏହାପରେ ଗାଧୋଇବା ପାଇଁ ସମୁଦ୍ରକୁ ଯିବାବେଳେ ହୋଟେଲ କର୍ତ୍ତୃପକ୍ଷଙ୍କର କୌଣସି ନିଘା ରହୁନାହିଁ। ମୋଟାମୋଟି କହିବାକୁ ଗଲେ ଦିଗବାରିଣୀ ଛକଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ବେଳାଭୂମିରେ ଲାଇଫ୍‌ଗାର୍ଡ ରହୁଛନ୍ତି। କୌଣସି ଅଘଟଣ ଘଟିଲେ ସେମାନେ ସଙ୍ଗେ ସଙ୍ଗେ ଉଦ୍ଧାର କରୁଛନ୍ତି। ହେଲେ ଦିଗବାରିଣୀଠାରୁ ପେଣ୍ଠକଟା ପର୍ଯ୍ୟନ୍ତ ବେଳାଭୂମି କଡ଼ ଶତାଧିକ ହୋଟେଲରେ ରହି ସମୁଦ୍ର ସ୍ନାନ କରୁଥିବା ପର୍ଯ୍ୟଟକଙ୍କ ଜୀବନ ଏକପ୍ରକାର ବାଜିରେ ଲାଗୁଛି। ଯିଏ ଯେଉଁଠି ପାଇଲା ସେଠି ଗାଧୋଉ ଥିବାରୁ ବିପଦରେ ପଡୁଛନ୍ତି, ଯେମିତି ୧୯ ବର୍ଷୀୟ ଯୁବକ ପ୍ରଫୁଲ୍ଲଙ୍କର ଜୀବନ ଚାଲିଗଲା।

ତେବେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ନିଶ୍ଚିତ କରିବାକୁ ହେଲେ ହୋଟେଲ କର୍ତ୍ତୃପକ୍ଷ ବ୍ୟକ୍ତିଗତ ଭାବେ କିଛି ଲାଇଫ୍‌ଗାର୍ଡଙ୍କୁ ରଖିବା ଦରକାର ବୋଲି କହିଛନ୍ତି ବୁଦ୍ଧିଜୀବୀ ମହେନ୍ଦ୍ର କୁମାର ବେହେରା। ତାଙ୍କ ମତରେ ହୋଟେଲରେ ରହୁଥିବା ପରିବାର ଯେତେବେଳେ ଗାଧୋଇବାକୁ ଯାଉଛନ୍ତି ତାଙ୍କ ସହିତ ଅତି କମ୍‌ରେ ଜଣେ ଲାଇଫ୍‌ଗାର୍ଡ ରହିବା ଉଚିତ୍। ଫଳରେ ଯଦି କିଛି ଅଘଟଣ ଘଟେ ତେବେ ସଙ୍ଗେ ସଙ୍ଗେ ସେମାନଙ୍କୁ ଉଦ୍ଧାର କରିହେବ। କିନ୍ତୁ ପୁରୀର କୌଣସି ହୋଟେଲ ପର୍ଯ୍ୟଟକଙ୍କୁ ସୁରକ୍ଷା ନ ଦେଇ ଲାଭ ଖାଇ ବସି ପଡୁଛନ୍ତି ବୋଲି ସେ ମତ ଦେଇଛନ୍ତି।

ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

## ୧୩, ୯୫୧ଟି ମକଦ୍ଦମା ଫଇସଲା

ପୁରୀ,୧୪।୧୨(ସମିସ): ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ପୁରୀ ସମେତ ନିମାପଡ଼ା, ପିପିଲି, କୋଣାର୍କ, କଣାସ ଓ ବ୍ରହ୍ମଗିରି କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ପ୍ରାଧିକରଣ ସଚିବ ଅମିତ କୁମାର ବାରିକଙ୍କ ପରିଚାଳନାରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୩,୯୫୧ଟି ମକଦ୍ଦମା ଫଇସଲା କରାଯିବା ସହ ଜରିମାନା ଓ କ୍ଷତିପୂରଣ ବାବଦରେ ୭,୩୨,୧୯,୨୨୭ ଟଙ୍କା ଆଦାୟ କରାଯାଇଛି। ଏହି ଲୋକ ଅଦାଲତକୁ ଜିଲ୍ଲା ଓ ଦୌରାଜଜ ଉଦ୍‌ଘାଟନ କରିଥିଲେ। ପରିବାର ଅଦାଲତ ବିଚାରପତି ସୁମିତା ଜେନା, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସୈକତ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଚିନ୍ମୟ ମିଶ୍ର, ତୃତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଚିନ୍ମୟୀ ଦେହୁରୀ, ମୁଖ୍ୟ ବିଚାରପତି ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି ରାଣା ଘୋଷ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଗାର୍ଗି ପଟ୍ଟନାୟକ, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ସୋନାଲୀ ଅପରାଜିତା, ଦେୱାନୀ ବିଚାରପତି ସିଦ୍ଧାର୍ଥ ଶଙ୍କର ସେନାପତି, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ପତିତପାବନ ପଣ୍ଡା, ଗ୍ରାମ୍ୟ ନ୍ୟାୟାଧିକାରୀ ନର୍ମଦା କର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତନ୍ମୟ ରଞ୍ଜନ ଦାସ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୁତକୀର୍ତ୍ତୀ ଆଚାର୍ଯ୍ୟ ମାମଲାଗୁଡ଼ିକର ଫଇସଲା କରିଥିଲେ। ଲୋକ ଅଦାଲତରେ ୧୧୦ଟି ମୋଟର ଦୁର୍ଘଟଣା ମାମଲା ବିଚାର କରାଯାଇ ୫,୬୫,୦୫,୦୦୦ ଟଙ୍କା ଆଦାୟ କରାଯାଇଛି। ଏହାଛଡ଼ା ୧୪୦ଟି ପ୍ରାକ ମକଦ୍ଦମା ମାମଲାର ଫଇସଲା କରାଯାଇ ବ୍ୟାଙ୍କ ଋଣ ବାବଦକୁ ୧,୪୪,୨୨,୮୦୦ ଟଙ୍କା ଆଦାୟ ହୋଇଛି। ଏହି ଲୋକ ଅଦାଲତରେ ଜିଲ୍ଲା କାରାଗାରର କଏଦୀମାନଙ୍କ ଦ୍ୱାରା ତିଆରି କରାଯାଇଥିବା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକର ଷ୍ଟଲ କୋର୍ଟ ପରିସରରେ ଆୟୋଜିତ ହୋଇଥିଲା।

## ୫ ବର୍ଷ ହେଲା ସରୁନି ବ୍ରିଜ୍ କାମ

ପୁରୀ,୧୪।୧୨(ସମିସ): ପାଞ୍ଚବର୍ଷ ହେଲାଣି ସରୁନି ବ୍ରିଜ୍ ନିର୍ମାଣ କାମ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି।



ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସତ୍ୟବାଦୀ ବ୍ଲକ ପରଜାପଡା ପଞ୍ଚାୟତରେ। ଜିଲ୍ଲାସ୍ତରରେ ଏହାର କୌଣସି ସମାଧାନ ହେଉ ନ ଥିବାରୁ ବାଧ ହୋଇ ସ୍ଥାନୀୟ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅଭିଯୋଗ ପଠାଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ରାୟଖଣ୍ଡିର ଗବକୁଣ୍ଡ ଦେଇ ଯାଇଥିବା ଭାର୍ଗବୀ ନଦୀ ଉପରେ ତିଆରି ହେଉଥିବା ପୋଲ ନିର୍ମାଣ କାମ ଖୁବ ଧିମା ଗତିରେ ଚାଲିଛି। ୨୦୧୯ ମସିହାରୁ ଏହି ପୋଲ ନିର୍ମାଣ ଆରମ୍ଭ ହେଲାଣି। ୩ ବର୍ଷରେ ଏହା ଶେଷ ହେବାର ଥିଲା। ହେଲେ ନିର୍ମାଣ ପରଠାରୁ ୫ ବର୍ଷ ବିତିଗଲାଣି, ହେଲେ ବ୍ରିଜ କାମ ଶେଷ ହେଉନି। ଏହି ବ୍ରିଜ ନିର୍ମାଣ ହେଲେ ଗବକୁଣ୍ଡ-ଚନ୍ଦନପୁର-ପୁରୀକୁ ଆସିବା ନିମନ୍ତେ ଲୋକେ ହେଉଥିବା କଳବଲରୁ ମୁକ୍ତି ପାଇବେ। ପ୍ରତିଦିନ ନଦୀ ଭିତରେ ପଶି ଆସିବା ବିପଦରେ ପୂର୍ଣ୍ଣଚ୍ଛେଦ ପଡ଼ିବ। ଗବକୁଣ୍ଡ-ଢୋଲ ବ୍ରିଜ କାମ ତୁରନ୍ତ ସାରିବା ସହ ଖାଲଖମା ହୋଇପଡ଼ିଥିବା ଢୋଲ-ଚନ୍ଦନପୁର ରାସ୍ତାର ମରାମତି କରାଯାଉ। ରାସ୍ତା ମରାମତି ଓ ବ୍ରିଜ ନିର୍ମାଣରେ ଅବହେଳା କରୁଥିବା ଯନ୍ତ୍ରୀ, ଠିକାଦାର ଓ ଅଧିକାରୀଙ୍କ ବରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

## ପଣ୍ଡୁ ନୃସିଂହଙ୍କ ଚାରିଆଶ୍ରମ ବିଜେ



ପୁରୀ,୧୪।୧୨(ସମିସ): ମାର୍ଗଶୀର ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଶନିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ପଣ୍ଡୁ ନୃସିଂହ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ବିଜେ କରିଛନ୍ତି। ଶ୍ରୀମନ୍ଦିରରେ ସକାଳଧୂପ ବଢ଼ିବା ପରେ ପୁଷ୍ପାଳକ ସେବକମାନେ ଚତୁର୍ଦ୍ଧାବିଗ୍ରହଙ୍କୁ ବେଶ କରାଇଥିଲେ। ମହାପ୍ରଭୁଙ୍କ ବାଡ଼ରେ ଖଣ୍ଡେ ଆଜ୍ଞାମାଳ ଲାଗି କରାଯାଇଥିଲା। ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ଦକ୍ଷିଣୀ ଘରେ ଭୋଗ ସରିଥିଲା। ମହାଜନ ଦକ୍ଷିଣୀ ଘରୁ ପଣ୍ଡୁ ନୃସିଂହଙ୍କୁ ରତ୍ନସିଂହାସନକୁ ବିଜେ କରାଇବା ପରେ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରାଇଥିଲେ। ଏହାପରେ ନୃସିଂହ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ବିଜେ ହୋଇଥିଲେ। ରୁନ୍ଧା ବଢ଼ିବା ପରେ ବିମାନବଡୁ ସେବକମାନେ ବିମାନକୁ ସିଂହଦ୍ୱାର ଦେଇ ଶ୍ରୀକ୍ଷେତ୍ରର ପ୍ରାଚୀନ ୪ ଆଶ୍ରମ (ଅଙ୍ଗିରା, କଣ୍ଡୁ, ମାର୍କଣ୍ଡ ଓ ଭୃଗୁ) କୁ ବିଜେ କରାଇଥିଲେ। ସେଠାରେ ଶୀତଳ ଭୋଗ, ବନ୍ଦାପନା ନୀତି ଅନୁଷ୍ଠିତ ହେବା ପରେ ନୃସିଂହ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ସ୍ୱୟଂ ବିଘ୍ନହର୍ତ୍ତା ଶ୍ରୀନୃସିଂହ ଆଶ୍ରମସ୍ଥ ଋଷିମାନଙ୍କର ବିଘ୍ନ ହରଣ କରିବାକୁ ଯାଇଥାନ୍ତି ବୋଲି ବିଶ୍ୱାସ ରହିଛି।

## ସାଧୁସନ୍ଥଙ୍କ ବିଶ୍ରାମ ପାଇଁ ନୂତନ ସୌଧର ଭୂମିପୂଜନ

ପୁରୀ,୧୪।୧୨(ସମିସ): ଦେଶର ବିଭିନ୍ନ ରାଜ୍ୟର ଶତାଧିକ ସାଧୁ ସନ୍ଥଙ୍କ ରହଣି ନିମନ୍ତେ ବିଶେଷ ବ୍ୟବସ୍ଥା ଶ୍ରୀଲୋକନାଥ ମନ୍ଦିର ନିକଟସ୍ଥ ଶ୍ରୀ ବାଲାଜୀ ମନ୍ଦିର ଥାନପତି ଆଶ୍ରମ ଶ୍ରୀରାମଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ପରିସରରେ ଭବ୍ୟ ଭୂମିପୂଜନ ତଥା ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ତଥା ଜୀୟରସ୍ୱାମୀ ମଠ ମହନ୍ତ ଇନ୍ଦିରା ରମଣ ରାମାନୁଜ ଦାସଜୀ ମହାରାଜଙ୍କ ମାର୍ଗଦର୍ଶନରେ ଆଶ୍ରମ ପରିସରରେ ୨୫ କୋଠରୀ ବିଶିଷ୍ଟ ନୂତନ ସୌଧ ନିମନ୍ତେ ବିଶିଷ୍ଟ ପଣ୍ଡିତମାନଙ୍କ ଉପସ୍ଥିତିରେ ଭୂମିପୂଜନ ତଥା ଶିଳାନ୍ୟାସ ଅନୁଷ୍ଠିତ ହୋଇଛି। ଜୀୟରସ୍ୱାମୀ ମଠର ସନ୍ଥ ତଥା ଟ୍ରଷ୍ଟର ସଦସ୍ୟ ସ୍ୱାମୀ ସୁଦର୍ଶନ ରାମାନୁଜ ଦାସ ଜୀ ମହାରାଜ କର୍ତ୍ତା ରୂପେ ପୂଜା କାର୍ଯ୍ୟରେ ସାମିଲ ହୋଇ ଏହି ନୂତନ ସୌଧରେ ଦେଶର ବିଭିନ୍ନ ସ୍ଥାନରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଆସୁଥିବା ସାଧୁସନ୍ଥ, ମହନ୍ତଙ୍କ ରହଣି ସହିତ ଉତ୍ତମ ଆତିଥେୟତା ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି। ଏହି ପୂଜାକାର୍ଯ୍ୟରେ ଟ୍ରଷ୍ଟର ସଦସ୍ୟ ତଥା କଟକୀ ମଠ ମହନ୍ତ ଡ. ବିଜୟ ନାରାୟଣ ରାମାନୁଜ ଦାସ, ଆଡଭୋକେଟ ପ୍ରସନ୍ନ ମିଶ୍ର ଓ ତାଙ୍କ ସହଯୋଗୀ, ପଣ୍ଡିତ ଇନ୍ଦ୍ରମଣି ପତି ମୁଖ୍ୟ ଆଚାର୍ଯ୍ୟ କାର୍ଯ୍ୟ ତୁଲାଇ ଥିବାବେଳେ ପଣ୍ଡିତ ରିତେଶ କୁମାର ମିଶ୍ର, ପଣ୍ଡିତ ଦେବେନ୍ଦ୍ର ଦ୍ୱିବେଦୀ, ପଣ୍ଡିତ ଶିବ ପ୍ରସାଦ ନନ୍ଦ, ପଣ୍ଡିତ ଆଶିଷ କୁମାର ଦ୍ୱିବେଦୀ, ପଣ୍ଡିତ ଅଜୟ କୁମାର ଦ୍ୱିବେଦୀ, ପଣ୍ଡିତ ସନ୍ତୋଷ ଶତପଥୀ, ପଣ୍ଡିତ ଇତିକାନ୍ତ ଦାଶ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଟ୍ରଷ୍ଟର ସଦସ୍ୟ ରମେଶ ଶର୍ମା, ସୁରେଶ ଶର୍ମା, ବିଷ୍ଣୁକୁମାର ଯୋଶୀ, କମଲ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ୧୦୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ଅଧିବାସୀ ଉପସ୍ଥିତ ରହି ପ୍ରସାଦ ସେବନ କରିଥିଲେ।

## ପଦ୍ମଶ୍ରୀ ଶିବାନନ୍ଦଙ୍କ ଉଦ୍ଦେଶ୍ୟରେ ରକ୍ତଦାନ ଶିବିର

ପୁରୀ,୧୪।୧୨(ସମିସ): ତିନି ଦଶନ୍ଧି ଧରି ସତ୍ ମାର୍ଗଦର୍ଶନ ଦେଇଥିବା ୧୨୯ ବର୍ଷୀୟ ସନ୍ଥ ଶିବାନନ୍ଦଙ୍କ ପୁରୀ ଆଗମନ ଉଦ୍ଦେଶ୍ୟରେ ମହୋଦଧି କ୍ଳବ, ଓଡ଼ିଶା ବେକରୀ ଓ ସମର୍ପଣର ମିଳିତ ସହଯୋଗରେ ୱାଟର ୱକର୍ସ ରୋଡ୍‌ରେ ଭାରତୀୟ ରେଡ୍‌କ୍ରସ ଓଡ଼ିଶା ଶାଖା ଭୁବନେଶ୍ୱରର ଶୀତତାପ ନିୟନ୍ତ୍ରିତ ସ୍ୱତନ୍ତ୍ର ରକ୍ତ ସଂଗ୍ରହ ଭ୍ୟାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସନ୍ଥ ଶିବାନନ୍ଦ ଉଦ୍‌ଘାଟନ କରିଥିବା ବେଳେ ଶତକ ରକ୍ତଦାତା ବଦ୍ରି ମିଶ୍ର, ଆର୍ଯ୍ୟକାନ୍ତ ପଟ୍ଟନାୟକ, ଡ. ଅଭିମନ୍ୟୁ ଭୂୟାଁ, ସମାଜସେବୀ ମାନସ ଲେଙ୍କା ଅତିଥି ଭାବେ ଯୋଗଦେଇଥିଲେ। ସମାଜସେବୀ ଝିମିଲି ପଟ୍ଟନାୟକ, ସମ୍ପାଦିକା ଜୟନ୍ତୀ ମହାପାତ୍ର, ପ୍ୟାରୀମୋହନ ପ୍ରଧାନ, ହରପ୍ରସାଦ ମିଶ୍ର, ରଣଜିତ୍ ଲେଙ୍କା, ବିସ୍ମିତା ମହାନ୍ତି, ସୌମ୍ୟରଞ୍ଜନ ପାତ୍ର, ଅରବିନ୍ଦ ଶତପଥୀ, ସାଗରିକା ରଥ, ଶିବ ସେନାପତି ଶିବିର ପରିଚାଳନା କରିଥିବା ବେଳେ ରେଡକ୍ରସ ଭୁବନେଶ୍ୱରର ଡାକ୍ତର ପ୍ରଦୀପ କୁମାର ମହାରଣା, ଗୁଲସନ କୁମାର ଦାସ, ପ୍ରତାପ ଜେନା ପ୍ରମୁଖ ରକ୍ତଦାନ ଶିବିର ସଞ୍ଚାଳନ କରିଥିଲେ।

ହାଇ ପରଫରମାନ୍ସ କେନ୍ଦ୍ରରେ ହକି ମ୍ୟାଚ୍

# ବାଳିକାରେ ଢେଙ୍କାନାଳ; ବାଳକରେ ପୁରୀ ଚାମ୍ପିଅନ

ପୁରୀ,୧୪।୧୨(ସମିସ)



ପୁରୀ ଜିଲ୍ଲା ସ୍କୁଲଠାରେ ହକିର ହାଇପରଫମାନ୍ସ ସେଣ୍ଟର ଓଡ଼ିଶା ନାଭାଲ ଟାଟା ହକି ପକ୍ଷରୁ ଖୋଲାଯାଇଛି। ଶୁକ୍ରବାର ଆଭାସୀ ମାଧ୍ୟମରେ ଏହି ସେଣ୍ଟର ଉଦ୍‌ଘାଟନ ହୋଇଥିଲା। ତୃଣମୂଳସ୍ତରରୁ ଦକ୍ଷତା ସମ୍ପନ୍ନ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କ ବିକାଶ କରାଇବା ଲକ୍ଷ୍ୟରେ ଏହି କେନ୍ଦ୍ର କାର୍ଯ୍ୟ କରୁଛି। ଆଜି ଆୟୋଜିତ ହୋଇଥିଲା ପ୍ରଥମ ମ୍ୟାଚ୍। ଢେଙ୍କାନାଳର ବାଳକ ଓ ବାଳିକା ହକି ଦଳ ସହ ପୁରୀ ବାଳକ ଓ ବାଳିକା ଦଳର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳିକା ବର୍ଗରେ ଢେଙ୍କାନାଳ ଓ ବାଳକ ବର୍ଗରେ ପୁରୀ ଚାମ୍ପିଅନ ହୋଇଥିଲା। ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଯୋଗଦେଇ ଆଜିର ସମୟରେ ସବୁ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ଓ ସଫଳତାର ମାର୍ଗ ରହିଛି। ତେଣୁ ନିଜର ଲକ୍ଷ୍ୟ ସ୍ଥିର କରି ଆଗେଇବାର ଆବଶ୍ୟକତା ରହିଛି। ପିଲାମାନେ କଠିନ ପରିଶ୍ରମ କରିବା ସହ ନିଜର କର୍ତ୍ତବ୍ୟ ପ୍ରତି ଯତ୍ନବାନ ହେଲେ ଜୀବନରେ ସଫଳ ହୋଇପାରିବେ ବୋଲି କହିଥିଲେ। ପରେ ଚାମ୍ପିଅନ ଓ ରନର୍ସ ଅପ ଦଳକୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ବରିଷ୍ଠ ହକି କୋଚ୍ ଶେଖର ଚନ୍ଦ୍ର ବେହେରା, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଗୋପାଳ ପରିଡା, ଜିଲ୍ଲା ସ୍କୁଲ ପିଇଟି ରଞ୍ଜନ କୁମାର ରେଡି ପ୍ରମୁଖ କ୍ରୀଡାବିତ୍‌ଙ୍କୁ ଉତ୍ସାହିତ କରିଥିଲେ।

■ କଣାସରେ ଲୋକ ଅଦାଲତ

# ୨୨ଟି ମାମଲାର ସମାଧାନ




କଣାସ,୧୪।୧୨(ସମିସ): କଣାସଠାରେ ପ୍ରତିଷ୍ଠିତ ସିଭିଲ ଜଜ୍ ଜୁନିୟର ଡିଭିଜନ ତଥା ଜେଏମ୍‌ଏଫ୍‌ସି ଅଦାଲତରେ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଚାରପତି ଅନୁସମ ଦାଶ, ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ନିଯୁକ୍ତ ପାନେଲ ଓକିଲ ସୁଶାନ୍ତ କୁମାର ମହାନ୍ତି, କୋର୍ଟରେ କାର୍ଯ୍ୟରତ କିରାଣୀ ଦିଲ୍ଲୀପ କୁମାର ତରାଇ, ଜ୍ୟୋତି ରଞ୍ଜନ ପାଢ଼ୀ, କୃଷ୍ଣଚନ୍ଦ୍ର ଶତପଥୀ, କଣାସ ବାର୍ ଆସୋସିଏସନ ସଭାପତି ସଦାନନ୍ଦ ପ୍ରଧାନ, ଉପସଭାପତି ରବୀନ୍ଦ୍ରନାଥ ରାଉତରା, ସରକାରୀ ଓକିଲ ବିକ୍ରମ କୁମାର ନାଥ, ଓକିଲ ଅଶୋକ କୁମାର ପାଣିଗ୍ରାହୀ, ମିହିର ବେହେରା, ପ୍ରବୋଧ ତ୍ରିପାଠୀ, ନିରଞ୍ଜନ ମୁଦୁଲିଙ୍କ ଉପସ୍ଥିତିରେ ମୋଟ ୨୨ଟି ଫୌଜଦାରୀ ମକଦ୍ଦମାର ସମାଧାନ କରାଯାଇଛି।

## ଖୋଲୁନି ଧାନମଣ୍ଡି; ମାତିଲେଣି ଦଲାଲ

# ଶାଗମାଛ ଦରରେ ଧାନ ବିକ୍ରି କରୁଛନ୍ତି ଚାଷୀ

ଗୋପ,୧୪।୧୨(ସମିସ): ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଧାନ ମଣ୍ଡି ଖୋଲି ନଥିବାବେଳେ ଧାନ ଅମଳ କରି ଚାଷୀମାନେ ଚିନ୍ତାରେ ରହିଛନ୍ତି। ଏପରିସ୍ଥଳେ ବାହାର ରାଜ୍ୟର ବ୍ୟବସାୟୀମାନେ ସକ୍ରିୟ ହୋଇ ଶାଗମାଛ ଦରରେ ଧାନ କିଣି ନେଉଛନ୍ତି। କେବେ ମଣ୍ଡି ଖୋଲିବ ଚାଷୀ ସରକାରୀ ଭାବେ ଧାନ ବିକ୍ରୟ କରିବ ସେ ନେଇ କୌଣସି ସ୍ୱଷ୍ଟ ସୂଚନା ମିଳିପାରିନଥିବାବେଳେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି। ଫଳରେ ଚାଷୀମାନେ ସରକାରୀ ଭାବେ ଧାନ ବିକ୍ରି ଲାଗି ଅଧଠିକ ଆଗ୍ରହ ପ୍ରକାଶ କରିଥିବାବେଳେ ଗତବର୍ଷ ତୁଳନାରେ ୧୪୪୯ ଜଣ ଅଧିକ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଗୋପ ବ୍ଲକ୍‌ରେ ଗତବର୍ଷ ୮ ହଜାର ୧୫୭ ଜଣ ଚାଷୀ ଧାନ ବିକ୍ରି ଲାଗି ନାମ ପଞ୍ଜୀକରଣ କରିଥିବାବେଳେ ଚଳିତ ବର୍ଷ ୯ ହଜାର ୬୦୫ ଜଣ ଚାଷୀ ୨୮ଟି ସେବା ସମବାୟ ସମିତିରେ ଧାନ ବିକ୍ରି ଲାଗି ନାମ ପଞ୍ଜୀକରଣ କରିଛନ୍ତି।

ଗୋପ ବ୍ଲକ୍‌ର ରାଇସ ସେବା ସମବାୟ ସମିତିରେ ୨୫୯ ଜଣ ଚାଷୀ ଧାନ ବିକ୍ରି କରିବା ଲାଗି ନାମ ପଞ୍ଜୀକରଣ କରିଥିବାବେଳେ ଗଡ଼ରୂପାସରେ ୨୯୮, ବଗଲେଇ ୪୧୮, ସାମନ୍ତରାପୁରରେ ୪୩୬, ଗଡ଼ବାଙ୍ଗୋରରେ ୨୬୯, ଛଇତନାରେ ୩୪୮,

## ମାଲାମାଲ ହେଉଛନ୍ତି ଆନ୍ଧ୍ର ବେପାରୀ

ରାହାଙ୍ଗୋରଡ଼ାରେ ୨୬୨, ଗଣେଶ୍ୱରପୁରରେ ୪୯୪, ବୀରତୁଙ୍ଗରେ ୮୧୭, ବରିମୁଣ୍ଡରେ ୫୦୯, ନୟାହାଟରେ ୨୦୨, ବନାଖଣ୍ଡିରେ ୨୭୯, ନିତେଇଗୌରୀରେ ୨୮୯, ଶିଶୋରେ ୪୫୪, କୋଣାର୍କରେ ୨୪୫, ସିଦ୍ଧେଶ୍ୱରରେ ୨୨୭, ବୀରତୁଙ୍ଗରେ ୫୦୭, ଏରବଙ୍ଗରେ ୪୧୭, ସୁତନରେ ୩୧୩, ବଡ଼ତରାରେ ୩୩୭, ଖରାଗାଁରେ ୧୮୬, ପାଟେଳିଆରେ ୨୧୯, କରମଙ୍ଗା ପାଞ୍ଚଣାରେ ୪୫୩, ଗୋପରେ ୨୯୨, ଦୁର୍ଗେଶ୍ୱରରେ ୩୬୭, ପାଇକପଡ଼ା ଗଡ଼ବାଙ୍ଗୋରରେ ୨୮୫, ଡଭାରରେ ୮୨ ଓ ନୀଳକଣ୍ଠେଶ୍ୱର ସେବା ସମବାୟ ସମିତିରେ ୩୩୮ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ପ୍ରାୟ ୪୦ ପ୍ରତିଶତ ଚାଷ ଜମିରୁ ଧାନ ଅମଳ ଶେଷ ହୋଇଥିବାବେଳେ ଆଉ ୧୦-୧୫ ଦିନ ମଧ୍ୟରେ ଶତ ପ୍ରତିଶତ ଧାନ ଅମଳ ହେବା ନେଇ ପୂର୍ବାନୁମାନ କରାଯାଇଛି। ଗୋପ ବ୍ଲକ୍‌ରେ ଚଳିତ ବର୍ଷ ୨୦ ହଜାର ହେକ୍ଟର ଚାଷ ଜମିରେ ଧାନ ଫସଲ କରାଯାଇଥିବାବେଳେ ସଠିକ୍ ପାଣିପାଗ ଯୋଗୁଁ ଧାନ ଫସଲ ମଧ୍ୟ ଭଲ ହୋଇଛି। ମାତ୍ର ଧାନ ଅମଳ ସମୟରେ ମଣ୍ଡି ନଖୋଲିବା ଯୋଗୁଁ ଚାଷୀମାନେ ଚିନ୍ତାରେ ରହିଥିବା ଜଣାପଡ଼ିଛି। ଚଳିତ ବର୍ଷ ଧାନର ମାନ ପରୀକ୍ଷା ଲାଗି ସ୍ୱତନ୍ତ୍ର ଭାବେ ମେସିନ୍ ଆସିବାକୁ ଥିବାବେଳେ କୌଣସି ସେବା ସମବାୟ ସମିତିରେ ଅଦ୍ୟାବଧି ଧାନ ମାନ ପରୀକ୍ଷଣ ମେସିନ୍ ମଧ୍ୟ ପହଞ୍ଚି ନଥିବା ଜଣାପଡ଼ିଛି। ଅପରପକ୍ଷେ ଗୋପ ବ୍ଲକ୍ ଯୋଗାଣ ଅଧିକାରୀଙ୍କ ଅନ୍ୟତ୍ର ବଦଳିକୁ ଏକମାସ ବିତିଥିଲେ ମଧ୍ୟ ଏହି ସ୍ଥାନରେ କୌଣସି ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇନଥିବା ଯୋଗୁଁ ଧାନ କିଣା ହେବା ନେଇ ଆଶଙ୍କା ଉପୁଜିଛି। କଟ୍‌ନୀ ଛଟ୍‌ନୀ ହେବ କି ନାହିଁ କିଭଳି ଭାବେ ଧାନ କିଣା ଯିବ ସେ ନେଇ ଚାଷୀ ଚିନ୍ତାରେ ରହିଥିବାବେଳେ ଏପରି ସ୍ଥଳେ ଆନ୍ଧ୍ର ବେପାରୀମାନେ ସକ୍ରିୟ ହୋଇ କ୍ୱିଣ୍ଟାଲ ପିଛା ୧୮୦୦ରୁ ୨୦୦୦ ଟଙ୍କା ଦରରେ ଧାନ କ୍ରୟ କରୁଥିବା ଦେଖିବାକୁ ମିଳିଛି। ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବା ସହ ଏକ ସପ୍ତାହ ମଧ୍ୟରେ ମଣ୍ଡି ଖୋଲିବାକୁ ଚାଷୀମାନେ ଦାବି କରିଛନ୍ତି।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା; ରୋଗୀ ହନ୍ତସନ୍ତ

କଣାସ,୧୪।୧୨(ସମିସ): କଣାସ ବ୍ଲକ ଦିବ୍ୟସିଂହପୁର ଗ୍ରାମପଞ୍ଚାୟତ ବୀରକେଶରପୁର ଗ୍ରାମରେ ସ୍ଥାପିତ ହରଚଣ୍ଡି ପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୧୨ ତାରିଖଠାରୁ ତାଲା ଝୁଲୁଛି। ଫଳରେ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖବର ନେବାରେ ଜଣାପଡ଼ିଛି ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ କର୍ମଚାରୀମାନେ ନିୟମିତ ଡାକ୍ତରଖାନା ଆସୁନଥିବାରୁ ଅଧିକାଂଶ ଦିନ ଡାକ୍ତରଖାନା ବନ୍ଦ ରହୁଥିଲା। ଏନେଇ ଗ୍ରାମବାସୀ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇଥିଲେ। ୮ ଦିନ ତଳେ ଉକ୍ତ ଡାକ୍ତର ଓ କର୍ମଚାରୀ ଡାକ୍ତରଖାନା ପରିସରରେ ମଦ ପିଉଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହେବାପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଗ୍ରାମବାସୀ ବାଧ୍ୟ ହୋଇ ୧୨ ତାରିଖ ଦିନ ଡାକ୍ତରଖାନାରେ ତାଲା ପକାଇ ଦେଇଥିଲେ। ୪ ଦିନ ହେଲା ଡାକ୍ତରଖାନା ବନ୍ଦ ରହିଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗର କୌଣସି ଅଧିକାରୀ ଡାକ୍ତରଖାନାଠାରେ ପହଞ୍ଚି ନ ଥିବା ଜଣାପଡ଼ିଛି। ଏ ସଂପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଜନସାଧାରଣ ଆମ ସହିତ ଆଲୋଚନା ନ କରି ଡାକ୍ତରଖାନାରେ ତାଲା ପକାଇ ଦେଇଛନ୍ତି। ଏ ସଂପର୍କରେ ଗଡିଶାଗୋଡା ଓ କଣାସ ଥାନା ଅଧିକାରୀ ଏବଂ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇଛୁ। ଅନ୍ୟପକ୍ଷରେ ୪ ଦିନ ହେଲା ରୋଗୀମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି।

# ନୂତନ ଥାନା ପରିଦର୍ଶନ କଲେ କେନ୍ଦ୍ରାଞ୍ଚଳ ଡିଆଇଜି



ଅସ୍ତରଙ୍ଗ,୧୪।୧୨(ସମିସ): ଖୁବ୍‌ଶୀଘ୍ର ଅସ୍ତରଙ୍ଗର ନୂତନ ଥାନା ଗୃହ ଉଦ୍‌ଘାଟନ ହେବ। ବହୁ ଦିନ ଆଗରୁ ଅସ୍ତରଙ୍ଗ ଅଞ୍ଚଳର ନୂତନ ଥାନା ନିର୍ମାଣ ସରିଥିବା ସତ୍ତ୍ୱେ ତାହା କାର୍ଯ୍ୟକ୍ଷମ ହୋଇପାରୁନଥିଲା। ଯାହାକୁ ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଥିଲା। କିନ୍ତୁ ଏବେ ଏଥିରେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି। ଆସନ୍ତା ସୋମବାର ୧୬ ଡିସେମ୍ବରରେ କଟକରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରୀ ଜିଲ୍ଲାର ଅସ୍ତରଙ୍ଗ ସମେତ ବଳଙ୍ଗା ଓ ଡେଲାଙ୍ଗର ନୂତନ ଥାନା ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମ ପୂର୍ବରୁ ଶନିବାର ଓଡ଼ିଶା କେନ୍ଦ୍ରାଞ୍ଚଳ ଡିଆଇଜି ଚରଣ ସିଂ ମିନା, ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଷ୍ଣୁପ୍ରସାଦ ପତି ଆଜି ନୂତନ ଥାନା ପରିଦର୍ଶନ କରିଛନ୍ତି। ନିମାପଡ଼ା ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଭାତ ମଲ୍ଲିକ, କାକଟପୁର ଥାନା ଅଧିକାରୀ ଉମେଶ ସାହୁ, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂ, ସ୍ଥାନୀୟ ବିଜେପି ନେତା ଦିବାକର ଛାଟୋଇ, କାକଟପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ବାଇଧର ମଲ୍ଲିକ ଓ କାକଟପୁରର ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ମହାନ୍ତି, ଅସ୍ତରଙ୍ଗ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

ଡେଲାଙ୍ଗ: ଡିଆଇଜି ଚରଣସିଂହ ମିନା ଶନିବାର ଅପରାହ୍ନରେ ଡେଲାଙ୍ଗ ଥାନା ପରିଦର୍ଶନ କରିଛନ୍ତି। ଡେଲାଙ୍ଗ ଥାନାର ନୂତନ ଗୃହ ୨୦୨୩ରୁ ସମ୍ପୂର୍ଣ୍ଣ ହୋଇଯାଇଥିଲେ ମଧ୍ୟ ଉଦ୍‌ଘାଟନ ହୋଇନାହିଁ। ଏହି ନୂତନ ଗୃହକୁ ଆସନ୍ତା ୧୬ ତାରିଖରେ ଉଦ୍‌ଘାଟନ କରାଯିବ। ଏନେଇ ଆଜି ଡିଆଇଜି ଶ୍ରୀ ମିନା ଡେଲାଙ୍ଗ ଥାନା ପରିଦର୍ଶନ କରିବା ସହିତ ସମୀକ୍ଷା କରିଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରାଯିବା ସହିତ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ପୁରୀ ଏସ୍‌ପି ଭିନିତ ଅଗ୍ରୱାଲ୍, ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଡେଲାଙ୍ଗ ଥାନା ଆଇଆଇସି ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍.ଆଇ କେଳୁଚରଣ ଜେନା, ଗଉରୀଶଙ୍କର ସେଠୀ ଓ ଏସ୍‌ଆଇ ଶୁଭଶ୍ରୀ ନନ୍ଦଙ୍କ ସମେତ ଡେଲାଙ୍ଗ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



# ଶିଶୁ ବିକାଶ କେନ୍ଦ୍ରରେ ବିଜ୍ଞାନ ମେଳା



ଗମ୍ଭାରୀପଦା,୧୪।୧୨(ସମିସ): କାକଟପୁର ବ୍ଲକ କଣ୍ଠାପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗମ୍ଭାରିପଦା ଗ୍ରାମରେ ଥିବା ସାନ୍ଦିପନୀ ଶିଶୁ ବିକାଶ କେନ୍ଦ୍ରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୨ଟି ପ୍ରକଳ୍ପ ପ୍ରଥମରୁ ୮ମ ଶ୍ରେଣୀ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ସ୍ଥାନ ପାଇଥିଲା। ବରିଷ୍ଠ ବିଭାଗରେ ଅଂଶଗ୍ରହଣ କରିଥିବା କୃତୀ ଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ଆୟେଶା ସିଦ୍ଧିକ୍ ପ୍ରଥମ, ଆଦାଶ୍ୟା ପ୍ରିୟଦର୍ଶିନୀ ସ୍ୱାତିପାତ୍ର, ଦ୍ୱିତୀୟ ଓ ଏସକେ ରାହି ୩ୟ ସ୍ଥାନ ହାସଲ କରିଥିଲେ। କନିଷ୍ଠ ବିଭାଗରେ ସ୍ୱର୍ଣ୍ଣ ସଂପୂର୍ଣ୍ଣା ପୃଷ୍ଟି ପ୍ରଥମ, ଆଦାଶ୍ୟା ପ୍ରିୟଦର୍ଶିନୀ ୨ୟ, ଅନନ୍ୟା କୋଟ୍ରା ଓ ଶୁଭଲକ୍ଷ୍ମୀ ପାତ୍ର ୩ୟ ସ୍ଥାନ ପାଇ ପୁରସ୍କୃତ ହୋଇଥିବା ସ୍କୁଲର ପ୍ରତିଷ୍ଠାତା ପ୍ରଦୀପ୍ତ କୁମାର ସାହୁଙ୍କଠାରୁ ପ୍ରକାଶ। ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିହାରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ସ୍ୱାଧୀନ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ସ୍ୱାଧୀନ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଅସ୍ତରଙ୍ଗ ବନ୍ୟପ୍ରାଣୀ ଅଧିକାରୀ ମୋନାଲିସା ମହାପାତ୍ର, ମୁଖ୍ୟବକ୍ତା ପୁଷ୍ପାବାଳା ଦାଶ, ସମ୍ମାନିତ ଅତିଥି ରୀନା ନାୟକ, ଦିଲ୍ଲୀପ କୁମାର ଜେନା, ଅକ୍ଷୟ କୁମାର ରାଉତ, କ୍ଷେତ୍ରମୋହନ ଦାଶ, ମାନସ ଶାମିଲ, ସୟଦ ସମସୁର ରହମନ ଉପସ୍ଥିତ ରହି ଘରୋଇ ଶିଶୁ ମନ୍ଦିରରେ ଏଭଳି ଏକ ବିଜ୍ଞାନ ମେଳା ଶିଶୁ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ବୃଦ୍ଧି କରାଇବାରେ ସହାୟକ ହେବ ବୋଲି କହିଥିଲେ। ବିଜୟ କୁମାର ବିଶ୍ୱାଳ ସଭା ପରିଚାଳନା କରିଥିବା ବେଳେ ଶିଶୁ ବିକାଶ କେନ୍ଦ୍ରର ସହାୟିକା/ସହାୟକ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# କୋଣାର୍କ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା



କୋଣାର୍କ,୧୪।୧୨(ସମିସ): କୋଣାର୍କ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଓ ସାଂଗଠନିକ ବୈଠକ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ନିରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ଜ୍ୟୋତିରାଜ ମହାନ୍ତିଙ୍କୁ ପୁନର୍ବାର ସଭାପତି ରୂପେ ମନୋନୀତ କରାଯାଇଛି। ଉପସଭାପତି ଭାବେ ଭାଗୀରଥି ସ୍ୱାଇଁ, ସଂପାଦକ ମନୋରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ମୁଖ୍ୟ ଉପଦେଷ୍ଟା ମାନସ ରଞ୍ଜନ ପାତ୍ର, ନିରଞ୍ଜନ ବାରିକ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସାମ୍ବାଦିକ ପ୍ରଦୀପ କୁମାର ଛାଟୋଇ, ଗଣେଶ ଚନ୍ଦ୍ର ବେହେରା, ଅରୁଣ କୁମାର ବିଶ୍ୱାଳ, ରୀତାରାଣୀ ସେଠ, ଦେବ ପ୍ରସାଦ ବେଉରା, ଅରୁନାଭ କର ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଛି। ସମସ୍ତ ନୂତନ କର୍ମକର୍ତ୍ତା ଶପଥପାଠ କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ପ୍ରତିଯୋଗିତା

ନିମାପଡ଼ା,୧୪।୧୨(ସମିସ): ସ୍ଥାନୀୟ ଏସ୍.ପି ଫାଉଣ୍ଡେସନ ଓ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଦ୍ୱାରା ପ୍ରଥମ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ପ୍ରତିଯୋଗିତା ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୦ରୁ ଊର୍ଦ୍ଧ୍ୱ ସ୍କୁଲ ଓ କଲେଜରୁ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ବିଚାରକ ଭାବେ ଅୟଶକାନ୍ତ ମିଶ୍ର, ନିର୍ମଳ କୁମାର ମିଶ୍ର, ତ୍ରିଲୋଚନ ଦାଶ, ପୁଷ୍ପଲତା ନାୟକ, ପ୍ରଦୀପ୍ତ କୁମାର ମଲ୍ଲିକ, ସ୍ନିଗ୍ଧାରାଣୀ ରାଉତରାୟ, କାଳନ୍ଦୀ ଚରଣ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ନିରଞ୍ଜନ ପଲତା ମଞ୍ଚ ପରିଚାଳନା କରିଥିଲେ। ସେଣ୍ଟ ଜାଭିୟର ହାଇସ୍କୁଲର ଉପଦେଷ୍ଟା କ୍ଷୀରୋଦ କୁମାର ରାୟ ମହାପାତ୍ର, ନିମାପଡା ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



# ନୟାହାଟ ଅଞ୍ଚଳରେ ମାଲମାଲ ଇଟାଭାଟି

## ବଢୁଛି ପ୍ରଦୂଷଣ; ପ୍ରଶାସନ ନିରବ

ନୟାହାଟ,୧୪।୧୨(ସମିସ): ଗୋପ ତହସିଲ ଅଧୀନରେ ଥିବା ନୟାହାଟ ଅଞ୍ଚଳର ଜଙ୍ଗଲବୋରୀ, ବଉଲାଙ୍ଗ ଓ ବରିମୁଣ୍ଡ ତିନୋଟି ଆର୍.ଆଇ ସର୍କଲ ଅଞ୍ଚଳରେ ବେଆଇନ ଭାବେ ଶହ ଶହ ଇଟାଭାଟି ଚାଲିଛି। ଫଳରେ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଏନେଇ ତହସିଲ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ଅଭିଯୋଗ ହୋଇଛି। ଇଟାଭାଟି ମାଲିକମାନେ ଅନାବାଦୀ ଗୋଚର ଓ ନିଜ ଜାଗାରେ ଇଟା ତିଆରି କରି ଭାଟି ଲଦୁଛନ୍ତି। ଇଟା ତିଆରି ପାଇଁ ପ୍ରାଚୀ ନଦୀପଠା ଓ ଅନାବାଦୀ ଗୋଚରରୁ ମାଟି ଆଣୁଛନ୍ତି। ପରେ ଇଟା ତିଆରି କରି ବିଦ୍ୟାଳୟ, ରାସ୍ତାକଡ଼ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ଇଟା ପୋଡୁଛନ୍ତି। ଫଳରେ ତାହା ମଧ୍ୟରୁ ବାହାରୁଥିବା ଧୂଆଁ ବାୟୁମଣ୍ଡଳକୁ ଦୂଷିତ କରୁଛି। ଇଟା ପୋଡ଼ିବା ପାଇଁ ଗ୍ରାମାଞ୍ଚଳରୁ ବଡ଼ ବଡ଼ ଗଛକୁ କାଟି ଜାଳେଣି ରୂପେ ବ୍ୟବହାର କରୁଛନ୍ତି। କଞ୍ଚା ଗଛ କାଟିବା ପାଇଁ ବନ ବିଭାଗ ଅନୁମତି ଦେଇ ନଥିବା ବେଳେ ଗଛ କିପରି କଟା ଯାଉଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ପ୍ରଶାସନ ରାଜସ୍ୱ ହରାଉଥିବା ବେଳେ ଅନ୍ୟପଟେ ଇଟାଭାଟି ମାଲିକମାନେ ମାଲାମାଲ ହେଉଛନ୍ତି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।



'ସକାଳ' ଖବରକାଗଜର
୪ର୍ଥ ସ୍ୱନକ୍ଷତ୍ର ଉତ୍ସବ
ଅବସରରେ ଶୁଭେଚ୍ଛା
ଓ ଶୁଭକାମନା

ଅଜୟ ବେହେରା
ଯୁବ ସମାଜସେବୀ
ବାଲିପାଟପୁର, ଟାଙ୍ଗି ବ୍ଲକ, ଖୋର୍ଦ୍ଧା



'ସକାଳ' ଖବରକାଗଜର
୪ର୍ଥ ସ୍ୱନକ୍ଷତ୍ର ଉତ୍ସବ
ଅବସରରେ ଶୁଭେଚ୍ଛା
ଓ ଶୁଭକାମନା

ଅନୁଷୟା ବେହେରା
ଜିଲ୍ଲା ପରିଷଦ, ସଭ୍ୟା ୧୧ ନଂ ଜୋନ୍
ବାଲିପାଟପୁର ,ଟାଙ୍ଗି ବ୍ଲକ, ଖୋର୍ଦ୍ଧା



'ସକାଳ' ଖବରକାଗଜର
୪ର୍ଥ ସ୍ୱନକ୍ଷତ୍ର ଉତ୍ସବ
ଅବସରରେ ଶୁଭେଚ୍ଛା
ଓ ଶୁଭକାମନା

ଶିବ ସୁନ୍ଦର ପ୍ରଧାନ
ଯୁବ ସମାଜସେବୀ
ଉଦ୍ଦଳା ଗୋପୀନାଥପୁର, ଟାଙ୍ଗି ବ୍ଲକ, ଖୋର୍ଦ୍ଧା

● ୧୩ତମ ବାର୍ଷିକ କ୍ଷୀରସାଗର ମେଳା

# ୫ ହଜାର ଲିଟର କ୍ଷୀରରେ ସ୍ନାନ କଲେ ବାବା ଦକ୍ଷିଣେଶ୍ୱର



ଗୋପ,୧୪।୧୨(ସମିସ): ଶନିବାର ଗୋପ ବ୍ଲକ୍ ଅଧୀନ ବେଗୁନିଆ ଗ୍ରାମ ନିକଟରେ ଥିବା ପ୍ରସିଦ୍ଧ ଶୈବପୀଠ ବାବା ଦକ୍ଷିଣେଶ୍ୱରଙ୍କ ୧୩ତମ ବାର୍ଷିକ ମହା କ୍ଷୀର ସାଗର ମେଳା ମହାସମାରୋହରେ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏହି କ୍ଷୀରସାଗର ମେଳାରେ ଶହ ଶହ ଭକ୍ତଙ୍କ ସମାଗମ ହୋଇଥିବାବେଳେ ୫ ହଜାର ଲିଟର କ୍ଷୀରରେ ସ୍ନାନ କରିଛନ୍ତି ବାବା ଦକ୍ଷିଣେଶ୍ୱର। ପ୍ରକାଶ ଯେ, କୁଶଭଦ୍ରା ତଟରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ବଳରାମ ଦାସଙ୍କ ସମାଧି ସ୍ଥଳୀ ନିକଟସ୍ଥ ପ୍ରସିଦ୍ଧ ଶୈବପୀଠ ବାବା ଦକ୍ଷିଣେଶ୍ୱର ମନ୍ଦିରରେ ବାର୍ଷିକ ମହା କ୍ଷୀରସାଗର ମେଳା ଅନୁଷ୍ଠିତ ହୋଇଯାଇଛି। ଶନିବାର ପ୍ରତ୍ୟୁଷରୁ ଠାକୁରଙ୍କୁ ସ୍ନାନ, ଧୂପ, ଦୀପ, ନୈବେଦ୍ୟ ପରେ ଖେଚୁଡ଼ି ଭୋଗ କରାଯାଇ ଭକ୍ତମାନଙ୍କ ଦର୍ଶନ ପାଇଁ ସାହାଣ ମେଳା କରାଯାଇଥିଲା। ରୁଦ୍ରାଭିଷେକ ପରେ ବିଶିଷ୍ଟ ପଣ୍ଡିତଙ୍କ ଦ୍ୱାରା ହୋମ ଯଜ୍ଞ ସଂପୂର୍ଣ୍ଣ ହେବା ପରେ ଦିବା ୧ଟା ସମୟରେ କ୍ଷୀର ଲାଗି ଆରମ୍ଭ କରାଯାଇଥିଲା। ଏହି କ୍ଷୀରଲାଗି ସମୟରେ ଭକ୍ତମାନଙ୍କ ହରିବୋଲ, ହୁଳିହୁଳି, ଘଣ୍ଟଘଣ୍ଟା, ଶଙ୍ଖ, ମର୍ଦ୍ଦଳ ଧ୍ୱନିରେ ପୀଠ ପ୍ରକମ୍ପିତ ହୋଇଉଠିଥିଲା। କ୍ଷୀର ଲାଗି ହୋଇ ଗମରା ପୂର୍ଣ୍ଣ ହୋଇଯାଇଥିଲା। ଭକ୍ତମାନେ ଆଣୁଥିବା କ୍ଷୀରରୁ କ୍ଷୀରି ଭୋଗ ପ୍ରସ୍ତୁତ କରାଯାଇ ଭକ୍ତମାନଙ୍କୁ ପ୍ରସାଦ ରୂପେ ବଣ୍ଟନ କରାଯାଇଥିଲା। ପୂଜକ ଗୋପାଳକୃଷ୍ଣ ପାଢ଼ୀ, ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ମହେନ୍ଦ୍ର କୁମାର ପାଢ଼ୀ, ସଦାଶିବ ପଣ୍ଡା, ପ୍ରଦୀପ୍ତ କୁମାର ପାଢ଼ୀ ପ୍ରମୁଖ ପୂଜାର୍ଚ୍ଚନା କାର୍ଯ୍ୟ ତୁଲାଇଥିଲେ। କର୍ତ୍ତା ଭାବେ ଲକ୍ଷ୍ମୀଧର ବେହେରା କାର୍ଯ୍ୟ ସଂପାଦନ କରିଥିଲେ। କ୍ଷୀର ସାଗର ମେଳାକୁ ଆଖି ଆଗରେ ରଖି ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବାବେଳେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍ସର୍ଗ ପରିବାର ପକ୍ଷରୁ ସେବା କାର୍ଯ୍ୟ କରାଯାଇଥିଲା। କ୍ଷୀରସାଗର କମିଟିର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜଳିଗଲା ଗୁହାଳ; ଅଳ୍ପକେ ବର୍ତ୍ତିଲେ ଗାଈଗୋରୁ

ଅସ୍ତରଙ୍ଗ,୧୪।୧୨(ସମିସ): ଶନିବାର ସନ୍ଧ୍ୟା ସମୟରେ ଅସ୍ତରଙ୍ଗ ବ୍ଲକ୍ ଝାଡ଼ଲିଙ୍ଗ ପଞ୍ଚାୟତ ନାନପୁର ପତିସାହି ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି। ସୂଚନା ମୁତାବକ, ଉକ୍ତ ଗ୍ରାମର ପ୍ରଦୀପ ପତି ସନ୍ଧ୍ୟା ସମୟରେ ଗୁହାଳରେ ନଡ଼ା ଜାଳି ଧୂଆଁ ଦେଉଥିଲେ। ତାଙ୍କ ଅସାବଧାନତା ପାଇଁ ଜଳନ୍ତା ନଡ଼ାରୁ ନିଆଁ ଖଣ୍ଡ ଉଡ଼ି ଗୁହାଳ ଚାଳ ଛପର ସମ୍ପର୍କରେ ଆସିଥିଲା। ଫଳରେ ଅଗ୍ନିକାଣ୍ଡ ଘଟି ଗୁହାଳଟି ଜଳିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁହାଳରେ ଥିବା ଗାଈ ଓ ଛେଳିଙ୍କୁ ଉଦ୍ଧାର କରାଯାଇଥିଲା। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରଦୀପଙ୍କୁ ସହାୟତା ପ୍ରଦାନ ପାଇଁ ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।



ପଦ୍ମାଳୟା ସାମଲ

# ପାଳଭୂତ

ସପ୍ତାହେ ହେଲାଣି କାମବାଲିକୁ ଲଗେଇ ଘରଟାସାରା ଝଡ଼ାଝଡ଼ି, ଧୂଆପୋଛା ଦିନରାତି ଚାଲିଛି। କୋଉଠି ଟିକେ ଦାଗ ଲାଗିଲେ ମନୋରମା ଚିଡ଼ି ଉଠୁଛନ୍ତି। ସ୍ୱାମୀ ପଞ୍ଚାନନଙ୍କୁ କଡ଼ା ଚେତାବନୀ ଦିଆଯାଇଛି, ଘର ଯେମିତି ସାମାନ୍ୟ ଟିକେ ବି ଅପରିଷ୍କାର ନହୁଏ ! ପୁଅ, ବୋହୂ, ନାତି ତାଙ୍କର ବିଦେଶରୁ ଆସୁଛନ୍ତି ଚାରିବର୍ଷ ପରେ। ଘର ଭିତରୁ ବାହାରି ଆସିଲେ ମନୋରମା। ତାହାହିଁ ଯଥେଷ୍ଟ ଥିଲା ପଞ୍ଚାନନଙ୍କୁ ଅଟକାଇଦେବା ପାଇଁ ଦରଜା ପାଖରେ। ପ୍ରତିକ୍ରିୟାହୀନ ଓ ଉଦାସ ଦିଶିଲା ତାଙ୍କ ମୁହଁ।

-"କୁଆଡ଼େ ପଶିଆସୁଛ ଏମିତି? କେତେ ଥର କହିଚି, ଜୋତା ବାହାରେ ରଖି ଘର ଭିତରକୁ ଆସିବା ପାଇଁ। ମୋ କଥା ତୁମେ ଶୁଣିଚ ନା, ଶୁଣିବ ? ଏଇ ଟିକିଏ ଆଗରୁ ସବୁ ପରିଷ୍କାର କରି ଯାଇଥିଲି। ମାଟି କେଉଁଠୁ ଆସିଲା?" ମନୋରମାଙ୍କ କଟକଣାରେ ପାଟିଖୋଲି ପଞ୍ଚାନନ କିଛି କହିପାରିଲେନି ସିନା, କିନ୍ତୁ ମନେ ମନେ ବିରକ୍ତ ହେଲେ।

ଅବଶ୍ୟ ପଞ୍ଚାନନ ଜାଣନ୍ତି, ଘରକୁ ବୋହୂ ହୋଇ ଆସିବା ଦିନରୁ ମନୋରମା ଏମିତି। ସେ ଜାଣନ୍ତି ଜୀବନ ବିତାଇବା ପାଇଁ ଆବଶ୍ୟକ ଗୋଟେ ଘର। ଯେଉଁଠି କେହି ଅସନ୍ତୋଷ ପ୍ରକାଶ କରିବେ ନାହିଁ। ଅଳନ୍ଧୁ ଟିକେ ନଥିବ ରୋଷେଇଘରେ। ଖାଇବା ଟେବୁଲ ଉପରେ ରଖାଯିବ ଖାଦ୍ୟ ଓ ପଣିଭରା ଗ୍ଲାସ୍। ଚାରିକାନ୍ଥ ଭିତରେ ରହିବ ନାହିଁ ଶୋଷ, ଭୋକ, ଅନଟନ। ଆଲମିରାରେ ସଜା ହୋଇଥିବ ପୋଷାକପତ୍ର। ଧୂଳି ଲାଗିବ ନାହିଁ ପଢ଼ା ଟେବୁଲରେ। ଠାକୁର ଘରେ ଠାକୁରଙ୍କ ମୁହଁ ଦିଶିବ ପ୍ରସନ୍ନ, ତେଜୋଦୀପ୍ତ। ସକାଳେ ଓ ସନ୍ଧ୍ୟାରେ ଶୁଭିବ ଶଙ୍ଖଧ୍ୱନି, ପ୍ରାର୍ଥନା ଓ ମନ୍ତ୍ରପାଠ। ଯେମିତିକି ଘର ଭିତରେ ସବୁବେଳେ ବିରାଜମାନ କରିଥିବ ପ୍ରାଚୁର୍ଯ୍ୟ, ବିଶ୍ୱାସ ଓ ଭଲପାଇବା।

ସବୁଦିନ ପରି ଆଜିର ସକାଳ ନଥିଲା। ମନୋରମା ଚାରିବର୍ଷ ପରେ ପାଖରେ ପାଇଥିଲେ ତାଙ୍କର ପୁଅ, ବୋହୂ ଆଉ ନାତିକୁ। ତାଙ୍କ ଗୋଡ଼ ଆଉ ତଳେ ଲାଗୁନଥିଲା। ଭଳିକି ଭଳି ରୋଷେଇ ପାଇଁ ବରାଦ ଦେଉଥିଲେ ରାମୁକକାଙ୍କୁ। କେବଳ ସେତିକି ନୁହେଁ, ରୋଷେଇ ଘରେ ରହି ପୁଅ ପସନ୍ଦର କିଛି ଖାଦ୍ୟ ନିଜେ ରାନ୍ଧି ପୁଅକୁ ପରଷୁଥିଲେ। ପୁଣି କେତେବେଳେ ନାତିକୁ କୋଳରେ ଧରି ଗେଲ କରିପକାଉଥିଲେ ତ ଆଉ କେତେବେଳେ ପୁଅର ଚୁଟିକୁ ସାଉଁଳେଇ ଆନନ୍ଦରେ ଗଦ୍‌ଗଦ୍ ହେଉଥିଲେ। ଏ ଦୃଶ୍ୟ ଦେଖି ପଞ୍ଚାନନ ଭାବୁଥିଲେ ଯା' ହେଉ ମନୋରମାଙ୍କ ମାନ୍ଦେଇ ପଡ଼ିଥିବା ଶରୀରରେ ପୂର୍ବ ଫୂର୍ତ୍ତି ଯେମିତି ଫେରିଆସିଛି।

ପରଦିନ ସକାଳେ ଏତେ ଦିନ ପରେ ଆମେରିକାରୁ ଫେରିଥିବାରୁ ପୁଅ ରୁଷଭ ସହ ସୁଜିତ ବାହାରିଗଲା ଗାଁ ଅଭିମୁଖେ, ଉଦ୍ଦେଶ୍ୟ ଥିଲା ଗାଁ ସଂସ୍କୃତି ସହିତ ପୁଅକୁ ପରିଚିତ କରାଇବା। ଗ୍ରାମ ଦେବତୀ, ଗାଁ ନଈପଠା ଦେଖି ଆନନ୍ଦ ବିଭୋର ହେଉଥିଲା ତିନି ବର୍ଷର ଛୋଟ ଛୁଆ ରୁଷଭ। ନଈ କୂଳେ କୂଳେ ଦୁହେଁ ଆଗେଇ ଚାଲିଲେ ନିଜ ଚାଷ ଜମିକୁ। ବାଟରେ ଚାଲିଚାଲି ଯାଉଥିବାବେଳେ ଡାଡି କହୁଥିବା କଥା ସବୁକୁ ମନଦେଇ ଶୁଣୁଥାଏ ରୁଷଭ। ହଠାତ୍ ପୁଅ ରୁଷଭ ଅଟକିଗଲା କ୍ଷେତକୁ ଜଗିଥିବା ପାଳଭୂତ ପାଖରେ ଆଉ ସୁଜିତକୁ ପ୍ରଶ୍ନ କଲା, "ଡାଡି ! ଇଏ ପୁଣି କିଏ ?"

ସୁଜିତ ପୁଅକୁ ବୁଝେଇଦେଲେ – "ଇଏ ପାଳଭୂତ, ଯିଏ ଆମ କ୍ଷେତକୁ ଜଗେ ମାସ ମାସ ଧରି। ତାକୁ ଦେଖି ଭୟରେ ମାଙ୍କଡ଼, ଛେଳି,ଷଣ୍ଢ ଭଳି ଆହୁରି କେତେ ପଶୁ ଆମ କ୍ଷେତକୁ ପଶିପାରନ୍ତି ନାହିଁ, କି ଫସଲ ନଷ୍ଟ କରିପାରନ୍ତି ନାହିଁ।" ରୁଷଭ ବାବାଙ୍କ କଥା ଶୁଣି କ'ଣ ବୁଝିଲା କେଜାଣି ମୁଣ୍ଡ ଟୁଙ୍ଗାରିଲା। ଏମିତି ରୁଷଭର କଅଁଳ ମନରେ ଉଠୁଥିବା କେତେ କେତେ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିଲା ସୁଜିତକୁ ଘରେ ଆସି ପହଞ୍ଚିଲା ପର୍ଯ୍ୟନ୍ତ।

ଘରେ ପହଞ୍ଚି ରୁଷଭ ଦେଖିଲା ଜେଜେ ଚୁପ୍‌ଚାପ୍ ବସିଛନ୍ତି ଗେଟ୍ ପାଖରେ ପ୍ଲାଷ୍ଟିକ୍ ଚଉକି ଉପରେ। ପାଖକୁ ଲାଗି ଆସି ରୁଷଭ ପଚାରିଲା – "ଜେଜେ, ତୁମକୁ ଗୋଟେ କଥା କହିବି?"

ପଞ୍ଚାନନ ନାତିର ମୁଣ୍ଡକୁ ଆଉଁଶି କହିଲେ, "କହ କ'ଣ କହିବାକୁ ଚାହୁଁଛୁ?"

ଡଗଡଗ ହୋଇ ରୁଷଭ କହିଲା – "ଜେଜେ! ମୁଁ ଆଜି କ୍ଷେତରେ ପାଳଭୂତ ଦେଖିଲି, ଯିଏ ଆମ ଚାଷ ଜମିକୁ ଜଗିଛି। ମତେ ଗୋଟେ କଥା କୁହ ତ!

କାଲିଠାରୁ ମୁଁ ଆସିଲାବେଳୁ ଦେଖୁଛି ତମେ ବହୁତ ସମୟ ଏଇ ଗେଟ୍ ପାଖରେ ଆମ ଘରକୁ ଜଗିକି ବସୁଛ। ତମକୁ ଦେଖି ଆମ ଘର ଭିତରକୁ କୁକୁର, ବିଲେଇ, ଅଜଣା ଲୋକ କେହି ବି ପଶି ପାରୁନାହାନ୍ତି। ସମସ୍ତେ ତମକୁ ଡରୁଛନ୍ତି। ତାହେଲେ ତମେ ଆମ ଘରର ପାଳଭୂତ ନା!"

ନାତିର କଥା ଶୁଣି ତା'ର ମାସୁମ୍ ମୁହଁକୁ ଚାହିଁ କହିଲେ– "ହଁ...ରେ ରିଷି, ଆମେ ଜେଜେମାନେ ଏଇମିତି ଗୋଟେ ଗୋଟେ ପାଳଭୂତ। ପ୍ରତିଘରକୁ ଜଗି ବସି ରହିଛୁ ବର୍ଷ ବର୍ଷ ଧରି।"

ଏକଥା କହିଲା ବେଳକୁ ପଞ୍ଚାନନଙ୍କ ଛାତି ଭିତରଟା କଇଁକଇଁ ହୋଇ କାନ୍ଦି ଉଠୁଥିଲା କେଉଁ ଏକ ଅବ୍ୟକ୍ତ ବେଦନାରେ। ■

ଭୁବନେଶ୍ୱର
ମୋ: ୭୦୦୮୩୪୮୧୭୨



# ମିଛ



ଭାରତ ମାଝୀ

ମିଛେ ଢାଙ୍କିଦେଲି ସାରାଟା ସଂସାର
ଖଣ୍ଡ ଖଣ୍ଡ କାଟିଦେଲି ଜିଭ,
ଅନାୟାସରେ ଚିପୁଡ଼ି ଦେଲି
କମଳାଲେମ୍ବୁ ପୃଥିବୀ,
କେମିତି ପାରିଲି, ମନେ ନାଇଁ,
ମୋ ଆଗରେ କୁଆଡ଼େ
ଛଦ୍ମବେଶରେ ଜଗତ
କୁହ, କାଇଁ ?

ଦଦରା ବିଶ୍ୱାସର ଆଧାରରେ
ଟପି ଆସିଲି ଏତେ ବାଟ
ହଟଚମଟ
ଖୋଜିଲି ଗତି, ଗମକ ଚମକରେ
ନିଅ, ଗତି, ମିଳୁଚି ବଜାରରେ।

ମିଛରେ ଢାଙ୍କିଦେଲି ସାରାଟା ସଂସାର
ବଜାରରେ ଠିଆ ହେଇ ଆଡ଼େଇଲି ହୁନ୍ଦର,
ବ୍ୟାଗରେ ଭର୍ତ୍ତି ମୁଁ
ଷାଠିଏ କିଲୋର ଜଞ୍ଜାଳ,
କିଏ ନେବ ହୋ, ଗରାଖ ଈଶ୍ୱର !

ହେ ମୋର ଛଦ୍ମବେଶୀ ପ୍ରେମ,
ରାସ୍ତା ଆଉ ସମୟର ତାରେ ନାରେ ନାନା,
ଏଇ ମିଛ ଟିକେ ଇ ତ ମୋର ସାନ୍ତ୍ୱନା! ■

# ଅନ୍ଧାର



ଚକ୍ରପାଣି ପରିଚ୍ଛା

॥୧॥

ବନ୍ଦକରିଦିଅ ଆକାଶର ସବୁତକ
ଦର୍ଜା ଏବଂ ଝର୍କା
ଫେରିବା ପୂର୍ବରୁ

ଏବଂ କାଟିଦିଅ ସୂର୍ଯ୍ୟର ଡେଣା,
ରକ୍ତରେ ଭିଜୁଥାଉ
ଅନ୍ଧାରର ଦିହ ହାତ

କେହି ଜଣେ
ଖୋଜୁଥାଏ ନିଜ ଜୀବାଶ୍ମ
ଅନ୍ଧାରର ପେଟରାରୁ

ଅନ୍ଧାର ଏବେ ବିସ୍ଥାପିତ
ଅନ୍ଧୁଣୀର ଆଖିରେ।

॥୨॥

ଶୂନ୍ୟରୁ ଖସିପଡ଼ିବାପରେ
ସଂଚରିଯାଏ ଅନ୍ଧାର
ସୂର୍ଯ୍ୟର ଆଖିରେ

ଏବଂ ଫୁଲ ହେଇ ଫୁଟେ
ଶବ୍ଦର

ସେ ଶବ୍ଦରେ ଥାଏ
ଆତୁରତା
ଉଚ୍ଚାଟନ ବି

ଦୁଃଖକୁ ଭୋଗିବା ନେଇ
ସାରାରାତି


ଅନ୍ଧାର
ଅନ୍ଧାରର କୋମଳଗାନ୍ଧାର
ନିଜ ପାଇଁ। ■

ମୋ: ୯୧୭୮୬୪୭୧୩୭

## ପୁସ୍ତକ ପରିଚୟ

### ଯାହା ମୁଁ ହେବାର ଥିଲା

ଗନ୍ତାୟତ ଶିବପ୍ରସାଦ




ଫ୍ରେଣ୍ଡସ୍ ପବ୍ଲିଶର୍ସ
ବିନୋଦବିହାରୀ, କଟକ
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ : ୧୭୦ ଟଙ୍କା

ବିଶିଷ୍ଟ ବ୍ୟଙ୍ଗ ଲେଖକ ଗନ୍ତାୟତ ଶିବପ୍ରସାଦଙ୍କ 'ଯାହା ମୁଁ ହେବାର ଥିଲା' ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ସଂକଳିତ ଲେଖାଗୁଡ଼ିକରେ ଶାଣିତ ବ୍ୟଙ୍ଗ ଓ ସାମାଜିକ ବାର୍ତ୍ତା ରହିଛି। 'ଈଶ୍ୱରଙ୍କ ନାମରେ', 'ଘୁଷୁରୀ ଓ ସୌଦାଗର କଥା', 'ବାପାଙ୍କ ପାଇଁ ଏତେ କଥା', 'କେବଳ ଯୁବକଙ୍କ ପାଇଁ', 'ଆତ୍ମା ମାଗିଛି', 'ଏକ ସାରସ୍ୱତ ସଙ୍କଟ', 'ସ୍ୱର୍ଗକୁ ଶିଡ଼ି', 'ଅପହୃତ ଯୌବନ', 'କ'ଣ ଖାଇବାକୁ ଭଲ ଲାଗେ', 'ଜଣେ ଲେଖକର ଦୁର୍ଦ୍ଦଶା', 'ଅପରାଧ ହଟିଯିବା ପରେ...' ଆଦି ଲେଖାଗୁଡ଼ିକ ଚମତ୍କାର ହୋଇଛି। 'ସ୍ୱର୍ଗକୁ ଶିଡ଼ି' ଏକ ଚମତ୍କାର ବ୍ୟଙ୍ଗ ରଚନା। ସ୍ୱର୍ଗକୁ ଶିଡ଼ି ପ୍ରସଙ୍ଗ ଉଠିଲେ, ସ୍ୱତଃ ମନକୁ ଆସିଯାଏ ରାବଣର କଥା। କିଭଳି ରାବଣ ସ୍ୱର୍ଗକୁ ନିଶୁଣି କରିବାର ଯୋଜନା କରି ବିଫଳ ହୋଇଥିଲା। ଏହି ରଚନା ମାଧ୍ୟମରେ ଅସମ୍ଭବ ବା ଅବାସ୍ତବ କଥାକୁ ନେଇ ସ୍ୱପ୍ନ ଦେଖିବା କିଭଳି ନିରର୍ଥକ, ତାହା ଲେଖକ ପ୍ରକାରାନ୍ତରରେ ସୂଚାଇ ଦେଇଛନ୍ତି। ସେହିପରି ଜୀବନରେ ଜଣେ ଯାହା ହେବାକୁ ଚାହେଁ, ତାହା ହୋଇପାରେନା, ଯାହା ହୋଇଥାଏ ତାହା କେବେ ଭାବି ନଥିବ। ଏଭଳି ପ୍ରସଙ୍ଗକୁ ନେଇ ରଚିତ ହୋଇଛି 'ଯାହା ମୁଁ ହେବାର ଥିଲା'। ସାଧାରଣ ଜୀବନର ଅନେକ ବାସ୍ତବ ଘଟଣାକୁ ଲେଖକ ବ୍ୟଙ୍ଗାତ୍ମକ ଭଙ୍ଗୀରେ ଅତି ସହଜ ଓ ସରଳ ଭାଷାରେ ପ୍ରକାଶ କରିଛନ୍ତି। ପ୍ରତିଟି ବ୍ୟଙ୍ଗ ରଚନାରେ ଭରି ରହିଛି ସାମାଜିକ ବାର୍ତ୍ତା, ମାନବିକତାର ସ୍ୱର। 'ଯାହା ମୁଁ ହେବାର ଥିଲା' ପୁସ୍ତକରେ ଅନ୍ତର୍ନିହିତ ବାର୍ତ୍ତା ପାଠକମାନଙ୍କୁ ପ୍ରେରଣା ଦେବ ବୋଲି ଆଶା କରାଯାଏ। ■

### ଜାଣେନା କାହା ବାଟ ରହିଛି ଚାହିଁ

କିଶୋର ଆକାଶ



୧୮୮୨, ନୟାପଲ୍ଲୀ,
ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୩
ମୂଲ୍ୟ ୧୬୯ ଟଙ୍କା

କଥାକାର କିଶୋର ଆକାଶଙ୍କ 'ଜାଣେନା କାହା ବାଟ ରହିଛି ଚାହିଁ' ଗଳ୍ପ ସଂକଳନ ପ୍ରକାଶ ପାଇଛି। ଏହି ପୁସ୍ତକରେ ମୋଟ ୧୪ଟି ଭିନ୍ନ ସ୍ୱାଦର ଗଳ୍ପ ସଂକଳିତ ହୋଇଛି। 'ଅବୁଝା ଚାହାଣି- ଅକୁହା କାହାଣୀ', 'ମୁଠାଏ ମାୟାଚ୍ଛିନ୍ନ ମୁହୂର୍ତ୍ତ', 'ଅସହାୟ ଅନ୍ଧାରର ଆତ୍ମଲିପି', 'ସତୀ ପରୀକ୍ଷା', 'ଗଜ ଉଦ୍ଧାରଣ', 'ଫେରାର ଫଗୁଣ', 'ଅବସୋସ', 'ଚିତ୍ରପଟ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ଉଗ୍ର ଆଧୁନିକ ପତ୍ନୀ, ପୁଅ, ଝିଅ ଓ ଶାଶୁଙ୍କ ମାନସିକ ଅତ୍ୟାଚାରରେ କିଭଳି ଜଣେ ବାପା ଅସହାୟ ଜୀବନ ବଞ୍ଚୁଛି,ଆଉ ଶେଷରେ ଆତ୍ମହତ୍ୟା କରିବାକୁ ବାଧ ହେଉଛି, ତାହା ପ୍ରତିଫଳିତ ହୋଇଛି 'ବକ୍ରୀ ବନିଯାଉଥିବା ବାପାମାନଙ୍କ ବୃତ୍ତାନ୍ତ' ଗଳ୍ପରେ। 'ମିଠା ମିଠା ମିଛର ମହକ' ଏକ ପ୍ରେମମୂଳକ ଗଳ୍ପ। ଏହି ଗପରେ ଇତିଶ୍ରୀ ଓ ଶ୍ରୀକାନ୍ତଙ୍କ ନିରବ ପ୍ରେମ କାହାଣୀ ବର୍ଣ୍ଣିତ। ଉଭୟେ ପରସ୍ପରକୁ ଭଲ ପାଆନ୍ତି। ଶେଷରେ ପରିସ୍ଥିତିରେ ପଡ଼ି ଇତିଶ୍ରୀ ବିବାହ କରିଛି ସୌମ୍ୟରଞ୍ଜନଙ୍କୁ। ଏହି ବିବାହ କିନ୍ତୁ ଇତିଶ୍ରୀକୁ ଖୁସି କରିପାରିନଥିଲା। ସେପଟେ ଶ୍ରୀକାନ୍ତ ସନ୍ନ୍ୟାସୀ ହୋଇ ଋଷିକେଶରେ ଇତିଶ୍ରୀର ମୂର୍ତ୍ତିଟିଏ ତିଆରି କରି ପୂଜା କରିଛି। ପ୍ରେମ ଓ ତ୍ୟାଗର ଚିତ୍ର ପ୍ରତିଫଳିତ ହୋଇଛି 'ମିଠାମିଠା ମିଛର ମହକ' ଗଳ୍ପରେ । ମଣିଷ ଜୀବନର ନାନାବିଧ ସମସ୍ୟା, ମଣିଷର ଅସହାୟତା, ମାନବୀୟ ଆବେଗ, ସାମାଜିକ ବାସ୍ତବତା ଆଦିକୁ ନେଇ ଏହି ଗପଗୁଡ଼ିକର କାହାଣୀ ଗତିଶୀଳ। ସରଳ ଭାଷା, ନିଆରା ଉପସ୍ଥାପନା ଶୈଳୀ, କାହାଣୀରେ ନୂତନତା ଗଳ୍ପଗୁଡ଼ିକୁ ଅଧିକ ହୃଦୟସ୍ପର୍ଶୀ କରିଛି। ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■



ଡକ୍ଟର ହିମାଦ୍ରି ତନୟା ମିଶ୍ର

# ଓଡ଼ିଆ ସାହିତ୍ୟରେ ରୀତିକାବ୍ୟ ପରମ୍ପରା

ରୀତି ସମ୍ପ୍ରଦାୟର ପ୍ରତିଷ୍ଠାତା ହେଉଛନ୍ତି ଆଚାର୍ଯ୍ୟ ବାମନ। ରୀତିକୁ ଏକ ବିଶେଷ ମହତ୍ତ୍ୱ ଦେବାରେ ତାଙ୍କର ଭୂମିକା ଉଲ୍ଲେଖଯୋଗ୍ୟ। ଆଚାର୍ଯ୍ୟ ବାମନ ରୀତିକୁ କାବ୍ୟର ଆତ୍ମା ଭାବରେ ଗ୍ରହଣ କରିଥିଲେ। ସମସ୍ତ ବିଦ୍ୟା ତଥା ବୁଦ୍ଧିର ମୂଳ ଉତ୍ସ ହେଉଛି ବେଦ। ରସ ଓ ଅଳଙ୍କାର ସଦୃଶ 'ରୀତି'ର ଉଦ୍‌ଗମସ୍ଥଳ 'ବେଦ' ହିଁ କୁହାଯାଇପାରେ, କାରଣ ଏହାର କେତେକ ସ୍ଥାନରେ ରୀତି ଶବ୍ଦର ବହୁଳ ବ୍ୟବହାର ରହିଛି। ଋକ୍‌ବେଦରେ 'ଧାରା' ଅର୍ଥରେ ରୀତି ଶବ୍ଦର ପ୍ରୟୋଗ ହୋଇଛି।

ଅଳଙ୍କାରର ବିକାଶ ସଙ୍ଗେ ସଙ୍ଗେ ରୀତି ସମ୍ପ୍ରଦାୟର ବିକାଶ ହୋଇଥିବା ବିଷୟ ବହୁ ଆଚାର୍ଯ୍ୟ ସ୍ୱୀକାର କରିଛନ୍ତି। ଭରତମୁନି 'ନାଟ୍ୟଶାସ୍ତ୍ର'ରେ ପ୍ରବୃତ୍ତି ଅର୍ଥରେ ରୀତି ଶବ୍ଦର ବ୍ୟବହାର କରିଛନ୍ତି। ଆଚାର୍ଯ୍ୟ ଦଣ୍ଡୀଙ୍କ ସମୟରେ ରୀତି ପରିସର ବ୍ୟାପକ ହୋଇଥିବାର ଜଣାଯାଏ। ସେ ରୀତି ଅର୍ଥରେ 'ମାର୍ଗ' ଶବ୍ଦ ପ୍ରୟୋଗ କରି 'ବୈଦର୍ଭୀ' ଓ 'ଗୌଡ଼ୀ' ନାମକ ଦୁଇଟି ମାର୍ଗର ନିର୍ଦ୍ଦେଶ କରିଛନ୍ତି। ରୀତି ସମ୍ବନ୍ଧରେ ଆଚାର୍ଯ୍ୟ ବାମନ କହିଲେ - 'ବିଶିଷ୍ଟ ପଦରଚନା ରୀତିଃ।' ଭରତମୁନିଙ୍କ ଗୁଣ ବ୍ୟାଖ୍ୟାଠାରୁ ଆଚାର୍ଯ୍ୟ ଦଣ୍ଡୀଙ୍କର ଗୁଣ ବ୍ୟାଖ୍ୟାରେ ସ୍ୱତନ୍ତ୍ରତା ରହିଛି।

ଆଚାର୍ଯ୍ୟ ଦଣ୍ଡୀ ବୈଦର୍ଭୀ ଓ ଗୌଡ଼ୀ, ଏହି ଦୁଇଟି ରୀତିକୁ ସ୍ୱୀକୃତି ଦେଇଥିବା ବେଳେ ବାମନ ପାଞ୍ଚାଳୀ ନାମକୁ ଅନ୍ୟ ଏକ ରୀତିକୁ ସ୍ଥାନିତ କରି ରୀତିର ସଂଖ୍ୟା ତିନିକୁ ବୃଦ୍ଧି କରାଇଥିଲେ। ଯଥା- 'ବୈଦର୍ଭୀ ଗୌଡ଼ୀୟା ପାଞ୍ଚାଳୀ ଚେତି।' ବାମନଙ୍କ ପରବର୍ତ୍ତୀ ସମୟରେ ଆଳଙ୍କାରିକ ରୁଦ୍ରଟ ପଦମାନଙ୍କର ସଂଯୋଜନାକୁ ରୀତି ଭାବରେ ଗ୍ରହଣ କରି 'ଲାଟୀ' ନାମକ ଅନ୍ୟ ଏକ ଚତୁର୍ଥ ରୀତିର ଅସ୍ତିତ୍ୱକୁ ସ୍ୱୀକୃତି ଦେଇଥିଲେ।

ଯେଉଁ କାବ୍ୟ ପାଠ କରିବା ସମୟରେ ସହୃଦୟର ଚିତ୍ତବୃତ୍ତି ଶାନ୍ତ ହୋଇଯାଏ, ମନ ଆର୍ଦ୍ର ଓ କୋମଳ ହୋଇଉଠେ, ତାହାହିଁ ମାଧୁର୍ଯ୍ୟ ବା ବୈଦର୍ଭୀ ରୀତି। ଏହା ମାଧୁର୍ଯ୍ୟ ଗୁଣ ବ୍ୟଞ୍ଜକ ବର୍ଣ୍ଣଗୁଡ଼ିକ ଦ୍ୱାରା କୋମଳ, ସମାସହୀନ ବା ଅଳ୍ପ ସମାସଯୁକ୍ତ ରଚନା। ଦୀନକୃଷ୍ଣଙ୍କ 'ରସ କଲ୍ଲୋଳ', କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' ପରି ରୀତିଯୁଗୀୟ ଅନ୍ୟାନ୍ୟ କାବ୍ୟ ତଥା 'ପ୍ରେମ ଚିନ୍ତାମଣି', 'କେଳି କଳାନିଧି' ଭଳି ଅନେକ କାବ୍ୟରେ ଏହି ରୀତିର ନିବେଶ ରହିଛି। ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ଦୂତୀ ଯୁଗଳଙ୍କ ଅନୁରାଗର କଥୋପକଥନ ଛଳରେ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ବିପ୍ରଲମ୍ଭ ଶୃଙ୍ଗାର ବର୍ଣ୍ଣନାରେ ଏହି ରୀତିର ଚମତ୍କାରିତା ରହିଛି। 'ସୁଭଦ୍ରା ପରିଣୟ' କାବ୍ୟରେ ସୁଭଦ୍ରାଙ୍କ ପ୍ରତି ଥିବା ପ୍ରେମାସକ୍ତ ଅର୍ଜୁନଙ୍କ ମନରେ ବିଚ୍ଛେଦାବସ୍ଥାରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟା ବୈଦର୍ଭୀ ରୀତିର ଉଦାହରଣରେ ନିଆଯାଇପାରେ। ଯଥା-

'ଶ୍ରୀରାଧା ବାତୁଳୀ ପ୍ରେମରତ୍ନ ତୁଳୀ ଘେନ ଚିହ୍ନାରା ଗ୍ରାହକମାନେ
କୃଷ୍ଣ ଅତି ଦୀନେ ଦୂତିକାକୁ ଦିନେ ପଚାରନ୍ତି କର ଧରି ଛନେ
ପ୍ରାଣ ବନ୍ଧୁ ରୀତି।
କହି ମୋ ଶ୍ରୁତିକି କର ଗତି।' (ବିଦଗ୍ଧ ଚିନ୍ତାମଣି)

x x x

'ଶୁଣି ମଲା ମୋହ ଲାଗି ଭାଳିବ। ସଲିଳଯେ ନୟନୁ ବାହାରିବ।
ସେ ଜଳକୁ ପାଇ ସ୍ୱର୍ଗେ ବସିବି। ସନ୍ତାନ ତଳେ ସଙ୍ଗ ମନାସିବି।' (ସୁଭଦ୍ରା ପରିଣୟ)

ଗୌଡ଼ୀ ରୀତି ଦୀର୍ଘ ସମାସଯୁକ୍ତ ଓ ଓଜଃ ଗୁଣ ପ୍ରକାଶକ ବର୍ଣ୍ଣ ଦ୍ୱାରା ଆଡ଼ମ୍ବରପୂର୍ଣ୍ଣ ରଚନା। ମହାପ୍ରାଣ ଅକ୍ଷରରେ ରଚିତ ଅନୁପ୍ରାସ ବହୁଳ, ଅଳ୍ପ ବାକ୍ୟ ଏହି ରୀତିର ବୈଶିଷ୍ଟ୍ୟ। ଏହା ଚିତ୍ତକୁ ଉଦ୍ଦୀପ୍ତ କରିଥାଏ। ପାଠକ ହୃଦୟରେ ଏହା ଉତ୍ସାହ ଓ ଉତ୍ତେଜନା ସୃଷ୍ଟି କରେ। ଏହା ବୀଭତ୍ସ ଓ ରୌଦ୍ର ଭାବରେ ଅଧିକ ପ୍ରତୀତ ହୋଇଥାଏ। ଓଡ଼ିଆ ରୀତିଯୁଗୀୟ କାବ୍ୟର କେତେକ ସ୍ଥାନରେ ଗୌଡ଼ୀ ରୀତିର ଉପଲବ୍ଧି ହୁଏ। 'ମଥୁରାମଙ୍ଗଳ'



କାବ୍ୟର ବାଇଶ ଛାନ୍ଦରେ କୃଷ୍ଣ ଓ ଚାଣୂରର ସମର ବେଳର କଥା ଚିତ୍ର ବୀର ରସର ଅବତାରଣା ଗୌଡ଼ୀ ରୀତି ରହିଛି। ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି' କାବ୍ୟର ପଞ୍ଚଷଠି ଛାନ୍ଦରେ ଗୋପ ବାଳକଙ୍କ ଗାଈ ରଖିବାକୁ ଯିବାବେଳେ ଯେଉଁସବୁ ଆଚରଣ କରିଛନ୍ତି, ତାହା ବୀର ରସ ଦ୍ୟୋତକ। ଆଡ଼ମ୍ବରପୂର୍ଣ୍ଣ ଶବ୍ଦ ସଂଯୋଜନା ଏହି ରୀତିର ଉଦାହରଣ।

ସାଧାରଣ ଭାବରେ ଦେଖିଲେ ବୈଦର୍ଭୀ ଓ ଗୌଡ଼ୀ ରୀତିର ମଧ୍ୟବର୍ତ୍ତୀ ରଚନା ହିଁ ପାଞ୍ଚାଳୀ ରୀତି ଜଣାଯାଏ। ଓଜଃ, କାନ୍ତି, ମାଧୁର୍ଯ୍ୟ, ସୌକୁମାର୍ଯ୍ୟ ଗୁଣ ସମ୍ପନ୍ନ ରଚନାବଳୀକୁ ପାଞ୍ଚାଳୀ ରୀତି କୁହାଯାଏ। ପ୍ରସାଦ ଗୁଣ ଏହି ରୀତିର ବୈଶିଷ୍ଟ୍ୟ। ପାଠକର ଚିତ୍ତ ଆମୋଦିତ ଓ ପୁଲକିତ ହୋଇଥାଏ, ଯାହା ପ୍ରସାଦ ଗୁଣଯୁକ୍ତ। ପାଞ୍ଚାଳୀ ରୀତି ସ୍ୱଭାବ ସୁଲଭ ବର୍ଣ୍ଣନା ଓ ଅଳ୍ପ ସମାସଯୁକ୍ତ। ଭକ୍ତ ଚରଣଙ୍କ ରଚିତ 'ମଥୁରାମଙ୍ଗଳ' କାବ୍ୟରେ ଶ୍ରୀକୃଷ୍ଣ ଓ ସଖାମାନଙ୍କ ମଥୁରା କଟକ ପରିଭ୍ରମଣ କଥା ଚିତ୍ର ବର୍ଣ୍ଣନା ବେଳେ ଏହି ପାଞ୍ଚାଳୀ ରୀତିର ଅନୁଭବ ହୁଏ। ଦୀନକୃଷ୍ଣଙ୍କ 'ରସ କଲ୍ଲୋଳ' କାବ୍ୟରେ ଋତୁ ଚିତ୍ର ବର୍ଣ୍ଣନା ଅବକାଶରେ କବି ପାଞ୍ଚାଳୀ ରୀତିର ବର୍ଣ୍ଣନା ଦେଖିବାକୁ ମିଳେ। ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟରୁ ବସନ୍ତ ଋତୁ ବର୍ଣ୍ଣନା ପରିପ୍ରେକ୍ଷୀରେ ପାଞ୍ଚାଳୀ ରୀତିର ଉପଲବ୍ଧି ହୁଏ। ଯଥା-

'ମଳୟ ଶିଖରୀ ଶିରୀ ଚୋରି କରି ବହିଲାଣି ମନ୍ଦ ସମୀର
ସୁମନାଙ୍କ ବାସ ଚୋରାଇ ନେବଟି ବୋଲି କହିଲାଣି ଭ୍ରମର।' (ଲାବଣ୍ୟବତୀ)

ବୈଦର୍ଭୀ ଓ ପାଞ୍ଚାଳୀର ମଧ୍ୟବର୍ତ୍ତୀ ରୀତିକୁ ଲାଟୀ ରୀତି କୁହାଯାଏ। ବିଶ୍ୱନାଥ କବିରାଜଙ୍କ ମତରେ– 'ଲାଟୀ ରୀତି ବୈଦର୍ଭୀ ପାଞ୍ଚାଲ୍ୟୋରନ୍ତରେ ସ୍ଥିତା' ଅର୍ଥାତ୍ ସମାସର ସ୍ୱଳ୍ପତା ଓ କୋମଳ ପଦାବଳୀ ଦ୍ୱାରା ପରିଶୋଭିତ ଲାଟୀ ରୀତି ସହୃଦୟ ପାଠକ ପ୍ରାଣରେ ଆନନ୍ଦ ଭାବ ସୃଷ୍ଟି ହୋଇଥାଏ। ଓଡ଼ିଆ ରୀତିଯୁଗୀୟ କାବ୍ୟର କେତେକ ସ୍ଥଳରେ ଏହି ଲାଟୀ ରୀତିର ପ୍ରୟୋଗ ହୋଇଥାଏ। ଭକ୍ତ ଚରଣଙ୍କ 'ମଥୁରାମଙ୍ଗଳ' କାବ୍ୟରେ ଏହି ରୀତିର ନିବେଶ ଦେଖାଯାଏ। ଶ୍ରୀକୃଷ୍ଣଙ୍କର ମଥୁରା ଗମନ ଜାଣି ଯଶୋଦାଙ୍କର ମାତୃ ହୃଦୟ ବ୍ୟଥାତୁର ହୋଇଛି। ପ୍ରିୟ ପୁତ୍ର ପାଇଁ ମାତୃ ହୃଦୟର ବାତ୍ସଲ୍ୟ ମମତାର ଚମତ୍କାର ବର୍ଣ୍ଣନା କବି କରିଛନ୍ତି। ସେହିପରି ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟରେ ଓ ଅଭିମନ୍ୟୁଙ୍କର 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ଲାଟୀ ରୀତିର ପ୍ରୟୋଗ ଦେଖାଯାଏ। ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ' କାବ୍ୟରେ ଶ୍ରୀକୃଷ୍ଣଙ୍କ ରୂପ ବର୍ଣ୍ଣନା ପ୍ରସଙ୍ଗରେ ଲାଟୀ ରୀତିର ପ୍ରୟୋଗ ରହିଛି। ଯଥା-

'ଆରେ ବାବୁ ଶ୍ୟାମଘନ ତୁ ଗଲେ ମଧୁଭୁବନ।
କାହା ମୁଖ ଅନାଇ ବଞ୍ଚାବି
ହେବ ଦଶ ଦିଗ ଶୂନ୍ୟ ଅସ୍ଥିର ହେବ ଜୀବନ।
ନିଶି ଦିବସରେ ଝୁରୁଥିବିରେ।'(ମଥୁରା ମଙ୍ଗଳ)

ଓଡ଼ିଆ ସାହିତ୍ୟରେ ରୀତିକାବ୍ୟ ପରମ୍ପରା ଷୋଡ଼ଶ ଶତାବ୍ଦୀର ଆଦ୍ୟଭାଗରୁ ବିକାଶ ହୋଇଛି। ରୀତିଯୁଗ କାବ୍ୟ ପ୍ରଣୟନ କ୍ଷେତ୍ରରେ ବହୁ ସମୃଦ୍ଧ ଥିଲା। ଷୋଡ଼ଶ ଶତାବ୍ଦୀର ଆଦ୍ୟ ଭାଗରୁ ହିଁ ରୀତି ଶୈଳୀ ଧୀରେ ଧୀରେ ବିକଶିତ ହୋଇ ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ, ସଦାନନ୍ଦ, ବଳଦେବ, ଅଭିମନ୍ୟୁ, ଯଦୁମଣି ଆଦିଙ୍କ ଲେଖନୀରେ ଚରମ ଉତ୍କର୍ଷ ଲାଭ କରିଅଛି। ଅଳଙ୍କାରର ସୂକ୍ଷ୍ମ ସଂଯୋଜନା, ରସ, ରୀତି, ଧ୍ୱନି, ବକ୍ରୋକ୍ତି ପ୍ରଭୃତିର ସଫଳ ପ୍ରକାଶ, ବର୍ଣ୍ଣନାର ଚମତ୍କାରିତା, କାବ୍ୟିକ ଗଠନ କୌଶଳ ରୀତି ସାହିତ୍ୟକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଛି। ସର୍ବଭାରତୀୟ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟର ରୀତିଯୁଗ ଅଧିକ ରସଗ୍ରାହୀ କାବ୍ୟ ରଚନାରେ ସକ୍ରିୟ ମନେ ହୋଇଥାଏ। ■

ଓଡ଼ିଆ ଭାଷା ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର
ଭାରତ ସରକାର, ଭୁବନେଶ୍ୱର- ୯

# ବନ୍ଦ ଆକାଉଣ୍ଟରେ ୯ ଲକ୍ଷର ଋଣ ଉଠାଣ

## ଥାନାରେ ଅଭିଯୋଗ କଲେ ଏସ୍‌ଏଚ୍‌ଜି ସଦସ୍ୟା

**କାମାକ୍ଷାନଗର, ୧୪।୧୨(ସମିସ):** ୭ବର୍ଷ ତଳୁ ବନ୍ଦ ହୋଇଥିବା ୩ଟି ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୯ଲକ୍ଷ ଟଙ୍କାର ଋଣ ଉଠାଣ। ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ଅଞ୍ଚଳରେ ୩ଟି ସ୍ୱୟଂସହାୟିକା ଗୋଷ୍ଠୀ ଏପରି ଠକାମିର ଶିକାର ହୋଇଛନ୍ତି। ଏ ସଂପର୍କରେ ସେମାନେ ଥାନାରେ ଅଭିଯୋଗ କରିଛନ୍ତି। ଆକାଉଣ୍ଟ ବନ୍ଦ ହେବା ପରେ କିଏ ଓ କେମିତି ଉକ୍ତ ଆକାଉଣ୍ଟଗୁଡ଼ିକ ଜରିଆରେ ଋଣ ଉଠାଇଲା, ତାହାର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ସୂଚନାନୁସାରେ, ତୁମୁସିଙ୍ଗା ଥାନା ଗାଙ୍ଗିଯୋଡି ଗ୍ରାମରେ ମା' ଦୁର୍ଗା, ମା' ସରସ୍ୱତୀ ଓ ମା' ସନ୍ତୋଷୀ ନାମରେ ୩ଟି ମହିଳା ଏସ୍‌ଏଚ୍‌ଜି ଗ୍ରୁପ୍ ଗଠନ ହୋଇଥିଲା। ପ୍ରତି ଗ୍ରୁପ୍‌ରେ ୧୦ଜଣ ଲେଖାଏଁ ସଦସ୍ୟା ରହିଥିଲେ। ୨୦୧୫ ମସିହାରେ ତୁମୁସିଙ୍ଗାରେ ଥିବା ବ୍ୟାଙ୍କ ଅଫ୍ ବରୋଦା ଶାଖାରେ ସେମାନଙ୍କ ଗ୍ରୁପ୍ ନାଁରେ ୩ଟି ପୃଥକ୍ ପୃଥକ୍ ଆକାଉଣ୍ଟ ଖୋଲିଥିଲେ। କିନ୍ତୁ ଦୁଇ ବର୍ଷ ପରେ ଅର୍ଥାତ୍ ୨୦୧୭ରେ କୌଣସି କାରଣରୁ ମହିଳାମାନେ ଆକାଉଣ୍ଟଗୁଡ଼ିକୁ ବନ୍ଦ କରାଇ ଦେଇଥିଲେ। ଏହି ଘଟଣାକୁ ୭ ବର୍ଷ ବିତି ଯାଇଥିବା ବେଳେ ଏବେ ସେମାନଙ୍କ ନିକଟକୁ ବ୍ୟାଙ୍କ ନୋଟିସ୍ ଆସିଛି। ପ୍ରତି ମହିଳା ଗ୍ରୁପ୍ ନାଁରେ ୩ଲକ୍ଷ ଲେଖାଏଁ ଋଣ ଉଠାଣ ହୋଇଥିବା ନୋଟିସ୍‌ରେ ଉଲ୍ଲେଖ ରହିଛି।

# ଅବଶିଷ୍ଟାଂଶ...

### ବିକଶିତ ଭାରତ...

ବିକାଶ, ରାଜ୍ୟ ଆଗେଇଲେ ଦେଶର ବିକାଶ ଏବଂ ଏକ ଭାରତ, ଶ୍ରେଷ୍ଠ ଭାରତ ଏହି ସଂକଳ୍ପରେ ସ୍ଥାନ ପାଇଛି।

ପ୍ରଧାନମନ୍ତ୍ରୀ ନିଜର ଅଭିଭାଷଣରେ କଂଗ୍ରେସକୁ ନିଶାଣ କରି ବର୍ଷିଥିଲେ। ମୋଦୀ କହିଥିଲେ ଯେ ବିଜେପି ସବୁ ବେଳେ 'ଜୁମଲା' ( ମିଛ କଥା) କହିଆସୁଛି ବୋଲି କଂଗ୍ରେସ ବାରମ୍ବାର ଅଭିଯୋଗ କରିଆସିଛି। କିନ୍ତୁ କଂଗ୍ରେସ ଯେ ଦେଶବାସୀଙ୍କୁ ସବୁଠୁ ଅଧିକ ମିଛ କହି ଆସିଛି ସେନେଇ ଚର୍ଚ୍ଚା କରିବା ଦରକାର। କଂଗ୍ରେସର 'ଗରିବୀ ହଟାଓ' ନାରା ଦେଶର ରାଜନୈତିକ ଇତିହାସରେ ସବୁଠୁ ବଡ଼ ମିଥ୍ୟା। ୧୯୭୧ ଲୋକସଭା ନିର୍ବାଚନ ବେଳେ ଇନ୍ଦିରା ଗାନ୍ଧୀ 'ଗରିବୀ ହଟାଓ, ଦେଶ ବଚାଓ' ନାରା ଦେଇଥିଲେ। କିନ୍ତୁ ଏହାର ବର୍ଷ ବର୍ଷ ପରେ ମଧ୍ୟ ଏହି ଦଳ ଦେଶରୁ ଗରିବୀ ହଟାଇପାରି ନାହିଁ। କିନ୍ତୁ ଆମ ସରକାର କୋଟି କୋଟି ଗରିବ ଲୋକଙ୍କୁ ଦାରିଦ୍ର୍ୟରୁ ଉପରକୁ ଆଣିବାକୁ କାର୍ଯ୍ୟ କରିଛି ବୋଲି ମୋଦୀ କହିଥିଲେ। ସେ କହିଥିଲେ ଯେ ସମ୍ବିଧାନ ପ୍ରତି କଂଗ୍ରେସର ଆସ୍ଥା ନାହିଁ। ସମ୍ବିଧାନକୁ ଯଦି କେହି ବେଶି କ୍ଷତାକ୍ତ କରିଛି, ତାହା ହେଉଛି କଂଗ୍ରେସ ସରକାର। ନିଜ ସ୍ୱାର୍ଥକୁ ସୁହାଇବା ଲାଗି କଂଗ୍ରେସ ସରକାର ଅମଳରେ ସମ୍ବିଧାନ ।।ରେ ୭୫ଥର ସଂଶୋଧନ କରାଯାଇଛି। ୧୯୭୫ରେ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଜାରି କରାଯାଇଥିବା ଜରୁରୀ ପରିସ୍ଥିତି ଥିଲା ସମ୍ବିଧାନ ଉପରେ ସବୁଠାରୁ ବଡ଼ ଆକ୍ରମଣ। ରାହୁଲଙ୍କ ନାମ ନନେଇ ପ୍ରଧାନମନ୍ତ୍ରୀ କହିଲେ ଯେ ୟୁପିଏ ସରକାରରେ ଆସିଥିବା ଅଧ୍ୟାଦେଶର କପିକୁ ସାଧାରଣରେ ଚିରି ଏହାର ଅପମାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ କହିଲେ ଯେ ୧୯୪୯ରେ ଗୃହୀତ ହେବା ଦିନଠାରୁ ଭାରତ ସମ୍ବିଧାନର ଯାତ୍ରା ଗୌରବମୟ ରହିଛି। ଭାରତର ସମ୍ବିଧାନ ଓ ଗଣତନ୍ତ୍ର ବିଶ୍ୱବାସୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଅନ୍ୟମାନଙ୍କ ପାଇଁ ଏହା ପ୍ରେରଣାର ଉତ୍ସ ହୋଇଥିବାରୁ ଭାରତକୁ ଗଣତନ୍ତ୍ରର ଜନକ ବୋଲି କୁହାଯାଉଛି। ଆମେ କେବଳ ବୃହତ୍ ଗଣତନ୍ତ୍ର ନୁହେଁ, ଗଣତନ୍ତ୍ରର ଜନକ ମଧ୍ୟ।

### ସରକାର ଯୁବପିଢ଼ିଙ୍କ...

ପ୍ରାଚୀନ ଭାରତରେ ସଂସ୍କୃତି ଠାରୁ ଆରମ୍ଭ କରି ପରମ୍ପରା, ସାମାଜିକ ଚଳଣି ଏବଂ ପ୍ରଥା ଆଦି ରହିଆସିଛି। ତେଣୁ ପ୍ରତ୍ୟେକ ହିନ୍ଦୁଙ୍କ ପାଇଁ ମନୁସ୍ମୃତି ହିଁ ଧାର୍ମିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ମହତ୍ତ୍ୱ ବହନ କରେ। ଏହି ଗ୍ରନ୍ଥ ହିଁ ଆଜି ଭାରତୀୟ ସମାଜ ପାଇଁ ଆଇନ ଭଳି କାର୍ଯ୍ୟ କରିବ' ବୋଲି ସାବରକର୍ କହିଥିଲା ବେଳେ ଏହାକୁ ରାହୁଲ ଗୃହରେ ପାଠ କରିବା ସହିତ ବିଜେପି କିଭଳି ସମ୍ବିଧାନକୁ ପାଳନ କରୁଛି ବୋଲି ପ୍ରଶ୍ନ କରିଥିଲେ। ରାହୁଲ ଗୋଟିଏ ହାତରେ ସମ୍ବିଧାନ ପୁସ୍ତିକା ଏବଂ ଅନ୍ୟ ହାତରେ ମନୁସ୍ମୃତି ଗ୍ରନ୍ଥ ଧରି ଶାସକ ସଦସ୍ୟମାନଙ୍କୁ ପ୍ରଶ୍ନ କରି କହିଥିଲେ ଯେ, ଆଜି ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ପାଳନ କରାଯିବା ସହିତ ଏହା ଉପରେ ଆଲୋଚନା କରାଯାଉଛି। ବିଜେପି ସମ୍ବିଧାନକୁ ନେଇ ଗର୍ବ କରିବା ସହିତ ପ୍ରଶଂସା କରୁଛି। କିନ୍ତୁ ହିନ୍ଦୁତ୍ୱର ଆଦର୍ଶ ପୁରୁଷ ସାବରକର ସମ୍ବିଧାନକୁ ନେଇ ଏସବୁ ଯାହା କହିଛନ୍ତି ତାହାକୁ ବିଜେପି କିଭଳି ଗ୍ରହଣ କରୁଛି ବୋଲି ପ୍ରଶ୍ନ କରିଥିଲେ। ବିଜେପି ସମ୍ବିଧାନକୁ ପ୍ରଶଂସା କରି ପରୋକ୍ଷରେ ସାବରକରଙ୍କୁ ଅପମାନିତ କରୁନାହିଁ କି ବୋଲି କଟାକ୍ଷ କରିଥିଲେ।

ଏହାବ୍ୟତୀତ ରାହୁଲ ଗୃହରେ ଦ୍ରୋଣାଚାର୍ଯ୍ୟ ଓ ଏକଲବ୍ୟ ଉପାଖ୍ୟାନ ଶୁଣାଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଦ୍ରୋଣାଚାର୍ଯ୍ୟ ନିଜ ଶିଷ୍ୟ ଏକଲବ୍ୟଙ୍କ ଠାରୁ ଗୁରୁ ଦକ୍ଷିଣା ନେବା ଉଦ୍ଦେଶ୍ୟରେ ଯେଭଳି ତାଙ୍କ ଅଙ୍ଗୁଳି କାଟିଥିଲେ ଆଜି ବିଜେପି ନେତୃତ୍ୱ କେନ୍ଦ୍ର ସରକାର ଯୁବପିଢିଙ୍କ ଅଙ୍ଗୁଳି କାଟିବାରେ ଲାଗିଛନ୍ତି। ଅଗ୍ନିବୀର ଯୋଜନାରେ ସରକାର ଯୁବକମାନଙ୍କ ଅଙ୍ଗୁଳି କାଟୁଥିଲା ବେଳେ ଆଦାନୀ ଗ୍ରୁପ୍ ହାତରେ ଦେଶର ସବୁ ଶିଳ୍ପ, ବନ୍ଦର ,ବିମାନ ବନ୍ଦର ଏବଂ କାରବାର ଟେକି ଦେଇ ଚାଷୀଙ୍କ ଠାରୁ ଆରମ୍ଭ କରି କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ମଧ୍ୟ ନିରାଶ କରିଛନ୍ତି। କିନ୍ତୁ ରାହୁଲଙ୍କ ଏଭଳି ପ୍ରଶ୍ନକୁ ନେଇ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କଂଗ୍ରେସ ଉପରେ ବର୍ଷିବା ସହିତ କହିଥିଲେ ଯେ, ଆପଣ ଅଙ୍ଗୁଳି କାଟିବା କଥା କହୁଛନ୍ତି। କିନ୍ତୁ ଆପଣଙ୍କ ସରକାର ସମୟରେ ଶିଖ ଭାଇମାନଙ୍କ ଗଳା କାଟି ଦିଆଯାଇଥିଲା। ଏଥିପାଇଁ ଆପଣ ଦେଶବାସୀଙ୍କୁ କ୍ଷମା ମାଗିବା ଉଚିତ।

### ନ୍ୟାୟ ଅପେକ୍ଷାରେ...

ଅପରପକ୍ଷେ ଓଡ଼ିଶାକୁ ଆସୁଥିବା ପାଣି ଜଳସେଚନ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ତଳମୁଣ୍ଡରେ ପାଣି ପହଞ୍ଚୁ ନାହିଁ। ଚାଷୀ ଚାଷ ପାଇଁ ପାଣି ପାଉନାହାନ୍ତି। ଏହା ଏକ ରାଜନୈତିକ ସମସ୍ୟା ନୁହେଁ, ରାଜ୍ୟର ସାଧାରଣ ଲୋକଙ୍କ ସମସ୍ୟା। ଆଗାମୀ ଦିନରେ ରାଜ୍ୟରେ ପାଣି ସମସ୍ୟା ଆହୁରି ଭୟଙ୍କର ହେବ। ରାଜ୍ୟ ସରକାର ତୁରନ୍ତ ମାମଲାରେ ହସ୍ତକ୍ଷେପ କରି ଜଳ କମିଶନ ଗଠନ କରନ୍ତୁ ବୋଲି ସେ ଦାବି କରିଛନ୍ତି। ବିଜେଡିର ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ମହାନଦୀର ପ୍ରବେଶ ପଥ ଶୁଖାସୋଡ଼ା ସମ୍ପୂର୍ଣ୍ଣ ଭାବେ ଶୁଖିଯାଇଛି। ଅତୀତରେ ବାରମ୍ବାର ବିଜେଡି ଏନେଇ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛି। ମାତ୍ର କୌଣସି ସମାଧାନ କରାଯାଇ ନାହିଁ। ଯେତେବେଳେ ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ବିଜେପିର ଟ୍ରିପଲ୍ ଇଞ୍ଜିନ ସରକାର ଗଠନ ହେଲା, ଆମେ ଏହାର ତ୍ୱରିତ୍ ସମାଧାନ ଆଶା କରୁଥିଲୁ। ମାତ୍ର ଓଡ଼ିଶାବାସୀ ନିରାଶ ହୋଇଛନ୍ତି। ଟ୍ରିବ୍ୟୁନାଲର ଅଧ୍ୟକ୍ଷ ପରିବର୍ତ୍ତନ ହେଲେ। ବିଚାର ପ୍ରକ୍ରିୟା ପୁଣିଥରେ ମୂଳରୁ ଆରମ୍ଭ ହୋଇପାରେ। ଯାହାଫଳରେ ପ୍ରକ୍ରିୟା ଆହୁରି ବିଳମ୍ବ ହେବ। କେବେ ଏହାର ସମାଧାନ ହେବ ତାହା କାହାକୁ ଜଣାନଥିବା ବେଳେ, ସମାଧାନ ହେବା ବେଳକୁ ମହାନଦୀ ମରୁଭୂମିରେ ପରିଣତ ହୋଇ ସାରିଥିବ। ଏହାର ଦାରୁଣ ଏବଂ ସାଂଘାତିକ ପରିଣତି ଓଡ଼ିଶା ଭୋଗିପାରେ ବୋଲି ସେ ମତପ୍ରକାଶ କରିଛନ୍ତି।

ଅପରପକ୍ଷେ ମହାନଦୀ ବଞ୍ଚାଅ, ଓଡ଼ିଶା ବଞ୍ଚାଅ ଅଭିଯାନର ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି ଯେ ମହାନଦୀ ଜଳବିବାଦ ମାମଲାରେ କେନ୍ଦ୍ର ସରକାର ଆରମ୍ଭରୁ ନିଜ ଦାୟିତ୍ୱ ନିର୍ବାହ କରିନାହାନ୍ତି। ଯାହାଫଳରେ ବିଗତ କିଛି ବର୍ଷ ଧରି ଓଡ଼ିଶା ପ୍ରବଳ କ୍ଷତି ସହି ଆସୁଛି। ଟ୍ରିବ୍ୟୁନାଲରେ ତାରିଖ ପରେ ତାରିଖ ଗଡ଼ି ଚାଲିଥିବା ବେଳେ ଏବେ ନୂଆ ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦିଆଗଲା। ଆମର ଆଶଙ୍କା ମହାନଦୀର ଦଶା କାବେରୀ ଜଳବିବାଦ ପରି ନ ହେଉ। ନୂଆ ଅଧ୍ୟକ୍ଷ ପୂର୍ବ ତ୍ରୁଟି ସଂଶୋଧନ କରି ଅନ୍ତତଃପକ୍ଷେ ତ୍ୱରିତ୍ ଅନ୍ତରୀଣ ରାୟ ପ୍ରଦାନ କରନ୍ତୁ। ନ ହେଲେ ବିଳମ୍ବିତ ରାୟ ଦ୍ୱାରା ଓଡ଼ିଶା ସର୍ବାଧିକ କ୍ଷତିଗ୍ରସ୍ତ ହେବ ବୋଲି ସେ ମତ ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଛତିଶଗଡ଼ ସହ ଜଳବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କେନ୍ଦ୍ର ସରକାର ୨୦୧୮ ମାର୍ଚ୍ଚ ୧୨ତାରିଖରେ ଜଷ୍ଟିସ ଏ. ଏମ୍ ଖାନୱାଲିକରଙ୍କ ଅଧ୍ୟକ୍ଷତାରେ ଟ୍ରିବ୍ୟୁନାଲ ଗଠନ କରିଥିଲେ। ଶେଷଥର ପାଇଁ ଟ୍ରିବ୍ୟୁନାଲରେ ଶୁଣାଣି ଗତ ଫେବ୍ରୁଆରୀ ୨୨ତାରିଖରେ ହୋଇଥିଲା।

### ଆଡଭାନୀ ଅସୁସ୍ଥ...

ଭର୍ତ୍ତି କରାଯାଇଛି। ଆପୋଲୋ ହସ୍ପିଟାଲର ସ୍ନାୟୁ ବିଭାଗର ବରିଷ୍ଠ ଡାକ୍ତର ବିନୀତ ସୂରୀଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଚାଲିଥିଲା ବେଳେ ଏବେ ତାଙ୍କ ଅବସ୍ଥା ସ୍ଥିର ରହିଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ମାସରୁ ବର୍ତ୍ତମାନ ସୁଦ୍ଧା ଆଡ଼ଭାନୀଙ୍କୁ ୪ ଥର ହସ୍ପିଟାଲରେ ଭର୍ତ୍ତି କରାଗଲାଣି।


### ଆଇଏଏସ୍ ବିଷ୍ଣୁପଦଙ୍କୁ...


ବିଷ୍ଣୁପଦ କେଉଁଆଡ଼େ ଯାଉଥିଲେ, ସେ ସମ୍ପର୍କରେ ଡ୍ରାଇଭରମାନଙ୍କୁ ପଚରାଉଚରା କରିଛି।

ମିଳିଥିବା ସୂଚନା ଅନୁସାରେ, ବିଷ୍ଣୁପଦଙ୍କୁ ନୂଆପଲ୍ଲୀସ୍ଥିତ କାର୍ଯ୍ୟାଳୟରେ ହାଜର ହେବାକୁ ସିବିଆଇ ଗତ ୧୦ ତାରିଖରେ ନୋଟିସ ପଠାଇଥିଲା। ଭୁବନେଶ୍ୱରରେ ଟେଣ୍ଡର ଫିକ୍ସିଂ ଓ ୧୦ଲକ୍ଷ ଟଙ୍କା କାରବାର ମାମଲାରେ ତିନି ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଓ ଏ ମାମଲା ସମ୍ପର୍କରେ ବିଷ୍ଣୁପଦ ସେଠୀଙ୍କ ନିକଟରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥିବା ଉଲ୍ଲେଖ କରି ତଦନ୍ତରେ ସହଯୋଗ କରିବାକୁ ସିବିଆଇ ତାଙ୍କୁ କହିଛି। ଏଥିସହ ତାଙ୍କୁ ନେବା ଆଣିବା କରୁଥିବା ଚାରିଜଣ ଡ୍ରାଇଭରଙ୍କୁ ସିବିଆଇ ସମନ ଜାରି କରିଥିବା ବେଳେ ସେମାନଙ୍କ ମଧ୍ୟରୁ ନୃସିଂହ ଶତପଥି, ତୁଷାର ଏବଂ ଅନ୍ୟ ଜଣେ ଡ୍ରାଇଭରଙ୍କୁ ବିଷ୍ଣୁପଦଙ୍କ ଦିନତମାମର ରୁଟିନ୍ ସମ୍ପର୍କରେ ପଚରାଉଚରା କରିଛି। ଏହାବ୍ୟତୀତ ବିଷ୍ଣୁପଦଙ୍କ ଘରେ ସିସିଟିଭି ଲାଗିଛି କି ନାହିଁ, ସେ କେଉଁଆଡ଼େ ଯାଆନ୍ତି, କେତେଜଣ ଡ୍ରାଇଭର ଅଛନ୍ତି, ସରକାରୀ ଗାଡ଼ି ଭିନ୍ନ ସେ ଅନ୍ୟ କେଉଁ ଗାଡ଼ି ବ୍ୟବହାର କରନ୍ତି ଆଦି ସମ୍ପର୍କରେ ସିବିଆଇ ପଚାରିଥିବା ଜଣାପଡ଼ିଛି।

ସିବିଆଇ କାର୍ଯ୍ୟାଳୟରୁ ବାହାରିବା ପରେ ତୁଷାର କହିଛନ୍ତି ଯେ ତାଙ୍କ ସହ ସିବିଆଇ ଅନ୍ୟ ଦୁଇ ଡ୍ରାଇଭରଙ୍କୁ ଜେରା କରିଛି। ସିବିଆଇ ଯାହା ପଚାରିଥିଲା, ସେ ସବୁ କଥା କହିଛନ୍ତି । ଏହାସହ ବାବୁ (ବିଷ୍ଣୁପଦ) ଅନ୍ୟମାନଙ୍କ ଗାଡ଼ିରେ ବି ଯିବାଆସିବା କରନ୍ତି। ବିଷ୍ଣୁପଦଙ୍କ ଅନ୍ୟଜଣେ ଡ୍ରାଇଭର ନୃସିଂହ କହିଛନ୍ତି, ସେ ଏସ୍‌ସି/ଏସ୍‌ଟି ବିଭାଗରେ କାମ କରନ୍ତି। ବିଷ୍ଣୁପଦ ଘରୁ ବାହାରି କୁଆଡେ କୁଆଡେ ଯାଉଥିଲେ ତାହା ସିବିଆଇ ପଚାରିଥିଲା। ୭ ତାରିଖ ସନ୍ଧ୍ୟା ସମୟରେ ବିଷ୍ଣୁପଦ କେଉଁଠି ଥିଲେ ସେ ନେଇ ଜାଣିବାକୁ ଚାହିଁଥିଲା। ସେଦିନ ସନ୍ଧ୍ୟା ୭ଟାରେ ବିଷ୍ଣୁପଦଙ୍କୁ ସେ ଘରେ ଛାଡ଼ିଥିଲେ ଓ ଏହାପରେ ସେ କୁଆଡେ ଯାଇଥିବେ ମୁଁ ଜାଣିନି ବୋଲି ସିବିଆଇକୁ କହିଥିବା ନୃସିଂହ ସୂଚନା ଦେଇଛନ୍ତି।

ସିବିଆଇ ଆଜି 'ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ'ର ସମସ୍ତ ଦସ୍ତାବିଜ୍ ଜବତ କରିଛି। ଗୋଟିଏ ବ୍ୟାଗ ଭର୍ତ୍ତି ଦସ୍ତାବିଜ ଅଧିକାରୀମାନେ ସିବିଆଇ ଅଫିସକୁ ଆଣିଛନ୍ତି। ଅନ୍ୟପକ୍ଷରେ ସିବିଆଇର ସମନ ନେଇ ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀ ମୁହଁ ଖୋଲି ନାହାନ୍ତି।



## ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

# ‘ବିଜ୍ଞାନକୁ ଜିତିବାକୁ ହେଲେ ସୁସ୍ଥ ମାନସିକତା ଆବଶ୍ୟକ’




ନୟାଗଡ଼,୧୪।୧୨(ସମିସ): ନୟାଗଡ଼ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଓଡ଼ଗାଁ ବିଇଓ ଗୀତାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପ୍ରମୁଖ ଯୋଗଦାନ କରିଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶରତ ସାହୁ ବିବରଣୀ ପାଠ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପ୍ତିମୟୀ ପ୍ରିୟଦର୍ଶିନୀଙ୍କ ସମେତ ସମସ୍ତ ୮ଟି ବ୍ଲକ୍‌ର ଶିକ୍ଷାଧିକାରୀ ଉପସ୍ଥିତ ଥିଲେ। ଦଶପଲ୍ଲା ବିଧାୟକ କହିଥିଲେ, ବଞ୍ଚିବାର ସାହାରା ଦେଉଛି ବିଜ୍ଞାନ। ପ୍ରତି କ୍ଷେତ୍ରରେ ବିଜ୍ଞାନ ଆମକୁ ସହଯୋଗ କରିଆସୁଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ଆମେ ବ୍ୟବହାର କରିଆସୁଛେ। ଏ ମାଟି ହେଉଛି ଜ୍ୟୋତିର୍ବିଦଙ୍କ ମାଟି ବୋଲି କହିଥିଲେ। ଏଥିସହିତ ବିଜ୍ଞାନ ଆମକୁ ନୂଆ ପରିଚୟ ଦେଇଛି ବୋଲି କହିଥିଲେ।

ନୟାଗଡ଼ ବିଧାୟକ ଡ. ସାହୁ ପରିବେଶ ସୃଷ୍ଟି କରିବାରେ ସହାୟକ ହେବା ପ୍ରତ୍ୟେକ ବିଷୟ ହେଉଛି ବିଜ୍ଞାନ ବୋଲି କହିଥିଲେ। ଏହାସହିତ ମଣିଷ ଅସୁସ୍ଥ ମାନସିକତା ନେଇ କାମ କରୁଛି। ଏକ ସ୍ୱଚ୍ଛ ବିଜ୍ଞାନ ତିଆରି କରିବାର ଆବଶ୍ୟକ ରହିଛି। ପିଲାଙ୍କୁ ସ୍ୱାସ୍ଥ୍ୟଗତ ବିଜ୍ଞାନ ପଢ଼େଇବା ଜରୁରୀ ଅଛି। ଟେକ୍ସ ବହି ଅପେକ୍ଷା ଆହୁରି ଅନେକ ବହି ଅଛି। ସେହି ପାଠ ପଢ଼ାଇବାର ଆବଶ୍ୟକ। ବଳକା ସମୟକୁ ଅନ୍ୟାନ୍ୟ ବହି ପଢ଼ିବାରେ ଲଗାଇବା ପାଇଁ ଶିକ୍ଷକ ଓ ଅଭିଭାବକ ଦାୟିତ୍ୱ ନିଅନ୍ତୁ ବୋଲି କହିଥିଲେ। ବିଜ୍ଞାନକୁ ଜିତିବାକୁ ହେଲେ ସୁସ୍ଥ ମାନସିକତାର ଆବଶ୍ୟକ ରହିଛି ବୋଲି କହିଥିଲେ। ''ସ୍ଥାୟୀ ଭବିଷ୍ୟତ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା' ବିଷୟବସ୍ତୁକୁ ନେଇ ଏହି ବିଜ୍ଞାନ ମେଳାରେ ପ୍ରତ୍ୟେକ ବ୍ଲକରୁ ୭ଟି ଲେଖାଏଁ ପ୍ରକଳ୍ପ ଏଭଳି ମୋଟ ୫୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ ସେଥିରୁ ୭ଟି ପ୍ରକଳ୍ପ ରାଜ୍ୟ ସ୍ତରକୁ ମନୋନୀତ ହୋଇଥିଲା। ଏହି ପ୍ରକଳ୍ପ ମଧ୍ୟରେ ରଣପୁର ବ୍ଲକ୍ ଆରଡି ନୋଡାଲ ହାଇସ୍କୁଲ ଛାତ୍ରୀ ଅମିତା ସ୍ୱାଇଁ, ଦଶପଲ୍ଲା ବ୍ଲକ୍ ନଛିପୁର ଉଚ୍ଚବିଦ୍ୟାଳୟର ମେଘନା ଖମାରି, ଇଟାମାଟି ବାମନ ଅବକାଶ ହାଇସ୍କୁଲର ଆଶୁତୋଷ ମହାରଣା, ଖଣ୍ଡପଡା ଓଏଭି ଅଦିତି ତ୍ରିପାଠୀ, ନୂଆଗାଁ ସରକାରୀ ଉଚ୍ଚବିଦ୍ୟାଳୟର ଶିବାନୀ ପ୍ରଧାନ, ଓଡ଼ଗାଁ ବ୍ଲକ ରୋହିବାଙ୍କ ହାଇସ୍କୁଲର ସ୍ୱପ୍ନାରାଣୀ ପ୍ରଧାନ, ନୟାଗଡ଼ ବ୍ଲକ୍ ଓଏଭି ନୋଡର ଛାତ୍ର ଭବେଶ ତ୍ରିପାଠୀଙ୍କ ପ୍ରକଳ୍ପ ବରଗଡ଼ ଜିଲ୍ଲା ବରପାଲି ହାଇସ୍କୁଲରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହେବ।

## ■ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

# ‘ନୟାଗଡ଼ ହେଉଛି ବିଜ୍ଞାନର ମାଟି’




ନୟାଗଡ଼,୧୪।୧୨(ସମିସ): ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟରେ ଭାରତ ସରକାରଙ୍କ ଅଧୀନରେ ଥିବା ନେହେରୁ ଯୁବ କେନ୍ଦ୍ର ଓ ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଭାରତ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଭାରତୀୟ ଡାକ ବିଭାଗ ମୁଖ୍ୟ ଅଧୀକ୍ଷକ ଖଗେଶ୍ୱର ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ, କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରେମ ଚନ୍ଦ୍ରଙ୍କ ସହିତ ନୟାଗଡ ଜିଲ୍ଲା ନେହେରୁ ଯୁବକେନ୍ଦ୍ର ସଂସ୍ଥା ଜିଲ୍ଲା ଅଧିକାରୀ ଅନୁରାଗ କୁମାର ଭଗବାନ ଜଗନ୍ନାଥଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ମୁଖ୍ୟଅତିଥି ଶ୍ରୀ ସ୍ୱାଇଁ ନୟାଗଡ ଜିଲ୍ଲାକୁ ବିଜ୍ଞାନର ମାଟି ବୋଲି ଉଲ୍ଲେଖ କରି ଭବିଷ୍ୟତରେ ଏହି ଜିଲ୍ଲାରୁ ଅନେକ ବୈଜ୍ଞାନିକ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥି ''ପଞ୍ଚପ୍ରାଣ’ ଉପରେ ବିଶେଷ ଭାବେ ଆଲୋକପାତ କରି ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ କରିଥିଲେ। ଏ ପରିପ୍ରେକ୍ଷୀରେ ପ୍ରାୟ ୧୮ ଟି ଅନୁଷ୍ଠାନରୁ ୭ ଟି ପ୍ରତିଯୋଗିତାରୁ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର, ଫଳକ ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାର ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଥିବା ବିଜେତା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ସ୍ୱାସ୍ଥ୍ୟସେବା ଓ ରକ୍ତଦାନ ଶିବିର



କଣ୍ଟିଲୋ,୧୪।୧୨(ସମିସ):ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ କଣ୍ଟିଲୋ ହରି ସୁବୁଦ୍ଧିପାଟଣା ମା’ ମହାଲକ୍ଷ୍ମୀ ପୂଜା କମିଟି ସହାୟତାରେ ରାଧାନାଥ ବାଳିକା ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଓ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଯୋଗଦାନ କରି ଶିବିରକୁ ଉଦ୍‌ଘାଟନ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ରକ୍ତଦାନ ଶିବିରରେ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବିଷ୍ଣୁପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ନୟାଗଡ଼ ଜିଲ୍ଲା ବ୍ଲଡ୍ ବ୍ୟାଙ୍କ ଓ ଖଣ୍ଡପଡା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କର୍ମଚାରୀ ଯୋଗଦାନ କରି ଶିବିର ପରିଚାଳନା କରିଥିଲେ। ଅପରପକ୍ଷେ କଟକ ମଧୁପାଟଣା ଅନ୍ତର୍ଗତ ଅର୍ବାନ ହସ୍‌ପିଟାଲ ଡାକ୍ତର ଚନ୍ଦ୍ରରାଜ ଭଟ୍ଟଙ୍କ ନେତୃତ୍ୱରେ ଡା. ରଞ୍ଜନ କୁମାର ବେହେରା, ଚକ୍ଷୁ ବିଭାଗ ଡାକ୍ତର କିଶୋର ଚନ୍ଦ୍ର ସାହୁ ଶିବିରରେ ଯୋଗଦେଇ ୧୧୭ ଜଣ ଚକ୍ଷୁ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ମାଗଣା ଔଷଧ ଓ ଚଷମା ବିତରଣ କରିଥିଲେ। ମହାଲକ୍ଷ୍ମୀ ପୂଜା କମିଟି ସଭାପତି ଶିବପ୍ରସାଦ ସାହୁ, ସମ୍ପାଦକ ନିର୍ମଳ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ରାଜୀବ କୁମାର ସାହୁ ଓ ନିରୀକ୍ଷକ ଜ୍ୟୋତି ରଞ୍ଜନ ସାହୁ ଓ ସମସ୍ତ ସଭ୍ୟ ଏହି ଶିବିରକୁ ପରିଚାଳନା କରିଥିବାବେଳେ କଣ୍ଟିଲୋ ନାଗରିକ ମଞ୍ଚ ସଭାପତି ଅଖିଳ ମହାରଣା ଓ କର୍ମକର୍ତ୍ତାଙ୍କ ସହିତ ବହୁ ସମାଜସେବୀ ଓ ବ୍ୟକ୍ତିବିଶେଷ ଏହି ଶିବିରରେ ଉପସ୍ଥିତ ଥିଲେ।

## ୫ ବର୍ଷ ତଳୁ ବିଜ୍ଞାନ ପାର୍କ ପାଇଁ ବ୍ୟୟବରାଦ

# ପ୍ରଶାସନିକ ଅବହେଳା ମୁଖ୍ୟ ପ୍ରସଙ୍ଗ

ନୟାଗଡ଼,୧୪।୧୨(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ମାଟିରେ ପଠାଣୀ ସାମନ୍ତଙ୍କ ନାଁରେ ବିଜ୍ଞାନ ପାର୍କ ନିର୍ମାଣ ପାଇଁ ୨୦୧୮ ମସିହାରେ ଯୋଜନା ପ୍ରସ୍ତୁତ ହୋଇ ୨୦୧୯ ମସିହାରେ ଶିଳାନ୍ୟାସ ହୋଇଛି। ଏଥିପାଇଁ ତତ୍କାଳୀନ ରାଜ୍ୟ ସରକାର ବ୍ୟୟବରାଦ କରିଥିଲେ।

### ପୁରୁଣା ଯୋଜନାରେ ନାଁ ନେବାକୁ ପ୍ରୟାସ

ମାତ୍ର ୬ ବର୍ଷ ତଳୁ ହୋଇଥିବା ଯୋଜନା ପ୍ରଶାସନିକ ଅବହେଳାରୁ କାର୍ଯ୍ୟକାରୀ ହୋଇ ନ ଥିବାବେଳେ ଏବେ ଏହାକୁ ପୁଣି ଘୋଷଣା କରି ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟ ରଖିବା ଓ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଶ୍ରେୟ ନେବାକୁ ଉଦ୍ୟମ କରିବା ନିନ୍ଦନୀୟ ବୋଲି ଖଣ୍ଡପଡ଼ାର ବୁଦ୍ଧିଜୀବୀ କହିଛନ୍ତି। ଖଣ୍ଡପଡ଼ା ସହରାଞ୍ଚଳ ନିକଟସ୍ଥ ପଠାଣୀ ସାମନ୍ତ ବ୍ୟାଖ୍ୟାନ କେନ୍ଦ୍ର ନିକଟରେ ଏକ ବିଜ୍ଞାନ କେନ୍ଦ୍ର ସ୍ଥାପନ କରିବା ପାଇଁ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ପଣ୍ଡା ୨୦୧୮ ଡିସେମ୍ବର୨୮ ଖଣ୍ଡପଡ଼ା ମହୋତ୍ସବରେ ଘୋଷଣା କରିଥିଲେ। ଜିଲ୍ଲାର ଏକମାତ୍ର ବିଜ୍ଞାନ କେନ୍ଦ୍ର ଖଣ୍ଡପଡ଼ା ସହରାଞ୍ଚଳରେ ନିର୍ମାଣ



ହେବାକୁ ଥିବାବେଳେ ଏଠାରେ ସ୍ୱତନ୍ତ୍ର ବିଜ୍ଞାନ ଗ୍ୟାଲେରୀ, ଅତ୍ୟାଧୁନିକ ଲାବ୍ରୋରେଟୋରୀ, ଶିକ୍ଷକଙ୍କ ପାଇଁ ସମ୍ମିଳନୀ କକ୍ଷ ନିର୍ମାଣ ନେଇ ଡିଜାଇନ ପ୍ରସ୍ତୁତ ହୋଇଥିଲ। କେବେ ତହସିଲ କର୍ତ୍ତୃପକ୍ଷ ଜମି ଯୋଗାଇ ଦେବେ ତାକୁ ନେଇ ଆଶା ଓ ଆଶଙ୍କା ପ୍ରକାଶ ପାଇଛି। ଜମି ଯୋଗାଇ ଦେବାକୁ ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷ ବିଳମ୍ବ କରିଥିବାରୁ ଏହା କାର୍ଯ୍ୟକାରୀ ହୋଇ ନ ଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ସ୍ଥାନକୁ ଜବରଦଖଲ ମୁକ୍ତ କରିବାକୁ ଚିଠି କରାଯାଇଥିଲା। ବିଜ୍ଞାନ ଓ କାରିଗରୀ ବିଭାଗ ଅତିରିକ୍ତ ସଚିବ ସଞ୍ଜୁଲତା ବେହେରା ଜିଲ୍ଲା ପ୍ରଶାସନକୁ କରିଥିବା ଚିଠି ଅନୁଯାୟୀ ସହରାଞ୍ଚଳରେ ନିର୍ମାଣ ହେବାକୁ ଥିବା ବିଜ୍ଞାନ କେନ୍ଦ୍ରର ୫ ଏକର ଜାଗାକୁ ଜବରଦଖଲ ମୁକ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଚିଠି ପରେ ମଧ୍ୟ ତହସିଲ କର୍ତ୍ତୃପକ୍ଷ ନିଦାବିଷ୍ଟୁ ସାଜିବା ଦ୍ୱାରା ଆଜି ପର୍ଯ୍ୟନ୍ତ ବିଜ୍ଞାନ ପାର୍କ ନିର୍ମାଣ ହୋଇପାରି ନ ଥିବା ଜଣାପଡ଼ିଛି। ଇତିମଧ୍ୟରେ ଦୀର୍ଘବର୍ଷ ଅତିକ୍ରାନ୍ତ ହୋଇଥିବାବେଳେ ଏହାର ନିର୍ମାଣକୁ ଗୁରୁତ୍ୱ ନ ଦେଇ ପୁଣି ବିଜ୍ଞାନ ପାର୍କ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ଓ ଖଣ୍ଡପଡ଼ା ବିଧାୟକ ନୟାଗଡ଼ ପଠାଣି ସାମନ୍ତ ଜୟନ୍ତୀ ପାଳନରେ ଶ୍ରେୟ ନେବାକୁ ପ୍ରୟାସ କରିବାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି।

## ■ ରାଜସ୍ୱ ନିରୀକ୍ଷକଙ୍କୁ ଦୁର୍ବ୍ୟବହାର ଘଟଣା

# ଜୋର୍ ଧରିଲା ବିଜେପି ନେତାଙ୍କୁ ଗିରଫ ଦାବି



ନୟାଗଡ଼/ଓଡ଼ଗାଁ,୧୪।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ପନ୍ତିଖାରୀ ରାଜସ୍ୱ ନିରୀକ୍ଷକ ପଦ୍ମିନୀ ଦାସଙ୍କୁ ବିଜେପି କୁରାଳ ମଣ୍ଡଳ ସଭାପତି ମାଧବ ସାହୁ ଗାଳିଗୁଲଜ କରିବା ଓ ତାଙ୍କ ଜାତିକୁ ଆକ୍ଷେପ କରି ନାନାଦି କୁମନ୍ତବ୍ୟ ଦେଇଥିବା ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିଥିଲା। ଶରଣକୂଳ ଏସଡିପିଓ ଡୋମାନ ଟୁଡୁ ଓଡ଼ଗାଁ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ଘଟଣାର ଛାନଭିନ୍ କରିଥିଲେ। ସମସ୍ତ କର୍ମଚାରୀଙ୍କୁ ପଚରାଉଚରା କରିବା ସହ ସେଠାକାର ଅବସ୍ଥାକୁ ପରଖିଥିଲେ। ଆରଆଇଙ୍କୁ ଦୁର୍ବ୍ୟବହାର ଘଟଣା ସତ ବୋଲି ଏସଡିପିଓ ସୂଚନା ଦେଇଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଆଜି ଓଡ଼ଗାଁ ବ୍ଲକ୍ କଂଗ୍ରେସ ପକ୍ଷରୁ ତାଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି ହୋଇଛି। ବ୍ଲକ୍ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ନୟାଗଡ଼ ଜିଲ୍ଲା କଂଗ୍ରେସର ଉପସଭାପତି ବସନ୍ତ କର, ବ୍ଲକ୍ କଂଗ୍ରେସର ଉପସଭାପତି ବିଭୂତି ଭୂଷଣ ରାଉତ, ଛାତ୍ର ସଭାପତି ଦିଲ୍ଲୀପ ବିଶୋଇ, ନିରଞ୍ଜନ ରାଉତଙ୍କ ଉପସ୍ଥିତରେ ଓଡ଼ଗାଁ ଥାନାରେ ଲିଖିତ ଆକାରରେ ଦାବିପତ୍ର ଦିଆଯାଇଛି। ଯଦି ୭ ଦିନ ମଧ୍ୟରେ ଗିରଫ କରା ନ ଯାଏ, ତେବେ ଓଡ଼ଗାଁ ଥାନା ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ■ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଖଣ୍ଡପଡ଼ା ଉପାଧ୍ୟକ୍ଷ ଏକାଦଶ ବିଜୟୀ



ଖଣ୍ଡପଡ଼/ଭାପୁର,୧୪।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ଶ୍ରୀରାମ ପାହାଡ଼ ପାଦଦେଶରେ ଥିବା ନାଳିସାଗର ଷ୍ଟାଡିୟମରେ ଫତେଗଡ଼ ଯୁବକ ସଂଘର ସଭାପତି ବେଣୁଧର ପ୍ରଧାନଙ୍କ ନେତୃତ୍ୱରେ ୧୫ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଆୟୋଜିତ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଖଣ୍ଡପଡ଼ା ଉପାଧ୍ୟକ୍ଷ ଶିଶିର କୁମାର ସାହୁଙ୍କ ଏକାଦଶ ୪ ୱିକେଟରେ ଭାପୁର ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ଏକାଦଶକୁ ପରାସ୍ତ କରି ଟ୍ରଫି ହାସଲ କରିଛି।

ଏହି ମ୍ୟାଚରେ ଟସ୍ ଜିତି ଭାପୁର ଉପାଧ୍ୟକ୍ଷ ଏକାଦଶ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ୍ ହରାଇ ୯୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପଦ୍ମାବତୀ ସମିତି ପ୍ରତିନିଧି ବିକାଶ ସାହୁ ସର୍ବାଧିକ ୬ ବଲରେ ୧୪ ରନ କରିଥିଲେ। ଜବାବରେ ଖଣ୍ଡପଡ଼ା ଉପାଧ୍ୟକ୍ଷ ଏକାଦଶ ୧୩.୨ ଓଭରରେ ୬ ୱିକେଟ୍ ହରାଇ ଆବଶ୍ୟକ ରନ କରିନେଇଥିଲା। ଦଳ ପକ୍ଷରୁ ଯୋଗିଆପଲ୍ଲୀ ସରପଞ୍ଚଙ୍କ ପ୍ରତିନିଧି ଜଗବନ୍ଧୁ ସ୍ୱାଇଁ ସର୍ବାଧିକ ୧୭ ବଲ୍‌ରେ ୩୬ ରନ କରିଥିଲେ। ପବିତ୍ର କୁମାର ସାହୁ ଓ ସୁଧାଂଶୁ ଶେଖର କର ଖେଳ ପରିଚାଳନା କରିଥିଲେ। ବିଭୂତି ସାହୁ ସ୍କୋରର ଭୂମିକା ତୁଲାଇଥିବାବେଳେ ଓସିଏର ବୁବୁ ସିହ୍ନା ଓ ସରୋଜ ମହାପାତ୍ର ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ। ଆଜି ଖେଳରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବ୍ଲକ୍ ଅଧ୍ୟକ୍ଷା ଉପମା ବେହେରା ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶିବପ୍ରସାଦ ଷଡ଼ଙ୍ଗୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବସନ୍ତ ମାଝୀ, ସମାଜସେବୀ ମଧୁସୂଦନ ରଥ, ସନ୍ତୋଷ କୁମାର ତ୍ରିପାଠୀ, ଓମ୍ ଶଙ୍କର ଶରଣ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରବିବାର ଫାଇନାଲ୍ ମ୍ୟାଚ୍ ଏମଏମସିସି ସମ୍ବଲପୁର ଓ ଭାଇଜାଗ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ। ଫାଇନାଲ ମ୍ୟାଚ୍‌ରେ ୪୦ ହଜାର ଦର୍ଶକଙ୍କ ମନୋରଞ୍ଜନ ପାଇଁ ଚଳଚ୍ଚିତ୍ର ତାରକା ସୁଭାଶିଷ ଓ ଲିପି ମହାପାତ୍ର ଆସୁଥିବାବେଳେ ବହୁ ବିଧାୟକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ ବୋଲି ଆୟୋଜକଙ୍କ ସୂଚନା ଦେଇଛନ୍ତି।

# ସମ୍ଭାଷଣ ଶିବିର ଓ ଗୀତା ଜୟନ୍ତୀ




ଓଡ଼ଗାଁ,୧୪।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୁରାଳ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ ଶନିବାର ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ଏ ଅବସରରେ ମହାବିଦ୍ୟାଳୟର ନୂତନ ବିଦ୍ୟାର୍ଥୀଙ୍କ ପାଇଁ ଭାରତୀୟ ସଶସ୍ତ୍ର ସୀମାବଳରେ ନିଯୁକ୍ତ ସୈନିକ ତଥା ଉକ୍ତ ମହାବିଦ୍ୟାଳୟର ପୁରାତନ ଛାତ୍ର ବାଲାଜୀ ରଣାଙ୍କ ପ୍ରତ୍ୟକ୍ଷ ପ୍ରଶିକ୍ଷଣରେ ୧୦ ଦିନ ବ୍ୟାପି ସଂସ୍କୃତ ସମ୍ଭାଷଣ ଶିବିର ଉଦଘାଟିତ ହୋଇଯାଇଛି। ଗୀତା ଜୟନ୍ତୀ ଉତ୍ସବରେ ଅଧ୍ୟକ୍ଷ ପ୍ରଫେସର ଭାବଗ୍ରାହୀ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଆଧୁନିକ ଯୁଗରେ ଗୀତା ଶାସ୍ତ୍ର ହିଁ ଆମର ପରମଧ୍ୟେୟ ହେଉ ବୋଲି ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଉପସ୍ଥିତ ଅତିଥି ଗୀତା ଶାସ୍ତ୍ରର ଉପାଦେୟତା ଅଧ୍ୟୟନ ବିଧି ଉପରେ ବିଶେଷ ଆଲୋକପାତ କରିଥିଲେ। ପୁରୀ ଲୋକ ଭାଷା ପ୍ରଚାର ସମିତିର ମହାସଚିବ ବିଭୂତି କରଙ୍କ ଅନୁମତିକ୍ରମେ ମହାବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ ନେଇ ଏକ ସସ୍କୃତ ସମ୍ଭାଷଣ ଶିବିର ଆରମ୍ଭ କରିବା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶିକ୍ଷକ ବାଲାଜୀ ରଣାଙ୍କୁ ଅନୁମତି ଦେଇଥିଲେ। ଲୋକ ଭାଷା ପ୍ରଚାର ସମିତିର ସାର୍ଥକତା ପ୍ରତିପାଦନ ପାଇଁ ବାଲାଜୀ ରଣା ତାଙ୍କର ଅବକାଶକୁ ନିଜ ମହାବିଦ୍ୟାଳୟରେ ବିତାଇବା ପାଇଁ ନିଜର ସୌଭାଗ୍ୟ ମନେ କରି ଏ ଦିଗକୁ ଆଗେଇ ଆସିଥିବାରୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ପ୍ରଶଂସା କରିଛନ୍ତି।

## ରାଷ୍ଟ୍ରୀୟ ଲୋକ ଅଦାଲତ

# ୪୫୪୭ଟି ମାମଲାର ଫଇସଲା





ନୟାଗଡ଼,୧୪।୧୨(ସମିସ): ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶମତେ ଆଜି ନୟାଗଡ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ନୟାଗଡ ଜିଲ୍ଲାର ଉକ୍ତ ଲୋକ ଅଦାଲତରେ ୫ଟି ମୋଟର ଦୁର୍ଘଟଣାଜନିତ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୩୯,୪୦,୦୦୦ ଟଙ୍କା ପ୍ରଦାନ କରିବା ପାଇଁ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ୧୪୬ ଦେୱାନି ମାମଲା ଫଇସଲା କରାଯାଇଥିଲା। ଏନଆଇ ଆକ୍ଟ ମାମଲା ୧୭ଟି ଫଇସଲା କରାଯାଇ ୧୫,୧୨,୪୦୫ ଟଙ୍କା ଆଦାୟ କରଯାଇଥିଲା ଓ ବିବାହଜନିତ ୧୬ଟି ମାମଲା ଫଇସଲା କରାଯାଇଥିଲା। ଅନ୍ୟାନ୍ୟ ଫୌଜଦାରୀ ୨୪୫ଟି ମାମଲା ଫଇସଲା କରାଯାଇଥିଲା। ବ୍ୟାଙ୍କରୁ ଋଣ ନେଇ ଋଣ ପରିଶୋଧ କରି ନ ଥିବା ୧୦୯ ଜଣ ଋଣ ଗ୍ରହିତାଙ୍କଠାରୁ ୩୬,୨୩,୬୨୧ ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷରିତ କରାଯାଇଥିଲା। ସେହିପରି ୪୦୭୬ଟି ରାଜସ୍ୱ ମାମଲା ଫଇସଲା କରାଯାଇ ୯,୨୦,୮୪୪ ଟଙ୍କା ଆଦାୟ କରଯାଇଥିଲା ଏବଂ ଅନ୍ୟାନ୍ୟ ଦେୱାନି ୭୯ଟି ମାମଲାର ଫଇସଲା ହୋଇଥିଲା।

ଏହି ଲୋକଅଦାଲତରେ ଜିଲ୍ଲା ଓ ଦୌରା ଜଜ ଆନନ୍ଦ ନାରାୟଣ ମହାରଣା, ପରିବାର ଅଦାଲତ ବିଚାରପତି ସୁବ୍ରତ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ରିଜା ରାୟ, ବରିଷ୍ଠ ଦେୱାନି ଅଦାଲତ ବିଚାରପତି ସତ୍ୟବ୍ରତ ରଣା, ବରିଷ୍ଠ ଦେୱାନି ଅଦାଲତ ବିଚାରପତି ରବିନାରାୟଣ ବେହେରା, ଉପଖଣ୍ଡ ଫୌଜଦାରୀ ବିଚାରପତି ସୋନାଲୀ ସରିତା ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିବାବେଳେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୁତିସ୍ନିଗ୍ଧା ଦାସ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଚ୍ଛଖଣ୍ଡ, ବରିଷ୍ଠ ଦେୱାନି ବିଚାରପତି ତଥା ସହକାରୀ ଦୌରାଜଜ ( ମହିଳା ଅଦାଲତ) ସ୍ୱର୍ଣ୍ଣପ୍ରଭା ଆଚାର୍ଯ୍ୟ ଓ ସିଭିଲ କୋର୍ଟ ରେଜିଷ୍ଟ୍ରାର ଡଃ ନିଶାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତକୁ ସଫଳ କରିବା ପାଇଁ ସମସ୍ତ ନ୍ୟାୟ ଅଧିକାର ମିତ୍ର, ଅଧିବକ୍ତା ଦଣ୍ଡପାଣି ସ୍ୱାଇଁ, ରମେଶ ଚନ୍ଦ୍ର ମହାରଣା, କାମାକ୍ଷାପ୍ରସାଦ ଦାଶ, ସଦସ୍ୟ ମହମଦ ଓମାର ମାଲିକ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଚାରୀ ସହଯୋଗ କରିଥିଲେ।

■ ଓଡ଼ଗାଁ: ନୟାଗଡ଼ ଜିଲ୍ଲା ଓଡ଼ଗାଁ ଦେୱାନି ଅଦାଲତ ପରିସରରେ ତାଲୁକ୍ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଲୋକ ଅଦାଲତରେ ଦେୱାନି ସମ୍ବନ୍ଧୀୟ ୫୫, ଫୌଜଦାରୀ ସମ୍ବନ୍ଧୀୟ ୫୯, ବୈବାହିକ ସମ୍ବନ୍ଧୀୟ ୧ ଓ ମୋଟର ଯାନ ସମ୍ବନ୍ଧୀୟ ୧ ମୋଟ ୧୧୬ଟି ମାମଲାର ଆପୋଷ ସମାଧାନ କରାଯାଇଥିଲା। ମୋଟର ଯାନ ଦୁର୍ଘଟଣା ସମ୍ପର୍କିତ ମାମଲାରେ ମୃତକଙ୍କ ପରିବାରଙ୍କୁ ୧୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ପାଇଁ ସମ୍ପୃକ୍ତ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏତଦବ୍ୟତୀତ ୨୨ଟି ବ୍ୟାଙ୍କ ସମ୍ବନ୍ଧୀୟ ମୋକଦ୍ଦମାର ଫଇସଲା କରାଯାଇ ଖିଲାପିଙ୍କଠାରୁ ୮ ଲକ୍ଷ ୪୩ ହଜାର ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ଓଡ଼ଗାଁ ଆଇନ ସେବା ପ୍ରାଧିକରଣ ସଚିବ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମାନସ ରଞ୍ଜନ ରଥ, ଦେୱାନି ଅଦାଲତର ବିଚାରପତି ଜନ୍ମେଜୟ ଦାସ, ଦେୱାନି ଅଦାଲତର ବିଚାରପତି ହରମୋହନ ଦାଶ ଓ ଗ୍ରାମ ନ୍ୟାୟାଳୟର ବିଚାରପତି ସୌମ୍ୟାଶ୍ରୀ ମହାପାତ୍ର ମାମଲାର ପରିଚାଳନା କରିଥିଲେ। ଆଇନସେବା ପ୍ରାଧିକରଣ ସଂଯୋଜିକା ଶ୍ରଦ୍ଧାଞ୍ଜଳି ରଥ ସଂଯୋଜନା କରିଥିଲେ। ଓକିଲ ସଂଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ସହକାରୀ ସରକାରୀ ବରିଷ୍ଠ ଓକିଲ ଇନ୍ଦୁଭୂଷଣ ମିଶ୍ର ଓ ପ୍ରମୋଦ କୁମାର ବିଶ୍ୱାଳ, ବିଜୟ କୁମାର ରଥ ଓ ବରିଷ୍ଠ ଆଇନଜୀବୀ ପବିତ୍ର ମୋହନ ସାହୁ, ଅମରେନ୍ଦ୍ର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଶିକ୍ଷକ ପଦବୀ ପୂରଣ ଦାବିରେ ଧାରଣା



ବୋଲଗଡ଼, ୧୪।୧୨(ସମିସ): ବୋଲଗଡ଼ ବ୍ଲକ ଅରିକିମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବହୁବାର ଦାବି ହେଉଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଉକ୍ତ ବିଦ୍ୟାଳୟରେ ପ୍ରାୟ ୩ ବର୍ଷ ଧରି ଖାଲି ପଡ଼ିଥିବା ସଂସ୍କୃତ ଶିକ୍ଷକ ଏବଂ କ୍ରୀଡ଼ା ଶିକ୍ଷକ ପଦବୀ ପୂରଣ ପାଇଁ ଆଜି ରାସ୍ତା ଅବରୋଧ ହୋଇଥିଲା। ଦାବି ପୂରଣ ପାଇଁ ବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ରାଜସୁନାଖଳା-ଧଳାପଥର ପୂର୍ତ୍ତ ରାସ୍ତା ଉପରେ ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ରଛାତ୍ରୀ ଓ ଅଭିଭାବକ ବସି ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବର ପାଇ ବୋଲଗଡ଼ ବିଇଓ ଗୋକୁଳ ଚନ୍ଦ୍ର ବଲବନ୍ତରାୟ ପହଞ୍ଚି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣାଇ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଆଜିଠୁ ଖୋର୍ଦ୍ଧା ମହୋତ୍ସବ; ଉତ୍ସବମୁଖର ହାବେଳୀ ପଡ଼ିଆ

ଖୋର୍ଦ୍ଧା, ୧୪।୧୨(ସମିସ): ଖୋର୍ଦ୍ଧାର ଗାରୀମାମୟ ଐତିହ୍ୟ, ସାଂସ୍କୃତିକ ବୈଭବ ଓ ବୀରତ୍ୱ ଗାଥାର ତଥ୍ୟକୁ ନେଇ ଐତିହାସିକ ଖୋର୍ଦ୍ଧା ମହୋତ୍ସବ ଆସନ୍ତାକାଲି(ରବିବାର)ଠାରୁ ୮ ଦିନ ବ୍ୟାପୀ ସ୍ଥାନୀୟ ହାବେଲୀ ପଡ଼ିଆଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିୟୁ ଥିଙ୍କିଙ୍ଗ ଫୋରମ୍ ଆନୁକୂଲ୍ୟରେ ଆୟୋଜିତ ହେବ। ଏଠାରେ କେବଳ ରାଜ୍ୟ ନୁହେଁ ରାଜ୍ୟ ବାହାରର ବହୁ କଳାକାର ସାଂସ୍କୃତିକ ନୃତ୍ୟ ପରିବେଷଣ କରିଥାନ୍ତି। ଯୁବଗୋଷ୍ଠୀଙ୍କୁ ଅତୀତର ସ୍ମୃତି ଏବଂ ଏ ମାଟିର ବଳିଦାନ, ତ୍ୟାଗ ମନେପକାଇବା ସହିତ ସ୍ନେହ, ମମତା ଏକତା ଓ ଭାଇଚାରା ଭାବ ସୃଷ୍ଟିକରି ସ୍ଥାନୀୟ ଅଞ୍ଚଳରେ ବିକାଶ ପାଇଁ ଏହା ଏକ ମାଧ୍ୟମ ବୋଲି ଆୟୋଜକ କମିଟିର ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି କହିଛନ୍ତି।




ରବିବାରଠାରୁ ୨୨ ତାରିଖ ଯାଏଁ ଖୋର୍ଦ୍ଧା ମହୋତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ତୋରଣ ବେଶ ଆକର୍ଷଣୀୟ ହୋଇଛି। ଚଳିତ ବର୍ଷ ଦେଶର ବିଭିନ୍ନ ସ୍ଥାନରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ ଲୋକନୃତ୍ୟ ପରିବେଷଣ କରିବେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ବ୍ୟକ୍ତି ବିଶେଷଙ୍କୁ 'ଖୋର୍ଦ୍ଧା ସମ୍ମାନ'ରେ ସମ୍ମାନିତ କରାଯିବ। ଏଥିରେ ସରକାରୀ ଓ ବେସରକାରୀ ପ୍ରଦର୍ଶନୀ ମଣ୍ଡପ ସମେତ ମୀନାବଜାର, ସ୍ୱାସ୍ଥ୍ୟମେଳା, କୃଷିମେଳା, ବସ୍ତ୍ରମେଳା ସହିତ ଛୋଟପିଲାଙ୍କ ମନୋରଞ୍ଜନ ପାଇଁ ରାମଦୋଳି ପଡ଼ିଛି। ଏବେଠାରୁ ଉଜ୍ୱଳ ଆଲୋକରେ ହାବେଳୀ ପଡ଼ିଆ ଚଳଚଞ୍ଚଳ ହେଉଥିବାବେଳେ ଆୟୋଜକଙ୍କ ତରଫରୁ ପ୍ରସ୍ତୁତି ଶେଷ ହୋଇଛି। ଜନସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ଏବଂ ଟ୍ରାଫିକ ନିୟନ୍ତ୍ରଣ ଲାଗି ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା

## ମା' ଭଗବତୀ କଳାନିକେତନ ପୁରସ୍କୃତ




ବାଲୁଗାଁ, ୧୪।୧୨(ସମିସ): ଭୁବନେଶ୍ୱରସ୍ଥିତ କସ୍ତୁରିବା ନାରୀ ମହଲରେ ଆୟୋଜିତ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ ବାଲୁଗାଁ ଅଞ୍ଚଳର ଅଗ୍ରଣୀ କଳା ଅନୁଷ୍ଠାନ ମା' ଭଗବତୀ କଳାନିକେତନର ଛାତ୍ରୀମାନେ ଉତ୍କୃଷ୍ଟ ନୃତ୍ୟ ପରିବେଷଣ କରି ପୁରସ୍କୃତ ହୋଇଛନ୍ତି। କସ୍ତୁରୀ ସୋସିଆଲ ଆୱାରନେସ ଅର୍ଗାନାଇଜେସନ ତରଫରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କଳାକାରମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ମା' ଭଗବତୀ କଳାନିକେତନର ଛାତ୍ରୀମାନେ ସମ୍ବଲପୁରୀ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରି ବିଚାରକମାନଙ୍କୁ ଆକୃଷ୍ଟ କରିପାରିଥିଲେ। ସେଥି ମଧ୍ୟରୁ ସମ୍ବଲପୁରୀ ଲୋକ ନୃତ୍ୟରେ ଦୁଇ ଜଣ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେମାନେ ହେଲେ, ଅନନ୍ୟା ପ୍ରିୟଦର୍ଶିନୀ ଲେଙ୍କା ଓ ସାନଭି ସଜ୍ୱିତା ପଟ୍ଟନାୟକ। ଓଡ଼ିଶୀ ନୃତ୍ୟରେ ସୁପ୍ରଭା ବାରିକ ଦ୍ୱିତୀୟ ସ୍ଥାନ ଏବଂ ସ୍ମୃତିସ୍ମିତା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସେମି କ୍ଲାସିକାଲ ନୃତ୍ୟରେ ପ୍ରଥମ ସ୍ଥାନ ସାଧନା ବିଶ୍ୱାଳ ଓ ରମ୍ୟାକ ରୋଶନୀ ରଥ ଏବଂ ତୃତୀୟ ସ୍ଥାନରେ ଶଯ୍ୟାଶ୍ରୀତା ମହାରଣା ପୁରସ୍କୃତ ହୋଇଛନ୍ତି।










## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୪.୮୭ • ପାଉଣ୍ଡ ୧୦୭.୨୬
- ୟୁରୋ ୮୯.୦୧ • ୟେନ୍ ୦.୫୫

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୧୩୩.୦୦
- ନିଫ୍ଟି ୨୪,୭୬୮.୦୦



## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୩,୦୧୦ (ଭୁବନେଶ୍ୱର)
- ରୁପା : ୯୯,୭୦୦ (କେଜି)

## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ନିଃଶୁଳ୍କ ଆଧାର ଅପ୍‌ଡେଟ୍ ସୀମା ବଢ଼ିଲା

ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ନିଃଶୁଳ୍କ ଆଧାର ଅପଡେଟ୍ ସୀମାକୁ କେନ୍ଦ୍ର ସରକାର ବୃଦ୍ଧି କରିଦେଇଛନ୍ତି। ଅନ୍‌ଲାଇନରେ କାଗଜପତ୍ର ଅପଲୋଡ୍ ସୀମାକୁ ଆସନ୍ତା ବର୍ଷ ଜୁନ୍ ୧୪ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଏହି ମାଗଣା ଅପ୍‌ଡେଟ୍ ସମୟସୀମା ଶନିବାର ଶେଷ ହେଉଥିଲା। ଆଧାର ସୂଚନା ବଦଳାଇବାକୁ ଚାହୁଁଥିବା ଲୋକଙ୍କ ପାଇଁ ଏବେ ଜୁନ୍ ୧୪ ପର୍ଯ୍ୟନ୍ତ ସମୟ ରହିଛି। ଜନସେବା କେନ୍ଦ୍ର କିମ୍ବା ୟୁଆଇଡିଏଆଇ ୱେବ୍‌ସାଇଟରେ ଲୋକେ ନିଜେ ଆଧାର ଅପ୍‌ଡେଟ୍ କରିପାରିବେ।

## ଜମାଟୋକୁ ୮୦୨ କୋଟିର ଝଟ୍‌କା

ମୁମ୍ବାଇ, ୧୪।୧୨ (ଏଜେନ୍ସି): ଜୋମାଟୋକୁ ବଡ଼ ଝଟ୍‌କା ଲାଗିଛି। ମହାରାଷ୍ଟ୍ର ଟ୍ୟାକ୍ସ ଅଥରିଟି ଏହି କମ୍ପାନୀକୁ ଜିଏସ୍‌ଟେ ବକେୟା ବାବଦକୁ ୪୦୧ କୋଟି ଟଙ୍କା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ୪୦୧ କୋଟି ଟଙ୍କା ଜୋରିମାନା ମଧ୍ୟ ଲଗାଇଛନ୍ତି। ଏକ୍ସଚେଞ୍ଜ ଫାଇଲିଂରେ କମ୍ପାନୀ ପକ୍ଷରୁ ଏହି ସୂଚନା ଦିଆଯାଇଛି। ମହାରାଷ୍ଟ୍ର ଥାନେ କମିଶନରେଟର ଯୁଗ୍ମ କମିଶନର (ସିଜିଏସଟି) ଏବଂ ସେଣ୍ଟ୍ରାଲ ଏକ୍ସାଇଜ ପକ୍ଷରୁ ଏହି ନିର୍ଦ୍ଦେଶ ପାରିତ କରାଯାଇଛି। ଜମାଟୋକୁ ମୋଟ ୮୦୨ କୋଟି ଟଙ୍କା ପୈଠ କରିବାକୁ କୁହାଯାଇଛି। ରେଗୁଲେଟରି ଫାଇଲିଂ ସମୟରେ ଜମାଟୋ ପକ୍ଷରୁ କୁହାଯାଇଛି ଯେ ଏହି ଜିଏସ୍‌ଟି ଦାବି ୨୦୧୯ ଅକ୍ଟୋବର ୨୯ରୁ ୨୦୨୨ ମାର୍ଚ୍ଚ ୩୧ ଅବଧିର। ସୁଧ ଏବଂ ଜୋରିମାନା ସହିତ ଡେଲିଭରି ଶୁଳ୍କ ଉପରେ ଜିଏସ୍‌ଟି ପୈଠ ନ କରିବାରୁ ଏହି ଆଦେଶ ଜାରି କରାଯାଇଛି। ଏହି ନିର୍ଦ୍ଦେଶକୁ ବିରୋଧ କରି ଆବେଦନ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଇରା ବିନ୍ଦ୍ରା ରିଲାଏନ୍ସର ଏଚ୍ଆର୍ ମୁଖ୍ୟ

ମୁମ୍ବାଇ, ୧୪।୧୨ (ଏଜେନ୍ସି): ଏସିଆର ସବୁଠୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ (ଆରଆଇଏଲ)ର 'ଜନତା, ନେତୃତ୍ୱ ଏବଂ ପ୍ରତିଭା'ର ନୂଆ ଗ୍ରୁପ୍ ପ୍ରେସିଡେଣ୍ଟ ଭାବେ ଇରା ବିନ୍ଦ୍ରାଙ୍କୁ ନିଯୁକ୍ତ କରିଛନ୍ତି। ତୈଳଠାରୁ ନେଇ ଦୂରସଞ୍ଚାର କ୍ଷେତ୍ରରେ କାମ କରୁଥିବା ଏହି କମ୍ପାନୀ ନିଜର ମାନବ ସମ୍ବଳ (ଏଚଆର) ନୀତିକୁ ବଦଳାଇବାକୁ ଚାହୁଁଛି। ସମ୍ପୂର୍ଣ୍ଣ ରିଲାଏନ୍ସ ଗ୍ରୁପ୍‌ରେ ପରିବର୍ତ୍ତନ ଆଣିବା ପାଇଁ ଇରାଙ୍କୁ ନିଯୁକ୍ତ କରାଯାଇଛି। ତାଙ୍କ ନେତୃତ୍ୱରେ ମାନବ ସମ୍ବଳ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି। ପ୍ରଥମ ଥର ପାଇଁ ଏହି ଗ୍ରୁପ୍‌ରେ ପରିବାର ବାହାରୁ ଏବଂ କମ୍ ବୟସର (୪୭) ଜଣେ ମହିଳାଙ୍କୁ ନିଯୁକ୍ତି ଦିଆଯାଇଛି। ଅମ୍ବାନୀଙ୍କ ପକ୍ଷରୁ କୁହାଯାଇଛି ଯେ ଆମେରିକାର ମେଡଟ୍ରନିକରୁ ବିନ୍ଦ୍ରା ରିଲାଏନ୍ସ ସହ ଜଡ଼ିତ ଅଛନ୍ତି। ସେ ମାନବ ସମ୍ବଳର ମୁଖ୍ୟ ଏବଂ ବୈଶ୍ୱିକ କ୍ଷେତ୍ରର ଉପାଧ୍ୟକ୍ଷ ଥିଲେ।



# ଋଣଭାରରେ ବୁଡୁଛି ଆମେରିକା

## ମାସିକ ବ୍ୟୟ ଭାରତର ମୁଦ୍ରାଭଣ୍ଡାରଠୁ ଅଧିକ

## ସରକାରଙ୍କ ବ୍ୟୟ ବଢୁଛି; ଆୟ କମୁଛି

ୱାଶିଂଟନ, ୧୪।୧୨ (ଏଜେନ୍ସି)

ଋଣଭାରରେ ବୁଡିଥିବା ଆମେରିକା ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ଆୟ ତୁଳନାରେ ବ୍ୟୟ ଭାର କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି। ସରକାର ଖର୍ଚ୍ଚ ଉପରେ ଲଗାମ ଲଗାଇ ପାରୁନାହାନ୍ତି। ରାଷ୍ଟ୍ରପତି ଜୋ ବାଇଡେନଙ୍କ ସରକାର ଗତ ନଭେମ୍ବରରେ ମୋଟ ୬୬୯ ବିଲିୟନ ଡଲାର ଖର୍ଚ୍ଚ କରିଛନ୍ତି। ଏହି ଅର୍ଥ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାରଠାରୁ ମଧ୍ୟ ଅଧିକ। ଆରବିଆଇର ନୂଆ ତଥ୍ୟ ଅନୁଯାୟୀ ଭାରତର ମୁଦ୍ରା ଭଣ୍ଡାର ପ୍ରାୟ ୬୫୫ ବିଲିୟନ ଡଲାର ରହିଛି। ଏହି ଖର୍ଚ୍ଚ ବ୍ୟତୀତ ଆମେରିକାର ସରକାରଙ୍କ ଗତ ୬ ମାସର ହାରାହାରି ମାସିକିଆ ବ୍ୟୟ ୬୦୦ ବିଲିୟନ ଡଲାରରେ ପହଞ୍ଚି ଯାଇଛି। ଏହା ୨୦୨୦-୨୧ର ସର୍ବୋଚ୍ଚସ୍ତରର ନିକଟତର ହୋଇଛି। ସେତେବେଳେ କରୋନା ଯୋଗୁଁ ସରକାରଙ୍କ ବ୍ୟୟଭାର ବଢ଼ି ଚାଲିଥିଲା। ମାତ୍ର ଆୟ କ୍ରମାଗତ ଭାବେ ହ୍ରାସ ପାଇ ଚାଲିଥିଲା। ଏବେ ବି ପୂର୍ବଭଳି ସ୍ଥିତି ସୃଷ୍ଟି ହୋଇଛି। ଗତ ନଭେମ୍ବରରେ ଏହା ୩୮୦ ବିଲିୟନ ଡଲାର ରହିଥିଲା। କ୍ରମାଗତ ୧୭ ମାସରେ ସରକାରଙ୍କ ବ୍ୟୟ ଆୟଠାରୁ ଅଧିକ ରହିଛି। ଏହି ସମୟ ମଧ୍ୟରେ ଆମେରିକାର ଋଣ ଭାର ୨୭ ଟ୍ରିଲିୟନ ଡଲାରରୁ ବଢ଼ି ୩୬.୨ ଟ୍ରିଲିୟନ ଡଲାରରେ ପହଞ୍ଚି ଯାଇଛି। ଆଗକୁ ସ୍ଥିତି ଆହୁରି ଖରାପ ହେବାର ସମ୍ଭାବନା ରହିଛି। ଆଗାମୀ ଦଶନ୍ଧିରୁ ସରକାରଙ୍କ ମୋଟ ରାଜସ୍ୱର ପ୍ରାୟ ୨୫ ପ୍ରତିଶତ ଋଣ ପରିଶୋଧରେ ଯିବ ବୋଲି କୁହାଯାଉଛି। ଯଦି ମାନ୍ଦାବସ୍ଥା ସୃଷ୍ଟି ନ ହୁଏ ଏବଂ ସୁଧ ହାର ନ ବଢ଼େ ତେବେ ଏଭଳି ସ୍ଥିତି ରହିବ। କିନ୍ତୁ ମାନ୍ଦାବସ୍ଥା ଦେଖାଦେଲା ସ୍ଥିତି ଅଧିକରୁ ଅଧିକ ଖରାପ ହୋଇଯିବ।

**କ୍ରମାଗତ ୧୭ ମାସ ହେଲା ଆୟ କମ୍**

**୩୬.୨ ଟ୍ରିଲିୟନ ଡଲାରରେ ପହଞ୍ଚିଲା ଋଣଭାର**





### ଚାଷୀଙ୍କୁ ଆଶ୍ୱସ୍ତି ଦେଲା ଆର୍‌ବିଆଇ

## ବିନା କାଗଜପତ୍ରରେ ଋଣସୀମା ୨ ଲକ୍ଷକୁ ବୃଦ୍ଧି

ମୁମ୍ବାଇ, ୧୪।୧୨ (ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଚାଷୀଙ୍କୁ ଆଶ୍ୱସ୍ତି ଦେଇଛି। ବିନା କାଗଜପତ୍ରରେ ଚାଷୀଙ୍କୁ ଦିଆଯାଉଥିବା ଋଣ ସୀମାକୁ ଆର୍‌ବିଆଇ ୧.୬ ଲକ୍ଷରୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିଦେଇଛି। ତେବେ ଏହି ନିଷ୍ପତ୍ତି ଜାନୁଆରୀ ୧ରୁ କାର୍ଯ୍ୟକାରୀ ହେବ। ବ୍ୟୟଭାର ବୃଦ୍ଧି ମଧ୍ୟରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ଆଶ୍ୱସ୍ତି ଦେବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏ ସଂକ୍ରାନ୍ତରେ ସବୁ ବ୍ୟାଙ୍କକୁ ନିର୍ଦ୍ଦେଶ ଜାରି କରାଯାଇଛି। କୃଷି ଏବଂ ଏ ସମ୍ବନ୍ଧିତ କାର୍ଯ୍ୟକଳାପ ପାଇଁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବାକୁ କୁହାଯାଇଛି। କୃଷି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ବ୍ୟୟ ଭାର ବୃଦ୍ଧି ଏବଂ କୃଷକଙ୍କ ପାଇଁ ଋଣ ପ୍ରଦାନକୁ ସହଜ କରିବାର ଆବଶ୍ୟକତାକୁ ଦେଖି ଏହି ନିଷ୍ପତ୍ତି ନିଆଯାଇଛି। ଏହା ଦ୍ୱାରା ୮୬ ପ୍ରତିଶତରୁ ଅଧିକ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଲାଭାନ୍ୱିତ ହେବେ। ଏ ସମ୍ବନ୍ଧିତ ମାର୍ଗଦର୍ଶିକାକୁ ଖୁବଶୀଘ୍ର କାର୍ଯ୍ୟକାରୀ କରି ଋଣ ନିୟମ ବିଷୟରେ ସଚେତନତା ସୃଷ୍ଟି କରିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

## ମାଲାବାର୍‌ର 'ମାଇନ ଡାଏମଣ୍ଡ ଫେଷ୍ଟିଭାଲ' ଆରମ୍ଭ




ଭୁବନେଶ୍ୱର, ୧୪।୧୨ (ସମିସ): ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ ପକ୍ଷରୁ ଚନ୍ଦ୍ରଶେଖରପୁର ସ୍ଥିତ ଶୋ'ରୁମ୍‌ରେ ଶନିବାରଠାରୁ 'ମାଇନ ଡାଏମଣ୍ଡ ଫେଷ୍ଟିଭାଲ' ଆରମ୍ଭ ହୋଇଛି। ଓଲିଉଡ୍ ଅଭିନେତ୍ରୀ ଅଙ୍କିତା ମହାନ୍ତି ହୀରା ଅଳଙ୍କାରର ଏହି ଆକର୍ଷଣୀୟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି। ଏହି ଉତ୍ସବ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଠାରେ ମାଇନ୍ ଡାଏମଣ୍ଡ ପକ୍ଷରୁ ହୀରା ଅଳଙ୍କାରର ସମ୍ଭାରକୁ ପ୍ରଦର୍ଶନୀ କରାଯାଇଛି। ଏହି ଅବସରରେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ମଧ୍ୟ ରହିଛି। ଗ୍ରାହକଙ୍କୁ ହୀରା ମୂଲ୍ୟ ଉପରେ ୨୫ ପ୍ରତିଶତ ରିହାତି ଦିଆଯାଉଛି। ଏହା ସହିତ ପୁରୁଣା 'ମାଇନ୍ ଡାଏମଣ୍ଡ ଜୁଏଲାରୀ' ବଦଳିରେ ଶତ ପ୍ରତିଶତ ମୂଲ୍ୟ ପ୍ରଦାନ କରାଯାଉଛି। ହୀରାର ସୌନ୍ଦର୍ଯ୍ୟ ଏବଂ ଚମକକୁ ପାଳନ କରିବା ସହିତ ଗ୍ରାହକଙ୍କୁ ଉଚିତ୍ ମୂଲ୍ୟରେ ହୀରା ପ୍ରଦାନ କରିବା ଲାଗି ଏହି ପର୍ବ ପାଳନ କରାଯାଉଛି। ଏଠାରେ ବିଭିନ୍ନ ଅବସରରେ ପିନ୍ଧିବା ଲାଗି ଭିନ୍ନ ଭିନ୍ନ ଡିଜାଇନର ହୀରା ଅଳଙ୍କାର ଉପଲବ୍ଧ। ଏଗୁଡିକ ମଧ୍ୟରେ ହୀରା ନେକ୍‌ଲେସ, ଇୟରରିଙ୍ଗ, ବିଭିନ୍ନ ଡିଜାଇନର ଷ୍ଟଡ୍ ସହିତ ଅନେକ ଅଳଙ୍କାର ରହିଛି। ଏଠାରେ ସବୁ ବର୍ଗର ଗ୍ରାହକଙ୍କ ଲାଗି ପସନ୍ଦଯୋଗ୍ୟ, ଉନ୍ନତମାନର ଏବଂ ନାମୀଦାମୀ ବ୍ରାଣ୍ଡର ଅଳଙ୍କାର ଉପଲବ୍ଧ ମଧ୍ୟ। ଏହି ଅବସରରେ ଗ୍ରାହକଙ୍କୁ ଉନ୍ନତମାନର, ଭରସାଯୋଗ୍ୟ ଏବଂ ନୂତନ ଅଳଙ୍କାର ଦେବା ପାଇଁ ମାଲାବାର ପ୍ରତିଶ୍ରୁତିବଦ୍ଧ ବୋଲି ଏହି ଗ୍ରୁପ୍‌ର ଅଧ୍ୟକ୍ଷ ଏମ.ପି ଅହମ୍ମଦ କହିଛନ୍ତି। ଏହି ଶୋ' ଗୁଣବତ୍ତା ଏବଂ ଶୁଦ୍ଧତା ପ୍ରତି ମାଲାବାରର ସମର୍ପଣର ପ୍ରମାଣ ବୋଲି ସେ ଉଲ୍ଲେଖ କରିଛନ୍ତି।

## ଗିଫ୍ଟ ପ୍ରଫେସର ପୁରସ୍କୃତ

ଗଙ୍ଗପଡ଼ା, ୧୪।୧୨ (ସମିସ): ଗିଫ୍ଟ ସ୍ୱୟଂଶାସିତ କଲେଜର ଏଗ୍ରିକଲ୍‌ଚର ଇଂଜିନିୟରିଂ ବିଭାଗର ପ୍ରଫେସର ସତ୍ୟାନନ୍ଦ ସ୍ୱାଇଁଙ୍କୁ ବୈଷୟିକ କୃଷି କ୍ଷେତ୍ରରେ ଜୀବନବ୍ୟାପି ସାଧନା ପାଇଁ "ଇଣ୍ଡିଆନ ସୋସାଇଟି ଅଫ୍ ଏଗ୍ରିକଲ୍‌ଚରାଲ ଇଂଜିନିୟରସ୍"ର ୫୮ତମ ବାର୍ଷିକ ସମ୍ମିଳନୀରେ ତାଙ୍କୁ 'ଆଇଏସ୍ଏଇ ଗୋଲ୍ଡ ମେଡ଼ାଲ-୨୦୨୪' ପ୍ରଦାନ କରାଯାଇଛି। ଏହି ଅବସରରେ ଗିଫ୍ଟର ଡାଇରେକ୍ଟର ଡଃ.ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡଃ. ତ୍ରିଲୋଚନ ସାହୁ, ଡିନ୍ ଏକାଡ଼େମିକ ଡଃ. ଆର୍.ଏନ୍. ପଣ୍ଡା, ଡିନ୍ ଆଡ୍‌ମିନ୍ କର୍ଣ୍ଣେଲ୍ ଏମ୍.କେ. ରାଉତ, ରେଜିଷ୍ଟ୍ରାର ପ୍ରଫେସର ତରୁଣ କୁମାର, ଓଏସ୍‌ଡ଼ି ଇଂ. ସୀମର ରଞ୍ଜନ ପଣ୍ଡା ଓ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଡଃ. ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



### ନୂଆ ଅଧ୍ୟୟନରେ ଦାବି

# ପାରାସିଟାମଲ୍ ଯୋଗୁଁ ହୋଇପାରେ ହୃତ୍‌ପିଣ୍ଡ, କିଡ୍‌ନୀ ରୋଗ

ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି)

ସାଧାରଣ ଥଣ୍ଡା ଜ୍ୱର ଟିକେ ହୋଇଗଲେ ଲୋକେ ଆଶ୍ୱସ୍ତି ପାଇଁ ପାରାସିଟାମଲ୍ ଟାବ୍‌ଲେଟ ଖାଇ ଦେଇଥାନ୍ତି। ଅଷ୍ଟିଓଆର୍ଥାରାଇଟ୍ସର ଚିକିତ୍ସାରେ ମଧ୍ୟ ଏହି ଟାବ୍‌ଲେଟ ଦିଆଯାଇଥାଏ। ମାତ୍ର ଏହି ଔଷଧ ବିପଦ ଆଣି ଦେଉଛି। ରୋଗ ଭଲ କରିବା ପରିବର୍ତ୍ତେ ମାରାତ୍ମକ ରୋଗ ସୃଷ୍ଟିର କାରଣ ପାଲଟି ଯାଉଛି। ଏକ ନୂଆ ଅଧ୍ୟୟନରୁ ଏହା ଜଣାପଡ଼ିଛି। ଏଥିରେ ପାରାସିଟାମଲକୁ ନେଇ ବିଚଳିତ କରିବା ଭଳି ତଥ୍ୟ ସାମ୍ନାକୁ ଆସିଛି। ଦୀର୍ଘ ଦିନ ପର୍ଯ୍ୟନ୍ତ ଏହାକୁ ବ୍ୟବହାର କଲେ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟାଇନାଲ୍, ହୃତ୍‌ପିଣ୍ଡ, ଉଚ୍ଚ ରକ୍ତଚାପ, ପେପ୍‌ଟିକ୍ ଅଲ୍‌ସର ଏବଂ କିଡ୍‌ନୀ ସମ୍ବନ୍ଧିତ ବହୁ ଜଟିଳ ରୋଗ ହୋଇପାରେ। ବ୍ରିଟେନର ନଟିଂହାମ୍ ୟୁନିଭର୍ସିଟିର ଗବେଷକମାନେ କରିଥିବା ଅଧ୍ୟୟନରୁ ଏହା ଜଣାପଡ଼ିଛି।

ଏହି ଗବେଷଣାର ନେତୃତ୍ୱ ନେଇଥିବା ଏନ୍ଆଇଏଚ୍ଆର ବାୟୋମେଡିକାଲ ରିସର୍ଚ୍ଚ ସେଣ୍ଟରର ପ୍ରଫେସର ୱି ଝାଙ୍ଗ କହିଛନ୍ତି ଯେ ସାଧାରଣତଃ ଦୀର୍ଘ ଦିନର ଆଣ୍ଠୁଗଣ୍ଠି ବାତର ଚିକିତ୍ସାରେ ପାରାସିଟାମଲ ଦିଆଯାଇଥାଏ। ବିଶେଷ କରି ବୟସ୍କଙ୍କ ପାଇଁ ଏହାକୁ ଭଲ ବୋଲି ଧରା ଯାଉଥିଲା। ମାତ୍ର ଦୀର୍ଘ ଦିନ ପର୍ଯ୍ୟନ୍ତ ଏହାକୁ ଖାଇଲେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ପୂର୍ବରୁ ମଧ୍ୟ ଅନେକ ଅଧ୍ୟୟନରେ ପାରାସିଟାମଲ୍‌କୁ ବିପଜ୍ଜନକ କୁହାଯାଇଥିଲା। ଏହାର ପ୍ରୟୋଗ ଦ୍ୱାରା ଅଲ୍‌ସର, ରକ୍ତସ୍ରାବ ଜନିତ ସମସ୍ୟା ହୋଇପାରେ ବୋଲି କୁହାଯାଇଥିଲା। ନୂଆ ଅଧ୍ୟୟନ ରିପୋର୍ଟରେ କୁହାଯାଇଛି ପାରାସିଟାମଲ୍ ଦ୍ୱାରା ପେପ୍‌ଟିକ୍ ଅଲ୍‌ସର ରକ୍ତସ୍ରାବ ଏବଂ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟାଇନାଲ ରକ୍ତସ୍ରାବ ଜନିତ ବିପଦ ୨୪ରୁ ୩୬ ପ୍ରତିଶତକୁ ବୃଦ୍ଧି ପାଇଥାଏ। ସେହିପରି କ୍ରୋନିକ କିଡ୍‌ନୀ ରୋଗର ବିପଦ ୧୯ ପ୍ରତିଶତ, ହୃତ୍‌ପିଣ୍ଡ ଫେଲ୍‌ହେବାର ୯ ପ୍ରତିଶତ ଏବଂ ଉଚ୍ଚ ରକ୍ତଚାପ ୭ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। 'ଆର୍ଥରାଇଟ୍ସ କେୟାର ଆଣ୍ଡ ରିସର୍ଚ୍ଚ ଜର୍ଣ୍ଣାଲ'ରେ ପ୍ରକାଶିତ ଅଧ୍ୟୟନରେ ଗବେଷକମାନେ କହିଛନ୍ତି ଯେ ଏହା ବୟସ୍କଙ୍କ କିଡ୍‌ନୀ, ହୃତ୍‌ପିଣ୍ଡ ଏବଂ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟାଇନାଲ ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଦର୍ଶାଉଛି।



ଗବେଷକମାନେ ୧, ୮୦, ୪୮୩ ଲୋକଙ୍କ ଉପରେ ଏହି ଗବେଷଣା କରିଥିଲେ। ସମସ୍ତଙ୍କୁ ଛଅ ମାସ ଭିତରେ ଦୁଇ ଥରରୁ ଅଧିକ ପାରାସିଟାମଲ ଦିଆଯାଇଥିଲା। କେବେ ବି ପାରାସିଟାମଲ ନେଇ ନ ଥିବା କମ୍ ବୟସର ୪, ୦୨, ୪୭୮ ଲୋକଙ୍କ ସହ ଏମାନଙ୍କ ତୁଳନା କରାଯାଇଥିଲା। ଅଧ୍ୟୟନ ପାଇଁ କ୍ଲିନିକାଲ ପ୍ରାକ୍ଟିସ୍ ରିସର୍ଚ୍ଚ ଡାଟାଲିଙ୍କ-ଗୋଲ୍ଡର ଡାଟା ବିଶ୍ଳେଷଣ କରାଯାଇଥିଲା। ଗବେଷକମାନେ ପାରାସିଟାମଲ୍‌ର ବହୁତ କମ୍ ବ୍ୟବହାର କରିବାକୁ ଡାକ୍ତରଙ୍କୁ ପରାମର୍ଶ ଦେଇଛନ୍ତି। ଦୀର୍ଘ ଦିନ ପର୍ଯ୍ୟନ୍ତ ଔଷଧ ନ ଲେଖିବାକୁ କହିଛନ୍ତି। ପୂର୍ବରୁ ହୃତ୍‌ପିଣ୍ଡ କିମ୍ବା କିଡ୍‌ନୀ ରୋଗ ଥିଲେ ପାରାସିଟାମଲ୍ ନ ଖାଇବାକୁ କୁହାଯାଇଛି। ସେହିପରି ଜ୍ୱର ଏବଂ ଦରଜ ଚିକିତ୍ସା ପାଇଁ ଅନ୍ୟ ବିକଳ୍ପ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଜୀବନଶୈଳୀରେ ପରିବର୍ତ୍ତନ ଏବଂ ପ୍ରାକୃତିକ ଚିକିତ୍ସା ସହିତ ବ୍ୟାୟାମ ଏବଂ ସନ୍ତୁଳିତ ଆହାରକୁ ପ୍ରାଥମିକତା ଦେବା ମନ୍ଦ ଭଲ।

### ଆସନ୍ତା ବର୍ଷରୁ ନୂଆ ସୁବିଧା ଦେଇପାରେ ଇପିଏଫ୍‌ଓ

## ଏଟିଏମ୍‌ରୁ କାଢ଼ିପାରିବେ ପିଏଫ୍‌ର ୫୦% ଅର୍ଥ




- ଜରୁରୀ ସମୟରେ ଶୀଘ୍ର ମିଳିବ ଟଙ୍କା
- ମୃତ୍ୟୁ ପରେ ବି ଟଙ୍କା ଉଠାଇ ପାରିବେ ସନ୍ତାନ

ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି)

ଗ୍ରାହକଙ୍କୁ ବ୍ୟାଙ୍କିଂ ଭଳି ସୁବିଧା ଦେବା ଲାଗି କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫ୍‌ଓ) କାମ କରୁଛି। ଆସନ୍ତା ବର୍ଷରୁ ଇପିଏଫଓ ଗ୍ରାହକଙ୍କୁ ନୂଆ ସୁବିଧା ପ୍ରଦାନ କରିପାରେ। ଡେବିଟ୍ କାର୍ଡ ଭଳି ଇଫିଏଫଓ କାର୍ଡ ପ୍ରଦାନ କରାଯିବ। ଏହାକୁ ୱିଥ୍‌ଡ୍ରାଲ କାର୍ଡ କୁହାଯିବ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି କାର୍ଡ ମାଧ୍ୟମରେ କର୍ମଚାରୀ ଭବିଷ୍ୟ ନିଧିର ମୋଟ ଜମା ରାଶିରୁ ୫୦ ପ୍ରତିଶତ ଅର୍ଥ ବାହାର କରିପାରିବେ। ଆସନ୍ତା ବର୍ଷରୁ ଏହି ସେବା ଆରମ୍ଭ ହେବାର ସମ୍ଭାବନା ରହିଛି ବୋଲି କେନ୍ଦ୍ର ଶ୍ରମ ସଚିବ ସୁମିତା ଡାୱରା କହିଛନ୍ତି। ଏହି ନୂଆ ବ୍ୟବସ୍ଥାରେ ପ୍ରାଣ ହରାଇଥିବା କର୍ମଚାରୀଙ୍କ ସନ୍ତାନ ମଧ୍ୟ ଏଟିଏମ୍‌ରୁ ଟଙ୍କା ଉଠାଇ ପାରିବେ। ତେବେ ଦାବି ସମାଧାନ ପରେ ଏପରି ସୁବିଧା ମିଳିବ।

ଇପିଏଫ୍‌ଓ ୩.୦ ଅଧିନରେ ଏହି ସବୁ ସେବା ପ୍ରଦାନ କରାଯିବ। ଏହା ଦ୍ୱାରା ତୁରନ୍ତ ଟଙ୍କା ଉଠାଣ ଏବଂ ଅବସର ପରେ ସୁରକ୍ଷିତ ଟଙ୍କା ପାଇବା ମଧ୍ୟରେ ସନ୍ତୁଳନ ରକ୍ଷା କରିହେବ। ଟଙ୍କା ଉଠାଣ ନିୟମ ଅନୁଯାୟୀ ଯଦି କୌଣସି ସଦସ୍ୟଙ୍କ ଚାକିରି ଚାଲିଯାଏ ତେବେ ଏହାର ମାସେ ପରେ ସେ ପିଏଫ୍ ଆକାଉଣ୍ଟରୁ ୭୫ ପ୍ରତିଶତ ଅର୍ଥ ଉଠାଇ ପାରିବେ। ଏହା ମାଧ୍ୟମରେ ସେ ବେକାରୀ ସମୟରେ ନିଜର ଆବଶ୍ୟକତା ପୂରଣ କରିପାରିବେ। ଆଉ ବାକି ଅର୍ଥ ଚାକିରି ହରାଇବାର ୨ ମାସ ପରେ ଉଠାଇ ପାରିବେ।

### କେନ୍ଦ୍ରମନ୍ତ୍ରୀ ସିନ୍ଧିଆଙ୍କ ବଡ଼ ସୂଚନା

## ନିଲାମ ହେବନି ଉପଗ୍ରହ ସ୍ପେକ୍‌ଟ୍ରମ୍

ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି)



- ରିଲାଏନ୍ସ, ଏୟାରଟେଲ, ଭିଆଇକୁ ଝଟ୍‌କା
- ୨ଜି ସେବା ଭଳି ମଧ୍ୟ ଆବଣ୍ଟନ ହେବନି

ଉପଗ୍ରହ ମାଧ୍ୟମରେ ଦୂରସଞ୍ଚାର ସେବା (ସାଟେଲାଇଟ ସ୍ପେକ୍‌ଟ୍ରମ୍) କୁ ନେଇ କେନ୍ଦ୍ର ଦୂରସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ବଡ଼ ସୂଚନା ଦେଇଛନ୍ତି। ରିଲାଏନ୍ସ, ଏୟାରଟେଲ୍, ଭିଆଇ ଭଳି କମ୍ପାନୀ ଏହି କ୍ଷେତ୍ରର ନିଲାମ ପାଇଁ ଦାବି କରୁଥିବାବେଳେ କେନ୍ଦ୍ରମନ୍ତ୍ରୀ ଏହାକୁ ଏଡ଼ାଇ ଦେଇଛନ୍ତି। ତେବେ ୨ଜି ସେବା ଭଳି 'ପ୍ରଥମେ ଆସ, ପ୍ରଥମେ ନିଅ' ନୀତି ଅବଲମ୍ବନ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଭାରତ ଆର୍ଥିକ ସମ୍ମିଳନୀକୁ ସମ୍ବୋଧନ କରି ଶୁକ୍ରବାର ସିନ୍ଧିଆ କହିଥିଲେ ଯେ ବୈଜ୍ଞାନିକ ସମସ୍ୟା ଯୋଗୁଁ ଉପଗ୍ରହ ସେବା ପାଇଁ ସ୍ପେକ୍‌ଟ୍ରମ ନିଲାମ କରିବା ସମ୍ଭବ ନୁହେଁ। ବିଶ୍ୱର ଏଭଳି କୌଣସି ଦେଶ ନାହିଁ, ଯିଏ ଉପଗ୍ରହ ସ୍ପେକ୍‌ଟ୍ରମକୁ ନିଲାମ କରୁଛି। କାରଣ ଏହି ନିଲାମ ଭୌତିକ ଭାବେ ଅସମ୍ଭବ। ଯଦି ଏ ନେଇ ଆର୍ଥିକ ତର୍କ ଦେବେ ତେବେ ଏହାକୁ ପ୍ରାଶାସନିକ ଭାବେ କେମିତି ଆବଣ୍ଟନ କରିବେ।

ସିନ୍ଧିଆ ସ୍ପଷ୍ଟ କରିଦେଇଛନ୍ତି ଯେ ପୂର୍ବ ଭଳି 'ପ୍ରଥମେ ଆସ, ପ୍ରଥମେ ନିଅ' ନୀତିରେ ମୂଲ୍ୟ ନିର୍ଦ୍ଧାରଣ କରାଯିବ ନାହିଁ। ଦୂରସଞ୍ଚାର ନିୟାମକ 'ଟ୍ରାଇ' ଏ ନେଇ ନିଷ୍ପତ୍ତି ନେବ। କର୍ତ୍ତୃପକ୍ଷ ଆବଣ୍ଟନର ମୂଲ୍ୟ ଧାର୍ଯ୍ୟ କରିବେ। ଏହି ଆଧାରରେ ଲାଇସେନ୍ସ ହାସଲ କରିଥିବା ବ୍ୟକ୍ତିଙ୍କୁ ସ୍ପେକ୍‌ଟ୍ରମ ଆବଣ୍ଟନ କରାଯିବ। ଏହି ଆବଣ୍ଟନକୁ ନେଇ ବୈଜ୍ଞାନିକ ଏବଂ ଆର୍ଥିକ ଦିଗ ମଧ୍ୟ ରହିଛି। ଆବଣ୍ଟନ ହୋଇ ନ ଥିବା ସାମଗ୍ରୀକୁ କେମିତି ନିଲାମ କରିହେବ। କୌଣସି ବ୍ୟକ୍ତିବିଶେଷ ପାଖରେ ଥିବା ସାମଗ୍ରୀକୁ କେବଳ ନିଲାମ କରାଯାଇପାରିବ। ବିଶ୍ୱର ପ୍ରତ୍ୟେକ ଦେଶ ଭୌତିକ ସିଦ୍ଧାନ୍ତ ଯୋଗୁଁ ପ୍ରାଶାସନିକ ଭାବେ ଉପଗ୍ରହ ସ୍ପେକ୍‌ଟ୍ରମ୍ ନିଲାମ କରୁଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ଏହି ମନ୍ତବ୍ୟ ରିଲାଏନ୍ସ, ଏୟାରଟେଲ ଆଦି କମ୍ପାନୀଙ୍କ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି। କାରଣ ଏହି କମ୍ପାନୀଗୁଡ଼ିକ ପ୍ରାଶାସନିକ ଆବଣ୍ଟନ ପରିବର୍ତ୍ତେ ନିଲାମ କରିବାକୁ ଦାବି କରି ଆସୁଥିଲେ।

# ତୃତୀୟ ଟେଷ୍ଟ: ନ୍ୟୁଜିଲାଣ୍ଡ ୩୧୫/୯

## ଲାଥମ, ସାଣ୍ଟନରଙ୍କ ଅର୍ଦ୍ଧଶତକ

ହାମିଲଟନ, ୧୪ ।୧୨(ଏଜେନ୍ସି): ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଶନିବାରଠାରୁ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି । ପ୍ରଥମ ଦୁଇଟି ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି । ଏହି ଟେଷ୍ଟ ଜିତି ନ୍ୟୁଜିଲାଣ୍ଡ ସାନ୍ତ୍ୱନାମୂଳକ ବିଜୟ ହାସଲ କରିବାକୁ ପ୍ରୟାସ କରିବ । ଟସ୍ ଜିତି ଇଂଲଣ୍ଡ ନ୍ୟୁଜିଲାଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ପ୍ରଥମ ପାଳି ଆରମ୍ଭ କରି ନ୍ୟୁଜିଲାଣ୍ଡ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୮୨ ଓଭରରେ ୯ ୱିକେଟ ହରାଇ ୩୧୫ ରନ ସଂଗ୍ରହ କରିଛି । ଷ୍ଟମ୍ପ ଅପସାରଣ ବେଳକୁ ମିଚେଲ ସାଣ୍ଟନର ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଓ ୱିଲିୟମ ଓ'ରୁର୍କ ବିନା ସ୍କୋରରେ ଅପରାଜିତ ରହିଛନ୍ତି । ଦଳ ନିୟମିତ ଅନ୍ତରରେ ୱିକେଟ ହରାଇଥିଲେ ମଧ୍ୟ ବ୍ୟାଟରମାନେ ଅଳ୍ପବହୁତ ରନ୍ ସଂଗ୍ରହ କରି ଦଳର ସ୍କୋରକୁ ୩୦୦ ରନ ପାର କରାଇଥିଲେ । ଏହି କ୍ରମରେ ଓପନର ତଥା ଅଧିନାୟକ ଟମ୍ ଲାଥମ ୬୩, ୱିଲି ୟଙ୍ଗ ୪୨, ଅଭିଜ୍ଞ କେନ୍ ୱିଲିୟମସନ ୪୪, ଟିମ୍ ସାଉଦି ୨୩, ୱିକେଟରକ୍ଷକ ବ୍ୟାଟର ଟମ୍ ବ୍ଲଣ୍ଡେଲ ୨୧, ରଚିନ ରବୀନ୍ଦ୍ର ୧୮, ଡାରିଲ ମିଚେଲ ୧୪ ରନକରି ଆଉଟ ହୋଇଥିଲେ । ବୋଲିଂରେ ଇଂଲଣ୍ଡ ତରଫରୁ ମାଥ୍ୟୁ ପଟ୍ସ ଓ ଗସ୍ ଅଟକିନସନ ୩ଟି ଲେଖାଏ, ବ୍ରାଇଡନ କାର୍ସ ୨ ଓ ବେନ ଷ୍ଟୋକ୍ସ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ । ପୂର୍ବରୁ ଇଂଲଣ୍ଡ ପ୍ରଥମ ଟେଷ୍ଟରେ ୮ ୱିକେଟରେ ଓ ଦ୍ୱିତୀୟରେ ୩୨୩ ରନରେ ବିଜୟ ହାସଲ କରିଥିଲା ।

■ ବରିଷ୍ଠ ମହିଳା ଏକଦିବସୀୟ କ୍ରିକେଟ

## ଓଡ଼ିଶା ବିପକ୍ଷରେ ମୁମ୍ବାଇ ବିଜୟୀ

ଭୁବନେଶ୍ୱର, ୧୪।୧୨(ସମିସ): ବରିଷ୍ଠ ମହିଳା ଜାତୀୟ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୁମ୍ବାଇ ନିକଟରୁ ୬୭ ରନ୍‌ରେ ଓଡ଼ିଶା ପରାଜିତ ହୋଇଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇଥିବା ୬ଷ୍ଠ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଦଳ ୪୭.୨ ଓଭରରେ ୧୬୫ ରନ୍



କରି ଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ବୃଶାଳୀ ଭଗତ ସର୍ବାଧିକ ୫୫ ଓ ଏମ୍ ଦକ୍ଷିଣୀ ଅପରାଜିତ ୩୬ ରନ୍ କରିଥିଲେ । ଓଡ଼ିଶା ପକ୍ଷରୁ ଭଲ ବୋଲିଂ କରିଥିବା ସୁଶ୍ରୀ ଦିବ୍ୟଦର୍ଶିନୀ ଓ ଜ୍ୟୋତି ପ୍ରସାଦ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ତରନ୍ନା ପ୍ରଧାନ, ରୀମାଲକ୍ଷ୍ମୀ ଏକ୍କା ଓ ସଙ୍ଗୀତା ଖାଡ଼ିଆଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା । ଜବାବରେ ଓଡ଼ିଶା ୧୬୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମାତ୍ର ୩୦.୩ ଓଭରରେ ୯୮ ରନ୍ କରି ଅଲଆଉଟ ହୋଇଯାଇଥିଲା । ସୁଶ୍ରୀ ବ୍ୟାଟିଂରେ ମଧ୍ୟ କମାଲ ଦେଖାଇ ଦଳ ପକ୍ଷରୁ ସର୍ବାଧିକ ୪୪ ରନ୍ କରିଥିଲେ । ସେ ୫୦ ବଲ୍ ଖେଳି ୫ ଚୌକା ମାରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୋନାଲିସା ରାଉତ ୧୦ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ । ଓଡ଼ିଶାର ପ୍ରଥମ ୩ଜଣ ବ୍ୟାଟର ମାଧୁରୀ ମେହେଟା ୧, ସରିତା ମେହେର ୨ ଓ ସଙ୍ଗୀତା ଖାଡ଼ିଆ ଶୂନ୍ ରନ୍‌ରେ ଆଉଟ ହୋଇଥିଲେ । ମୁମ୍ବାଇ ପକ୍ଷରୁ ଜାହ୍ନବୀ ୩ଟି, ଦକ୍ଷିଣୀ ଓ ସାୟଲି ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ୬ଷ୍ଠ ଲିଗ୍ ମ୍ୟାଚ୍ ପରେ ଓଡ଼ିଶା ୩ଟି ବିଜୟ ଓ ୩ଟି ପରାଜୟ ବରଣ କରିଛି ।

■ ଜାତୀୟ କାନୋଏ ସ୍ପ୍ରିଣ୍ଟ ଚାମ୍ପିଅନସିପ୍

## ଓଡ଼ିଶାକୁ ୪ ସ୍ୱର୍ଣ୍ଣ ସହ ୧୭ ପଦକ



ଭୁବନେଶ୍ୱର, ୧୪।୧୨(ସମିସ): ଉତ୍ତରାଖଣ୍ଡରେ ଚାଲିଥିବା ୩୫ତମ ଜାତୀୟ ବରିଷ୍ଠ କାନୋଏ ସ୍ପ୍ରିଣ୍ଟ ଚାମ୍ପିଅନସିପ୍ ଶନିବାର ଶେଷ ହୋଇଛି । ଏଥିରେ ଓଡ଼ିଶାର କାନୋଏ ସ୍ପ୍ରିଣ୍ଟରମାନେ ଚମତ୍କାର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ୪ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୭ଟି କାଂସ୍ୟ ସହ ୧୭ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି । ଏହି ସଫଳତା ବଳରେ ଦଳ ଜାତୀୟ କ୍ରୀଡ଼ା ଲାଗି ଯୋଗ୍ୟତା ଅର୍ଜନ କରିଛି । ଓଡ଼ିଶା ପକ୍ଷରୁ ୪ଟି ବିଭାଗରେ ମହିଳା ପ୍ରତିଯୋଗୀମାନେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଓଇନାମ ବିଦ୍ୟା ଦେବୀ ଏକାକୀ ୩ଟି ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି । କେ-୪ ମହିଳା ୧୦୦୦ ମିଟରରେ ବିଦ୍ୟା ଦେବୀ, ଶ୍ରୁତି ଚୌଗୁଲେ, ଲିଚେନବାମ ସୋନିଆ ଓ ଧନମଞ୍ଜରୀ ଦେବୀ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ । କେ-୨ ମହିଳା ୧୦୦୦ ମିଟରରେ ବିଦ୍ୟା ଦେବୀ ଓ ବିନିତା ଚାନୁ, କେ-୪ ମହିଳା ୫୦୦ ମିଟରରେ ବିଦ୍ୟା ଦେବୀ, ଶ୍ରୁତି ଚୌଗୁଲେ, ଓଇନାମ ବିନିତା ଚାନୁ ଓ କେ. ଧନମଞ୍ଜରୀ ଦେବୀ ଏବଂ ସି-୨ ମହିଳା ୫୦୦ ମିଟରରେ ରଶ୍ମିତା ସାହୁ ଓ ସାନତୋମ୍ବି ଦେବୀ ସ୍ୱର୍ଣ୍ଣପଦକ ଜିତି ଓଡ଼ିଶାର ଗୌରବ ବଢ଼ାଇଛନ୍ତି ।

### ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପନ ଆଜି

# ପୁରୁଷ ଏକକରେ ରିଥଭିକ୍-ଥାରୁନ ଫାଇନାଲ

ଭୁବନେଶ୍ୱର, ୧୪ ।୧୨(ସମିସ): କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ସୁପର ୧୦୦ ଓଡ଼ିଶା ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଓ ମହିଳା ବିଭାଗର ଏକକ ଓ ଯୁଗଳ ଏବଂ ମିଶ୍ରିତ ଯୁଗଳ ଇଭେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି । ରବିବାର ସବୁ ବିଭାଗର ଫାଇନାଲ ମ୍ୟାଚ୍ ଖେଳାଯିବ । ପୁରୁଷ ଏକକରେ ଦୁଇ ଭାରତୀୟ ଖେଳାଳି ରିଥଭିକ୍ ସଞ୍ଜିବୀ ଓ ଥାରୁନ ମାନ୍ନେପାଲି ଟାଇଟଲ ପାଇଁ ମୁହାଁମୁହିଁ ହେବେ । ଶନିବାର ଖେଳାଯାଇଥିବା ସେମିଫାଇନାଲରେ ରିଥଭିକ୍ ୨୧-୧୭, ୨୧-୧୪ରେ ଅଷ୍ଟମ ସିଡ ଥାଇଲାଣ୍ଡର ପନିତଚାଫନ ତିରାରାସାକୁଲଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି । ସେହିପରି ଥାରୁନ୍ ୧୨-୨୧, ୨୧-୧୯, ୨୧-୧୨ରେ ନିଜ ଦେଶର ଷଷ୍ଠ ସିଡ୍ ଖେଳାଳି ସତିଶ କରୁଣାକରନଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି ।




## ମହିଳା ଫାଇନାଲରେ ତନଭି- ୟାନୟାନ

ଅପରପକ୍ଷରେ ମହିଳା ଏକକ ସେମିରେ ଭାରତର ତନଭି ଶର୍ମା ଓ ଚୀନର କାଇ ୟାନୟାନ ଟାଇଟଲ ପାଇଁ ଫାଇନାଲରେ ପରସ୍ପରକୁ ଭେଟିବେ । ତନଭି ୨୧-୧୯, ୨୧-୧୯ରେ ନିଜ ଦେଶର ଶ୍ରିୟାଂସି ବାଲିସେଟ୍ଟୀଙ୍କୁ ପରାସ୍ତ କରି ଏବଂ ୟାନୟାନ ୨୧-୧୭, ୨୧-୧୯ରେ ଜାପାନର ସୋରାନୋ ୟୋସିକାୱାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି । ପୁରୁଷ ଯୁଗଳ ଇଭେଣ୍ଟରେ ଚୀନର ଡି ହୁଆଙ୍ଗ ଓ ଲିୟୁ ୟାଙ୍ଗ୍ ଏବଂ ଜାପାନର କାକେରୁ କୁମାଗାଇ ଓ ହିରୋକି ନିଶି ଟାଇଟଲ ପାଇଁ ଫାଇନାଲରେ ମୁହାଁମୁହିଁ ହେବେ । ଏହି ଜାପାନ ଯୋଡି ଶନିବାର ସେମିଫାଇନାଲରେ ଭାରତର ପୃଥ୍ୱୀ ରଏ ଓ କେ ସାଇ ପ୍ରତିକଙ୍କୁ ୧୬-୨୧, ୨୧-୧୯, ୨୨-୨୦ରେ ପରାସ୍ତ କରି ଫାଇନାଲକୁ ଉଠିଥିଲେ । ସେହିପରି ମହିଳା ଯୁଗଳ ପ୍ରତିଯୋଗିତାରେ ଜାପାନର ହାରା ନାନାକୋ ଓ କିଓସେ ରିକୋ ଏବଂ ଚୀନର କେଙ୍ଗ ଶୁଲିଆଙ୍ଗ୍ ଓ ୱାଙ୍ଗ ତିଙ୍ଗେ ଫାଇନାଲରେ ପରସ୍ପରକୁ ଭେଟିବେ । ସେମିରେ ଜାପାନ ଯୋଡି ୨୧-୧୭, ୨୧-୧୪ରେ ଷଷ୍ଠ ସିଡ ଭାରତୀୟ ଯୋଡି ଗାୟତ୍ରୀ ରାୱତ ଓ ମନସା ରାୱତଙ୍କୁ ହରାଇ ଏବଂ ଚୀନ୍ ଯୋଡି ୨୧-୭, ୨୨-୨୪, ୨୧-୧୭ରେ ଚତୁର୍ଥ ସିଡ୍ ଭାରତର କେ ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି ।

ଅପରପକ୍ଷରେ ମିଶ୍ରିତ ଯୁଗଳ ଇଭେଣ୍ଟରେ ଚୀନ୍‌ର ଜିଆଜୁଆନ ଗାଓ ଓ ରୁଇଝି ଟାଙ୍ଗ ଏବଂ ସିଙ୍ଗାପୁରର ହି ତେରି ଓ ୟୁଜିଆ ଜିନ୍ ଫାଇନାଲରେ ପରସ୍ପରକୁ ଭେଟିବେ । ଷଷ୍ଠ ସିଡ୍ ଏହି ସିଙ୍ଗାପୁର ଯୋଡି ୨୧-୧୪, ୧୮-୨୧, ୨୧-୧୯ରେ ଦ୍ୱିତୀୟ ସିଡ୍ ଭାରତୀୟ ଯୋଡି ରୋହନ କପୁର ଓ ରୁଥଭିକା ଗାଡେଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି ।

### ସର୍ବଭାରତୀୟ ସବ୍ ଜୁନିଅର କରାଟେ

## ପ୍ରଥମ ଦିନରେ ଓଡ଼ିଶାକୁ ୧୫ ପଦକ



ଭୁବନେଶ୍ୱର, ୧୪ ।୧୨(ସମିସ): କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କିଓ) ଆନୁକୂଲ୍ୟରେ ନୂଆଦିଲ୍ଲୀ ସ୍ଥିତ ତାଲକୋଟରା ଇଣ୍ଡୋର ଷ୍ଟାଡୟମରେ ଶନିବାରଠାରୁ ସର୍ବଭାରତୀୟ ସବ୍ ଜୁନିଅର କରାଟେ ପ୍ରତିଯୋଗିତା ଆରମ୍ଭ ହୋଇଛି । ୬ରୁ ୧୩ ବର୍ଷ ବାଳକା ଓ ବାଳିକା ଏହି ପ୍ରତିଯୋଗିତାରେ ପ୍ରଥମ ଦିନରେ ଓଡ଼ିଆ ପ୍ରତଯୋଗୀମାନେ ୧୫ଟି ପଦକ ଜିତିଛନ୍ତି । ଓଡ଼ିଶାର ଚିତ୍ରାକ୍ଷ ଦାସ, ନକ୍ସ ପୋଦ୍ଦାର, ଆଶିଷ ପଣ୍ଡା, ଅଭିଜ୍ୱାଲା ମହାନ୍ତି ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିପରି କୌଭବ ପଟ୍ଟନାୟକ, ହର୍ସଦ କୁମାର, ଶ୍ରେୟାଂଶୁ ସାହୁ, ସୌମ୍ୟ ରଞ୍ଜନ ପାତ୍ର, ପିୟୂଷ ରଞ୍ଜନ ସାହୁ, ଶିବକୃପା ମିଶ୍ର, ଅଭିଯୁକ୍ତ ମିଶ୍ର, ମେହୁଲ ପରିଡ଼ା ଗୋଟିଏ ଲେଖାଏ ରୌପ୍ୟ ପଦକ ଜିତିଛନ୍ତି । ଅନ୍ୟପଟେ ନୀତିକ ମହନ୍ତ, ଆରିଆନ ମହାନ୍ତି ଗୋଟିଏ ଲେଖାଏ କାଂସ୍ୟ ପଦକ ହାସଲ କରିଛନ୍ତି । ସବ ଜୁନିଅର ବାଳକ ଟିମ୍ କାଟାରେ ଶିବକୃପା ମିଶ୍ର, ଅପିତ ଦାସ, ଦେବେନ୍ଦ୍ର ପରିଡ଼ା ଓ ସୌର୍ଯ୍ୟ ଚନ୍ଦୁକା କାଂସ୍ୟ ପଦକ ହାସଲ କରିଛନ୍ତି । ପଦକ ବିଜୟୀ ପ୍ରତିଯୋଗୀମାନଙ୍କୁ ଓଡ଼ିଶା କରାଟେ ସଂଘ ତରଫରୁ ଅଭିନନ୍ଦନ ଜଣାଯାଇଛି ।

## ପାକିସ୍ତାନ ୭ ୱିକେଟରେ ପରାସ୍ତ

ସେଞ୍ଚୁରିଅନ, ୧୪ ।୧୨(ଏଜେନ୍ସି): ପାକିସ୍ତାନ ବିପକ୍ଷ ହାଇସ୍କୋରିଂ ଦ୍ୱିତୀୟ ଟି-୨୦ ମୁକାବିଲାରେ ଘରୋଇ ଦକ୍ଷିଣ ଆଫ୍ରିକା ୩ ବଲ୍ ବାକିଥାଇ ୭ ୱିକେଟରେ ବିଜୟୀ ହୋଇଛି । ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ଟି-୨୦ ସିରିଜରେ ଦକ୍ଷିଣ ଆଫ୍ରିକା ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ୍ ହାତେଇ ନେଇଛି । ପୂର୍ବରୁ ପ୍ରଥମ ଟି-୨୦ରେ ଦକ୍ଷିଣ ଆଫ୍ରିକା ୧୧ ରନରେ ଜିତିଥିଲା । ସ୍ଥାନୀୟ ସୁପର ସ୍ପୋର୍ଟ ପାର୍କ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ ହରାଇ ୨୦୬ ରନ ସଂଗ୍ରହ କରିଥିଲା । ଜବାବରେ ଦକ୍ଷିଣ ଆଫ୍ରିକା ୧୯.୩ ଓଭରରେ ୩ ୱିକେଟ ହରାଇ ୨୧୦ ରନକରି ବିଜୟୀ ହୋଇଥିଲା । ୨୦୨୨ ପରେ ଦକ୍ଷିଣ ଆଫ୍ରିକା ପ୍ରଥମ ଦ୍ୱିପାକ୍ଷିକ ଟି-୨୦ ସିରିଜରେ ବିଜୟ ହାସଲ କରିଛି । ୧୧୭ ରନର ବିସ୍ଫୋରକ ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଦକ୍ଷିଣ ଆଫ୍ରିକା ଓପନର ରିଜା ହେଣ୍ଡ୍ରିକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ହେଣ୍ଡ୍ରିକ୍ସ କ୍ୟାରିଅରର ପ୍ରଥମ ଟି-୨୦ ଶତକ ଅର୍ଜନ କରିଛନ୍ତି ।

### ଜାତୀୟ ମହିଳା ଫୁଟବଲ | ମଣିପୁରଠୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୧୪।୧୨(ସମିସ): ୨୯ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ ଜିଜାବାଈ ଟ୍ରଫିରେ ଓଡ଼ିଶା ପ୍ରଥମ ପରାଜୟ ବରଣ କରିଛି । ଏହି ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିବା ପରେ ଛତିଶଗଡ଼ର ଆରକେଏମ୍ ଆଶ୍ରମ ଗ୍ରାଉଣ୍ଡରେ ପ୍ୟାରୀ ଖାଖାଙ୍କ ନେତୃତ୍ୱାଧୀନ ଓଡ଼ିଶା ୦-୨ ଗୋଲରେ ମଣିପୁରଠାରୁ ପରାଜିତ ହୋଇଥିଲା । ଜାତୀୟ ମହିଳା ଫୁଟ୍‌ବଲରେ ଓଡ଼ିଶା ଓ ମଣିପୁର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଦଳ ଭାବେ ବିବେଚିତ । ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଖେଳରେ ଉଭୟ ଦଳ ଜୋର ଦେଇ ଲଢ଼ିଥିଲେ । କିନ୍ତୁ କେହି କାହାରିକୁ ଗୋଲ ଦେବାରେ ସମର୍ଥ ହୋଇପାରି ନଥିଲେ । ଦ୍ୱିତୀୟାର୍ଦ୍ଧର ୫୮ତମ ମିନିଟ୍‌ରେ ମଣିପୁର ପ୍ରଥମ ଗୋଲ ଦେବାରେ ସମର୍ଥ ହୋଇଥିଲା । ଦଳର ତାରକା ଖେଳାଳି ହେମମ ସିଲକି ଦେବୀ ପ୍ରଥମ ଓ ୭୮ତମ ମିନିଟ୍‌ରେ ବଦଳ ଖେଳାଳି ଲାଇଶ୍ରମ ବିବିଛା ଦେବୀ ଦଳପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ।






ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ

ମହାଶୟା/ମହାଶୟ,
ଚଳିତ ବର୍ଷ ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ ଆସନ୍ତା ୧୫ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ହାବେଲୀ ପଡ଼ିଆ ଠାରେ ମହାସମାରୋହରେ ଅନୁଷ୍ଠିତ ହେବାକୁ ଯାଉଅଛି ।

ଆପଣମାନଙ୍କର ଉପସ୍ଥିତି ଓ ସହଯୋଗ ଏକାନ୍ତକାମ୍ୟ ।

॥ ଇତି ॥
ଆପଣଙ୍କ ଅପେକ୍ଷାରେ

ନରେନ୍ଦ୍ର ପୃଷ୍ଟି, ସାଧାରଣ ସଂପାଦକ
ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ସଭାପତି
ନିକୁଞ୍ଜ ପଟ୍ଟନାୟକ, ମୁଖ୍ୟ ସଂଯୋଜକ
ଡ. ସଞ୍ଜୟ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି

# ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଫାଇନାଲ୍ ଆଜି

ନନ୍ଦନକାନନ, ୧୪।୧୨(ସମିସ): ଭୁବନେଶ୍ୱର ଉତ୍ତର ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ଗ୍ରାମାଞ୍ଚଳ 'କ' ବିଭାଗରେ ବରାହୀପୁର ବନାମ ଜୟପୁର, 'ଖ' ବିଭାଗରେ ପଦ୍ମକେଶରୀପୁର ବନାମ ଗବବସ୍ତ, ସହରାଞ୍ଚଳ ବିଭାଗରେ କୋଲକାତା କାମେରୁନ୍-୧୧ ବନାମ ସନ୍‌ରାଇଜ୍



କ୍ଲବ୍ (କଟକ) ମଧ୍ୟରେ ଅନୁଷ୍ଠିତ ହେବ । ରବିବାର ଶେଷ ଦିନରେ ୩ଟି ଫାଇନାଲ୍ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ପ୍ରକାଶ କରିଛନ୍ତି । ଶନିବାର ୩ଟି ସେମି ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା । ଟୁର୍ଣ୍ଣାମେଣ୍ଟର ସପ୍ତମ ଦିନରେ ଖେଳାଯାଇଥିବା ସହରାଞ୍ଚଳ ସେମି ଫାଇନାଲ୍ ମ୍ୟାଚ୍‌ରେ କୋଲକାତା କାମେରୁନ୍-୧୧ ସହିତ ୱାଇଡିସି ମଣିପୁର ମଧ୍ୟରେ ଜୋର୍‌ଦାର ସଂଘର୍ଷ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ । ଫଳରେ ୫-୪ ଗୋଲ୍‌ରେ ଟାଇବ୍ରେକର ଜରିଆରେ କୋଲକାତା ଦଳ ମଣିପୁରକୁ ହରାଇ ଫାଇନାଲ୍ ଖେଳିବାର ସୁଯୋଗ ହାସଲ କରିଥିଲା ।

ସେହିପରି ଗ୍ରାମାଞ୍ଚଳ ବିଭଗରେ ପ୍ରଥମ ମ୍ୟାଚ୍‌ଟି ବନ ମହାବୀର କ୍ଲବ୍ ଜୟପୁର ସହିତ ମୁଣ୍ଡମୁହାଣ କ୍ଲବ୍ ମଧ୍ୟରେ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ । ଟାଇ ବ୍ରେକର ଜରିଆରେ ଜୟପୁର ୪-୩ ଗୋଲ୍‌ରେ ମୁଣ୍ଡମୁହାଣକୁ ହରାଇ ପ୍ରଥମ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଛି । ଦ୍ୱିତୀୟ ସେମି ଫାଇନାଲ୍ ମ୍ୟାଚ୍‌ରେ ବରାହୀପୁର ୩-୧ ଗୋଲ୍‌ରେ ମା' ମଙ୍ଗଳା କ୍ଲବ୍ (ଗୋଠପୁର)କୁ ହରାଇ ଜୟପୁର ସହିତ ଫାଇନାଲ୍ ଖେଳିବା ପାଇଁ ନିଜର ସ୍ଥାନ ସୁରକ୍ଷିତ କରିଛି । ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବରେ ସୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଶ୍ରୀମୟୀ ମିଶ୍ର, ଇପ୍ସିତା ସାହୁ, ଭୋଳାନାଥ ମହାରଣା, ନୁର୍ ହାସନ, ସନ୍ତୋଷ ନାଥ, ବାସୁଦେବ ରାଉତ, ମନୋରଞ୍ଜନ ଦାସ, ଭାସ୍କର ପଡ଼ିହାରୀ, ଜିତେନ୍ଦ୍ର ସେନାପତି, ପ୍ରଶାନ୍ତ ପଡ଼ିହାରୀ, ନୃସିଂହ ଖାଡ଼େଙ୍ଗା, ସନ୍ତୋଷ ନାଥ ଯୋଗଦେଇଥିଲେ । ମ୍ୟାଚ୍‌ଗୁଡ଼ିକୁ ରେଫରୀ ସୁଦୀପ ଦାସ, ଶିବ ଶଙ୍କର ପଣ୍ଡା, ବ୍ରହ୍ମାନନ୍ଦ ଭୋଇ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ଖେଳକୁ ପରିଚାଳନା କରିଥିବାବେଳେ ରଙ୍କନିଧି ରାଉତ ଧାରାବିବରଣୀ ଦେଇଥିଲେ ।

| |
|---|
| ସନ୍‌ରାଇଜ୍ ବନାମ କାମେରୁନ |
| ଜୟପୁର ବନାମ ବାରାହୀପୁର |
| ପଦ୍ମକେଶରୀପୁର ବନାମ ଗବବସ୍ତ |

୪ର୍ଥ ସ୍ୱନକ୍ଷତ୍ର

ସକାଳ
www.sakalaepaper.com



**ମହିଳା ପ୍ରିମିୟର ଲିଗ୍ ଖେଳାଳି ନିଲାମୀ ଆଜି**

# ମାଧୁରୀ, ରାମେଶ୍ୱରୀ ଓ ରିମାଙ୍କ ଭାଗ୍ୟ ପରୀକ୍ଷା

ବେଙ୍ଗାଲୁରୁ, ୧୪ ।୧୨(ଏଜେନ୍ସି): ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ର ଆଗାମୀ ତୃତୀୟ ସଂସ୍କରଣ ଲାଗି ରବିବାର ଏଠାରେ ଖେଳାଳି ନିଲାମୀ ଆୟୋଜନ ହେବ । ଆସନ୍ତାବର୍ଷ ଫେବୃଆରୀ ୨୧ରୁ ମାର୍ଚ୍ଚ ୧୬ ତାରିଖ ମଧ୍ୟ ଏହି ଡବ୍ଲ୍ୟୁପିଏଲ୍ ଖେଳାଯିବ । ଏହି ନିଲାମୀରେ ୩ ଜଣ ଓଡ଼ିଆ ମହିଳା କ୍ରିକେଟର ସ୍ଥାନ ପାଇଛନ୍ତି । ସେମାନେ ହେଉଛନ୍ତି ମାଧୁରୀ ମେହେଟ୍ଟା, ରାମେଶ୍ୱରୀ ନାୟକ ଓ ରିମାଲକ୍ଷ୍ମୀ ଏକ୍କା । ଜଣେ ସଫଳ ବ୍ୟାଟର ଭାବେ ୩୩ ବର୍ଷୀୟା ମାଧୁରୀ ଅନ୍ତର୍ଜାତୀୟ କ୍ରିକେଟ ଖେଳିଛନ୍ତି । ମାଧୁରୀ ଦୁଇଟି ମହିଳା ଦିନିକିଆ ଓ ୩ଟି ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳିଛନ୍ତି । ସେହିପରି ଜଣେ ଡାହାଣହାତୀ ଦ୍ରୁତ ବୋଲର ଭାବେ ରିମାଲକ୍ଷ୍ମୀ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ଏକାଧିକ ମ୍ୟାଚ୍ ଖେଳିଛନ୍ତି । ସେହିପରି ରାମେଶ୍ୱରୀ ନାୟକ ଡାହାଣହାତୀ ଦ୍ରୁତ ବୋଲର ଭାବେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ବେଶ୍ ସଫଳତା ହାସଲ କରିଛନ୍ତି । ୨୦୨୩ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ଓ ୨୦୨୪ରେ ରୟାଲ ଚ୍ୟାଲେଞ୍ଜର ବେଙ୍ଗାଲୁରୁ ଚାମ୍ପିଅନ ହୋଇଥିଲା । ଏହି ମିନି ଖେଳାଳି ନିଲାମୀରେ ୯୧ ଭାରତୀୟ, ୨୯ ଜଣ ବିଦେଶୀ ଖେଳାଳିଙ୍କ ସହ ମୋଟ୍ ଉପରେ ୧୨୦ ଜଣଙ୍କ ନାମ ବିଚାରକୁ ନିଆଯିବ । ଏହି ନିଲାମୀରେ ୧୪ ବର୍ଷୀୟା ଇରା ଯାଦବ ଓ ଅଂଶୁ ନାଗର ସର୍ବକନିଷ୍ଠ ଖେଳାଳି ଭାବେ ଅଂଶଗ୍ରହଣ କରିବେ । ୩୪ ବର୍ଷୀୟା ହିଥର ନାଇଟ୍ ଓ ଲଉରା ହ୍ୟାରିସ୍ ମଧ୍ୟ ଏଥିରେ ଭାଗ ନେବେ ।

**ମହିଳା କନିଷ୍ଠ ଏସିଆ କପ୍ ହକି**

# ଭାରତ-ଚୀନ୍ ଫାଇନାଲ ଆଜି

ମସ୍କଟ, ୧୪ ।୧୨(ଏଜେନ୍ସି): ଓମାନ ରାଜଧାନୀ ମସ୍କଟରେ ଚାଲିଥିବା ମହିଳା କନିଷ୍ଠ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟର ୯ମ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ଫାଇନାଲରେ ପ୍ରବେଶ କରିଛି । ପ୍ରଥମ ସେମିଫାଇନାଲ ମୁକାବିଲାରେ ଭାରତ ୩-୧ ଗୋଲରେ ଜାପାନକୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ପାଇଁ ଫାଇନାଲ ଟିକଟ ହାସଲ କରିଛି । ଭାରତ ରବିବାର ଟାଇଟଲ ପାଇଁ ଫାଇନାଲରେ ଦ୍ୱିତୀୟ ସେମିଫାଇନାଲର ବିଜେତା ଚୀନ୍‌କୁ ଭେଟିବ । ଚୀନ୍ ଶନିବାର ଅନୁଷ୍ଠିତ ଦ୍ୱିତୀୟ ସେମିରେ ୪-୧ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଫାଇନାଲକୁ ଉଠିଛି । ଗତ ୨୦୨୩ ସଂସ୍କରଣରେ ଭାରତ ପ୍ରଥମଥର ପାଇଁ ଚାମ୍ପିଅନ ହୋଇଥିଲା । ସେହିପରି ୩ଥର ଟାଇଟଲ ଜିତି ଚୀନ୍ ଦ୍ୱିତୀୟସଫଳତମ ଦଳର ମାନ୍ୟତା ପାଇଛି ।



ସ୍ଥାନୀୟ ହକି ଓମାନ ଷ୍ଟାଡିୟମରେ ଅନୁଷ୍ଠିତ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଥିଲା । ଭାରତ ପ୍ରଥମ କ୍ୱାର୍ଟରରେ ହିଁ ୩ଟି ଗୋଲ ଦେଇଥିଲା । ଚତୁର୍ଥ ମିନିଟ୍‌ରେ ମୁମ୍‌ତାଜ ଖାନ୍ ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ । ଏହାପରେ ୫ମ ମିନିଟ୍‌ରେ ସାକ୍ଷୀ ରାଣା ଫିଲ୍ଡ ଗୋଲ ଦେଇଥିବା ବେଳେ ତ୍ରୟୋଦଶ ମିନିଟ୍‌ରେ ଦୀପିକା ପେନାଲ୍ଟି ସୁଟ୍‌ରେ ଗୋଲ ଦେଇଥିଲେ । ଦ୍ୱିତୀୟ କ୍ୱାର୍ଟରରେ ୨୩ତମ ମିନିଟ୍‌ରେ ଜାପାନ ତରଫରୁ ନିକୋ ମାରୁଆମା ଏକମାତ୍ର ଗୋଲ ଦେଇ ପରାଜୟ ବ୍ୟବଧାନକୁ କମାଇଥିଲେ । ଏହାପରେ ତୃତୀୟ କ୍ୱାର୍ଟରରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା ଓ ଗୋଲ ସ୍କୋର ହୋଇ ନଥିଲା । ଚତୁର୍ଥ କ୍ୱାର୍ଟରରେ ଜାପାନ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା । ୪୮ତମ ମିନିଟ୍‌ରେ ଜାପାନ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଗୋଲ ଦେଇପାରି ନଥିଲା ।

## ଓଡ଼ିଶା ଜିଏମ୍ ଚେସ୍ ମହୋତ୍ସବ ଆଜିଠୁ

କଟକ, ୧୪।୧୨(ସମିସ): ଅଲ ଓଡ଼ିଶା ଚେସ ସଂଘ ଓ ସୋଆ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଆସନ୍ତାକାଲିଠାରୁ ୪୦ ଲକ୍ଷ ପୁରସ୍କାର ବିଶିଷ୍ଟ ଓଡ଼ିଶା ଜିଏମ୍ ଚେସ ମହୋତ୍ସବ ଆରମ୍ଭ ହେବ । ଏହି ପ୍ରତିଯୋଗିତା ୩ଟି କାଟାଗୋରୀରେ ଖେଳାଯିବ । ଏହା ମଧ୍ୟରୁ ମୁଖ୍ୟ ବା କାଟାଗୋରୀ-ଏ' ୧୦ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ ସ୍ୱିସ୍ ପ୍ରଣାଳୀରେ ସମ୍ ହସ୍ପିଟାଲ ନିକଟସ୍ଥ ସୋଆ କ୍ୟାମ୍ପସ-୨'ରେ ଖେଳାଯିବ । ଡିସେମ୍ବର ୨୨ରେ ଶେଷ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୨୦ଟି ଦେଶରୁ ୧୫ଜଣ ଗ୍ରାଣ୍ଡମାଷ୍ଟର ଓ ୨୭ଜଣ ଅନ୍ତର୍ଜାତୀୟ ମାଷ୍ଟର ଅଂଶଗ୍ରହଣ କରୁଛନ୍ତି । ୨୫୬୯ ରେଟିଂପ୍ରାପ୍ତ ଭାରତୀୟ ଗ୍ରାଣ୍ଡମାଷ୍ଟର ଦୀପ୍ତାୟନ ଘୋଷ ଏଥିରେ ଟପ୍ ସିଡ୍ ରହିଛନ୍ତି । ତାମିଲନାଡୁର ଇନିଆନ ପା' ଦ୍ୱିତୀୟ ସିଡ୍ (ରେଟିଂ-୨୫୧୩) ଓ ୨୫୦୭ ରେଟିଂପ୍ରାପ୍ତ ପଶ୍ଚିମବଙ୍ଗର ମିତ୍ରଭା ଗୁହା ତୃତୀୟ ସିଡ୍ ରହିଛନ୍ତି । ୨୫୦୦ରୁ ଅଧିକ ରେଟିଂପ୍ରାପ୍ତ ଖେଳାଳି ୩ଜଣ ଅଛନ୍ତି । ୨୪୦୦ କିମ୍ବା ତା'ଠାରୁ ଅଧିକ ରେଟିଂପ୍ରାପ୍ତ ଖେଳାଳିଙ୍କ ସଂଖ୍ୟା ୧୨ ରହିଛି । ଏମାନଙ୍କ ମଧ୍ୟରେ ୩ଜଣ ବିଦେଶୀ ଖେଳାଳି ଅଛନ୍ତି । ଟୁର୍ଣ୍ଣାମେଣ୍ଟର ହାରାହାରି ରେଟିଂ ହେଉଛି ୨୧୦୮ । କାଟାଗୋରୀ ଏ ଓ ବି ଏକସଙ୍ଗେ ଖେଳାଯିବ । ପରେ କାଟାଗୋରୀ ସି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ । ସହଯୋଗୀ ପ୍ରାୟୋଜକ ଏମ୍ପିଓ ମୁଖ୍ୟ ଡା. ଅବିନାଶ ସାମଲ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି । ଟୁର୍ଣ୍ଣାମେଣ୍ଟର ନିର୍ଦ୍ଦେଶକ ଭାବେ ଅଲଓଡ଼ିଶା ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ରହିଛନ୍ତି । ଇଣ୍ଟରନ୍ୟାସନାଲ ଆର୍ବିଟର ଆରୋକିଆ ରାଜ ଏସ୍ ପଲ୍ ଏହାର ଚିଫ୍ ଆର୍ବିଟର ରହିଛନ୍ତି ।

**■ ଭାରତ-ଅଷ୍ଟ୍ରେଲିଆ ତୃତୀୟ ଟେଷ୍ଟ**

# ପ୍ରଥମ ଦିନରେ ବର୍ଷା ବାଧକ

ବ୍ରିସ୍‌ବେନ୍, ୧୪।୧୨(ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ମୁକାବିଲା ସ୍ଥାନୀୟ ଗାବ୍‌ବା ଷ୍ଟାଡିୟମ୍‌ରେ ଶନିବାର ଆରମ୍ଭ ହୋଇଛି । କିନ୍ତୁ ଖେଳ ଆରମ୍ଭର ୧୩.୨ ଓଭର ପରେ କ୍ରମାଗତ ବର୍ଷା ଯୋଗୁଁ ଏହି ଟେଷ୍ଟର ପ୍ରଥମ ଦିନ ଖେଳ ବାଧାପ୍ରାପ୍ତ ହୋଇଛି । ଏଥିରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଅଷ୍ଟ୍ରେଲିଆ ଦଳ କୌଣସି ୱିକେଟ ନ ହରାଇ ୨୮ ରନ୍ ସଂଗ୍ରହ କରିନେଇଛି । ବର୍ଷା ଯୋଗୁଁ ଖେଳ ବନ୍ଦ ରହିଲାବେଳେକୁ ଯୁବ ଓପନର ନାଥାନ ମ୍ୟାକ୍‌ସ୍ୱୀନୀ ୩୩ଟି ବଲ୍ ଖେଳି ୪ ଓ ଉସ୍‌ମାନ ଖୱାଜା ୪୭ଟି ବଲ ଖେଳି ୩ ଚୌକା ସହ ୧୯ ରନ୍‌ରେ ବ୍ୟାଟିଂ କରୁଥିଲେ । ଭାରତୀୟ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ ମଧ୍ୟ ପିଚ୍‌ରୁ କୌଣସି ସହାୟତା ବୋଲରଙ୍କୁ ମିଳି ନ ଥିଲା । କିନ୍ତୁ ଭାରତୀୟ ବୋଲରମାନେ ଚମତ୍କାର ଲାଇନ୍ ଓ ଲେନ୍ଥରେ ବୋଲିଂ କରି ଅଷ୍ଟ୍ରେଲୀୟ ବ୍ୟାଟରଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଥିଲେ । ଭାରତ ପକ୍ଷରୁ ଉପଅଧିନାୟକ ଯଶପ୍ରୀତ ବୁମ୍‌ରା ୬ ଓଭର ବୋଲିଂ କରି ୩ଟି ମେଡେନ ସହ ୮ ଓ ମହମ୍ମଦ୍ ସିରାଜ ୪ ଓଭର ବୋଲିଂ କରି ୨ଟି ମେଡେନ ସହ ୧୩ ରନ୍ ଦେଇଛନ୍ତି । ତୃତୀୟ ଫାଷ୍ଟ ବୋଲର ଆକାଶ ଦୀପ ୩.୨ ଓଭର ବୋଲିଂ କରି ୨ଟି ମେଡେନ୍ ସହ ମାତ୍ର ୨ ରନ୍ ଦେଇଥିଲେ । ପ୍ରଥମ ୧୩.୨ ଓଭର ପରେ କ୍ରମାଗତ ବର୍ଷା ଯୋଗୁଁ ଖେଳ ଆଉ ସମ୍ଭବ ହୋଇ ନ ଥିଲା ।

ଏହି ଟେଷ୍ଟ ଲାଗି ଭାରତୀୟ ଦଳରେ ଦୁଇଜଣ ଖେଳାଳି ପରିବର୍ତ୍ତନ କରାଯାଇଥିଲା । ଦ୍ୱିତୀୟ ଟେଷ୍ଟରେ ପରାଜିତ ହୋଇଥିବା ଭାରତୀୟ ଦଳରୁ ରବିଚନ୍ଦ୍ରନ ଅଶ୍ୱିନ ଓ ହର୍ଷିତ ରାଣାଙ୍କ ବଦଳରେ ରବୀନ୍ଦ୍ର ଜାଡେଜା ଓ ଆକାଶ ଦୀପ୍‌ଙ୍କୁ ସାମିଲ କରାଯାଇଥିଲା । ସେହିପରି ସ୍କଟ୍ ବୋଲାଣ୍ଡଙ୍କ ସ୍ଥାନରେ ଫିଟ ହୋଇଥିବା ଜୋଶ ହାଜ୍‌ଲେଉଡ୍ ଅଷ୍ଟ୍ରେଲୀୟ ଦଳରେ ସାମିଲ ହୋଇଥିଲେ । ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୧-୧ ବରାବର ସ୍ଥିତିରେ ରହିଛନ୍ତି ।



ବର୍ଷା ଯୋଗୁଁ ପ୍ରଥମ ଦିନ ଖେଳ ବାଧାପ୍ରାପ୍ତ ହେବାରୁ ଅନ୍ୟ ଦିନ ଗୁଡିକରେ ଓଭର ସଂଖ୍ୟା ୯୮କୁ ବଢ଼ାଇ ଦିଆଯାଇଛି । ଏହା ଫଳରେ ଖେଳ ଆଗୁଆ ଆରମ୍ଭ ହେବ । ସେହିପରି କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ପ୍ରଥମ ଦିନ ଲାଗି ଟିକ୍‌ଟ କାଟିଥିବା ଦର୍ଶକଙ୍କୁ ଅର୍ଥ ଫେରସ୍ତ କରାଯିବ ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS